

# ଆପଣଙ୍କ ଜୀବନ ନିମନ୍ତେ ରହିଥିବା ଈଶ୍ୱରଙ୍କ ଉଦ୍ଦେଶ୍ୟକୁ ପୂରଣ କରନ୍ତୁ

ଆଶିଷ୍ ରାଇଚୁର୍

**ଏହି ପୁସ୍ତକ ମାଗଣାରେ ବଣ୍ଟନ ପାଇଁ ଉଦ୍ଦିଷ୍ଟ ।**

ମୁଦ୍ରଣ ଓ ବଣ୍ଟନ : ଅଲ୍ ପିପୁଲ୍ସ ଚର୍ଚ୍ଚ ଆଣ୍ଡ୍ ୱାଲର୍ଡ୍ ଆଉଟ୍‌ରିଚ୍, ବାଙ୍ଗାଲୁରୁ, ଇଣ୍ଡିଆ

ପ୍ରଥମ ସଂସ୍କରଣ : ଫେବୃୟାରୀ ୨୦୨୦

ଓଡ଼ିଆ ଅନୁବାଦ : ଭାବୀ ବିଭବ ବନିଫେସ୍ କର

**ଯୋଗାଯୋଗ ଠିକଣା :**

All Peoples Church & World Outreach
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore - 560043
Karnataka, India
Phone : +91-80-25452617
Email : bookrequest@apcwo.org
Website : **www.apcwo.org**

**ଆର୍ଥିକ ଭାଗୀଦାରୀ :**

ଅଲ୍ ପିପୁଲ୍ସ ଚର୍ଚ୍ଚର ସଦସ୍ୟ, ଅଂଶୀଦାର ଓ ବନ୍ଧୁମାନଙ୍କର ଆର୍ଥିକ ସାହାଯ୍ୟ ଯୋଗୁଁ ଏହି ପୁସ୍ତକକୁ ମାଗଣାରେ ବଣ୍ଟନ କରିବା ସମ୍ଭବ ହୋଇପାରିଛି । ମାଗଣାରେ ଉପଲବ୍ଧ ଏହି ପୁସ୍ତକ ଦ୍ୱାରା ଯଦି ଆପଣ ଆତ୍ମିକ ଆଶୀର୍ବାଦ ପାଇଛନ୍ତି, ତେବେ ଏହାର ପୁନଃ ମୁଦ୍ରଣ ଓ ବଣ୍ଟନ ନିମନ୍ତେ ଅଲ୍ ପିପୁଲ୍ସ ଚର୍ଚ୍ଚ ଉଦ୍ଦେଶ୍ୟରେ ଆପଣଙ୍କ ସ୍ୱେଚ୍ଛାକୃତ ଦାନ ପଠାଇ ପାରନ୍ତି । ଆପଣଙ୍କ ଦାନ କିପରି ପଠାଇବେ ଜାଣିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/giveକୁ ପରିଦର୍ଶନ କରନ୍ତୁ କିମ୍ବା ଏହି ପୁସ୍ତକର ଶେଷ ଭାଗରେ ଥିବା ପୃଷ୍ଠା "ଅଲ୍ ପିପୁଲ୍ସ ଚର୍ଚ୍ଚର ଅଂଶୀଦାର ହୁଅନ୍ତୁ"କୁ ପାଠ କରନ୍ତୁ । ଧନ୍ୟବାଦ !

**ମେଲିଂ ଲିଷ୍ଟ୍ :**

ଏହି ପ୍ରକାଶନ ପକ୍ଷରୁ ନୂତନ ଭାବରେ ପ୍ରକାଶ ପାଉଥିବା ପୁସ୍ତକଗୁଡ଼ିକୁ ପାଇବା ନିମନ୍ତେ ଆପଣଙ୍କର ସଠିକ୍ ଡାକ ଠିକଣା ଆମ ନିକଟକୁ ଇମେଲ୍ କରି ପଠାନ୍ତୁ । ଆପଣଙ୍କ ଠିକଣା ଆମ ମେଲିଂ ଲିଷ୍ଟ୍‌ରେ ଅନ୍ତର୍ଭୁକ୍ତ କରାଯିବ । ଆମର ଇମେଲ୍ : bookrequest@apcwo.org

**ଭାରତ ଭିତରେ ମାଗଣା ବଲ୍କ ଅର୍ଡ଼ର :**

ଆପଣଙ୍କ ସ୍ଥାନୀୟ ମଣ୍ଡଳୀରେ, ବାଇବଲ୍ ଅଧ୍ୟୟନ ଦଳରେ, ବାଇବଲ୍ କଲେଜ୍‌ରେ, ସେମିନାର୍‌ରେ, ସଭାସମିତିରେ, ବହି ଦୋକାନରେ, ବ୍ୟବସାୟ ଇତ୍ୟାଦିରେ ମାଗଣାରେ ବଣ୍ଟନ କରିବା ପାଇଁ ଆମେ ଆମର ପୁସ୍ତକସବୁ ପଠାଇପାରିବୁ । ଆପଣଙ୍କ ଡାକ ଠିକଣା ଓ କେତେ ଖଣ୍ଡ ପୁସ୍ତକ ଆବଶ୍ୟକ ତାହା ଆମକୁ ଇମେଲ୍ କରି bookrequest@apcwo.org ଠିକଣାରେ ପଠାନ୍ତୁ ।

**Fulfilling God's Purpose for your Life (Odia)**

# ଆପଣଙ୍କ ଜୀବନ ନିମନ୍ତେ
# ରହିଥିବା ଈଶ୍ୱରଙ୍କ ଉଦ୍ଦେଶ୍ୟକୁ
# ପୂରଣ କରନ୍ତୁ

# ସୂଚୀପତ୍ର


**ମୁଖବନ୍ଧ** ୧

**୧. ଆପଣଙ୍କ ଜୀବନ ନିମନ୍ତେ ଯେ ଈଶ୍ୱରଙ୍କର ଏକ ଉଦ୍ଦେଶ୍ୟ ରହିଛି ଏହା ଜାଣନ୍ତୁ** ୨

୧. ଈଶ୍ୱର ଯୋଜନାର, ଉଦ୍ଦେଶ୍ୟର, ପରିକଳ୍ପନାର, ଅଭିପ୍ରାୟର ଈଶ୍ୱର ଅଟନ୍ତି

୨. ଈଶ୍ୱରଙ୍କ ଏକ ଉଦ୍ଦେଶ୍ୟ ରହିଛି ଯାହାକୁ ଏକ 'ସାଧାରଣ ଉଦ୍ଦେଶ୍ୟ' ବା 'ମହାଯୋଜନା' କୁହାଯାଏ। ଏହାକୁ ସେ ପୃଥିବୀରେ କାର୍ଯ୍ୟକାରୀ କରି ଚାଲିଛନ୍ତି

୩. ଆପଣଙ୍କ ନିମନ୍ତେ ଈଶ୍ୱରଙ୍କର ଏକ ଉଦ୍ଦେଶ୍ୟ ରହିଛି- 'ଏକ ନିର୍ଦ୍ଦିଷ୍ଟ ଯୋଜନା'

୪. ଆମମାନଙ୍କ ନିମନ୍ତେ ରହିଥିବା ଈଶ୍ୱରଙ୍କ ଯୋଜନା ସର୍ବଦା ଉତ୍ତମ ଅଟେ !

୫. ଈଶ୍ୱରଙ୍କ ଯୋଜନାକୁ ସଫଳ କରିବା ପାଇଁ ଆମକୁ ତାଙ୍କ ସଙ୍ଗେ ସହଯୋଗ କରିବାକୁ ହେବ

୬. ଆମ ଜୀବନ ନିମନ୍ତେ ରହିଥିବା ଈଶ୍ୱରଙ୍କ ଯୋଜନାକୁ ଆମେ ଆବିଷ୍କାର ଓ ଅନୁଧାବନ କରିବାକୁ ହେବ

୭. ଈଶ୍ୱର ତାହାଙ୍କର ଯୋଜନା ଓ ସଂକଳ୍ପକୁ ସଫଳ କରିବା ଦିଗରେ ଆପଣଙ୍କୁ ପ୍ରସ୍ତୁତ କରିବେ

୮. ଆମର ଭୁଲ ହୋଇପାରେ- କିନ୍ତୁ ଆମମାନଙ୍କ ବିଫଳତାକୁ ଅତିକ୍ରମ କରି ତାହାଙ୍କ ଆହ୍ୱାନକୁ ସମ୍ପୂର୍ଣ୍ଣରୂପେ ପୂରଣ କରିବାକୁ ଈଶ୍ୱର ଆମକୁ ସାହାଯ୍ୟ କରିବେ

୯. ଈଶ୍ୱରଙ୍କ ଉଦ୍ଦେଶ୍ୟକୁ ବିଫଳ କରିବା ପାଇଁ ଶୟତାନ ଯଥାସାଧ୍ୟ ଚେଷ୍ଟା କରିଥାଏ

୧୦. ଈଶ୍ୱରଙ୍କ ଆହ୍ୱାନ ପ୍ରତି ଆମର ମନଧ୍ୟାନ ରହିବା ଆବଶ୍ୟକ

୧୧. ଆମେ ଧୈର୍ଯ୍ୟଶୀଳ ହେବା ଆବଶ୍ୟକ

**୨. ଆପଣଙ୍କ ଜୀବନ ନିମନ୍ତେ ଥିବା ଈଶ୍ୱରଙ୍କ ଉଦ୍ଦେଶ୍ୟକୁ ଜାଣନ୍ତୁ** ୧୦

୧. ଈଶ୍ୱରଙ୍କ ବାକ୍ୟର ସାଧାରଣ ଶିକ୍ଷା ଓ ନିର୍ଦ୍ଦେଶକୁ ଜାଣନ୍ତୁ

୨. ଆପଣଙ୍କ ଜୀବନର 'ବୀଜଗୁଡ଼ିକୁ' ଜାଣନ୍ତୁ

୩. ଅନ୍ତରର ଆଲୋଡ଼ନକୁ ଜାଣନ୍ତୁ

୪. ଆପଣଙ୍କୁ ପ୍ରଦତ୍ତ ଈଶ୍ୱରଙ୍କ ଅନୁଗ୍ରହକୁ ଜାଣନ୍ତୁ

୫. ଈଶ୍ୱରଙ୍କ ଆତ୍ମାଙ୍କ ଚାଳନାକୁ ଜାଣନ୍ତୁ

୬. ପରିସ୍ଥିତିସବୁକୁ ଜାଣନ୍ତୁ

୭. ଧାର୍ମିକ ପରାମର୍ଶ ଓ ଜ୍ଞାନକୁ ଜାଣନ୍ତୁ

୮. ସମୟ ଓ କାଳକୁ ଜାଣନ୍ତୁ

୯. ଆପଣଙ୍କ ଜୀବନରେ ଈଶ୍ୱରଙ୍କ କାର୍ଯ୍ୟଧାରାକୁ ଜାଣନ୍ତୁ

**୩. ଈଶ୍ୱରଙ୍କ ପ୍ରସ୍ତୁତି ପ୍ରକ୍ରିୟାକୁ ଜାଣିବା** ୩୦

୧. ପ୍ରସ୍ତୁତି ପ୍ରକ୍ରିୟା ମାଧ୍ୟମରେ ଈଶ୍ୱର କ'ଣ ହାସଲ କରିବାକୁ ଚାହିଁଥାନ୍ତି ?

୨. ଈଶ୍ୱର ଆମମାନଙ୍କୁ କିପରି ପ୍ରସ୍ତୁତ କରନ୍ତି ?

୩. ଈଶ୍ୱରଙ୍କ ପ୍ରସ୍ତୁତି ପ୍ରକ୍ରିୟା ମଧ୍ୟ ଦେଇ ଯିବା ବେଳେ ଯେଉଁସବୁ ବିଷୟ ମନରେ ରଖିବା ଉଚିତ

**୪. ତାହାଙ୍କ ଉଦ୍ଦେଶ୍ୟସମୂହକୁ ସଫଳ କରିବା ପାଇଁ ନିଜକୁ ଆସୀନ କରିବା** ୪୦

୧. ତାହାଙ୍କ ଉଦ୍ଦେଶ୍ୟସମୂହକୁ ସଫଳ କରିବାକୁ ଆସୀନ

୨. ତାହାଙ୍କ ଯୋଗାଣକୁ ଗ୍ରହଣ କରିବାକୁ ଆସୀନ

୩. ସୁରକ୍ଷା ପାଇବା ନିମନ୍ତେ ଆସୀନ

୪. ପଦୋନ୍ନତି ନିମନ୍ତେ ଆସୀନ

୫. ଈଶ୍ୱରଙ୍କ ଚଳିତ ପଦକ୍ଷେପ ନିମନ୍ତେ ଆସୀନ

୬. ନିଜକୁ ଆସୀନ କରିବା ବେଳେ କେଉଁସବୁ ବିଷୟକୁ ମନରେ ରଖିବା ଉଚିତ

**୫. ଈଶ୍ୱରଙ୍କ ଉଚ୍ଚ ଆହ୍ୱାନର ମୂଲ୍ୟ** ୪୬
୧. ଦୈନିକ ତ୍ୟାଗସମୂହ
୨. ଜୀବନର ତ୍ୟାଗସମୂହ
୩. ଆତ୍ମାରେ ଚାଳିତ ତ୍ୟାଗସମୂହ ଓ ଶାରୀରିକ ତ୍ୟାଗସମୂହ
**୬. ନିରୂପିତ ପଥର ଶେଷ ପର୍ଯ୍ୟନ୍ତ ଦୌଡ଼ିବା** ୪୯
୧. ଯୋଜନା
୨. ଶେଷ ପର୍ଯ୍ୟନ୍ତ ଦୌଡ଼ିବା

# ମୁଖବନ୍ଧ

ମନୁଷ୍ୟ ଜୀବନରେ ଈଶ୍ୱରଙ୍କର ଏକ ଯୋଜନା, ଏକ ଉଦ୍ଦେଶ୍ୟ, ଏକ ସ୍ୱପ୍ନ ଓ ଏକ ଅଦୃଷ୍ଟ ରହିଛି– ଏହି ବିଷୟ ବିଶ୍ୱାସୀବର୍ଗ ଯେପରି ଉପଲବ୍ଧି କରିବେ, ଏହା ସେମାନଙ୍କୁ ଜଣାଇବା ପାଇଁ ୧୯୯୩ ସାଲରେ ଈଶ୍ୱର ମୋ ମନରେ ଏକ ପ୍ରବୃତ୍ତି ଦେଲେ । ''ଆପଣଙ୍କର ଜୀବନ ନିମନ୍ତେ ଈଶ୍ୱରଙ୍କର ଏକ ଉଦ୍ଦେଶ୍ୟ ରହିଛି''– ଏହି ପ୍ରସଙ୍ଗକୁ ନେଇ ପୂର୍ବରୁ ଅନେକବର୍ଷ ଧରି ମୁଁ ପ୍ରଚାର ଓ ଶିକ୍ଷା ଦେଇ ଆସିଛି । ବ୍ୟକ୍ତିଗତ ଅଧ୍ୟୟନ, ପର୍ଯ୍ୟବେକ୍ଷଣ ଓ ପ୍ରଭୁଙ୍କର ଦାସମାନଙ୍କର ଶିକ୍ଷା ଶୁଣିବା ପରେ, ଈଶ୍ୱରଙ୍କ ଯୋଜନାକୁ କିପରି ଜାଣିବା ଏବଂ ଈଶ୍ୱର କିପରି ଆମମାନଙ୍କ ଜୀବନରେ ତାହାଙ୍କ ଯୋଜନାକୁ ଉନ୍ମୋଚନ ଓ ପୂରଣ କରିବା ଦିଗରେ ଆମମାନଙ୍କୁ କଢ଼ାଇ ନିଅନ୍ତି ସେ ବିଷୟରେ ମୁଁ ଅଧିକ କିଛି ଜାଣିଲି । ଏହି ଅଧ୍ୟୟନ ପୁସ୍ତକ ମୋର ସେହି ଅନୁଧ୍ୟାନଜନିତ ଜ୍ଞାନର ସଂକଳନ ଅଟେ ।

ଈଶ୍ୱରଙ୍କ ଲୋକମାନେ ଏହି ସତ୍ୟକୁ ସେମାନଙ୍କ ହୃଦୟରେ ଧାରଣ କରି ସ୍ୱର୍ଗୀୟ ଉଦ୍ଦେଶ୍ୟରେ ବଞ୍ଚିବା ଦେଖିଲେ ଆନନ୍ଦ ଲାଗେ । ଆମ ମଣ୍ଡଳୀରେ ଆମେ ବାରମ୍ବାର କହିଥାଉ ଯେ, ଅଲ୍ ପିପୁଲ୍ସ ଚର୍ଚ୍ଚର ପ୍ରତ୍ୟେକ ବିଶ୍ୱାସୀ ଜଣେ ଜଣେ ପ୍ରଭୁଙ୍କର ସେବକ ଅଟନ୍ତି । ବିଶ୍ୱାସୀମାନଙ୍କୁ ସେମାନଙ୍କର ଈଶ୍ୱରଦତ୍ତ ସେବାକାର୍ଯ୍ୟ ନିମନ୍ତେ ସଜ୍ଜିତ ଓ ପ୍ରସ୍ତୁତ କରି ସେମାନଙ୍କୁ ମୁକ୍ତ କରିବା ଆମର ବାଞ୍ଛା ଓ ଲକ୍ଷ୍ୟ । ଆପଣ ମଣ୍ଡଳୀ ମଧ୍ୟରେ ବା ବାହାରେ ସେବାକାର୍ଯ୍ୟ କରିପାରିବେ । ଆପଣ ବ୍ୟାବସାୟିକ, କ୍ରୀଡ଼ା, ଶିକ୍ଷା, କଳା ଇତ୍ୟାଦି କ୍ଷେତ୍ରରେ ଏହି ସେବାକାର୍ଯ୍ୟ କରିପାରିବେ, କାରଣ ଆପଣଙ୍କ ନିମନ୍ତେ ରହିଥିବା ଈଶ୍ୱରଙ୍କ ଉଦ୍ଦେଶ୍ୟ କେବଳ ମଣ୍ଡଳୀ ମଧ୍ୟରେ ସୀମାବଦ୍ଧ ନୁହେଁ ।

ଆପଣଙ୍କ ଜୀବନ ନିମନ୍ତେ ରହିଥିବା ଈଶ୍ୱରଙ୍କର ସ୍ୱପ୍ନକୁ ଆପଣ ଜାଣନ୍ତୁ । ଆପଣଙ୍କ ଜୀବନ ନିମନ୍ତେ ରହିଥିବା ଈଶ୍ୱରଙ୍କ ଉଦ୍ଦେଶ୍ୟକୁ ନେଇ ବଞ୍ଚିବାର ପଟାନ୍ତର ନାହିଁ, କାରଣ ବଞ୍ଚିବା ପାଇଁ ଏହାଠାରୁ ବଳି ଉଚ୍ଚତର ଓ ମହତ୍ତର ଉଦ୍ଦେଶ୍ୟ ଓ ସୁଯୋଗ ଆଉ କିଛି ନାହିଁ । ସ୍ୱର୍ଗୀୟ ଆହ୍ୱାନକୁ ଅନୁସରଣ ଓ ପୂରଣ କରିବାରେ ଯେଉଁ ସନ୍ତୋଷ ମିଳେ ତାହା ଅନ୍ୟ କାହିଁରେ ମିଳେନାହିଁ । ଈଶ୍ୱରଙ୍କ ସଙ୍ଗେ ଗମନାଗମନ କରିବା ଓ ଆମ ନିମନ୍ତେ ସେ ପରିକଳ୍ପନା କରିଥିବା ବିଷୟସବୁକୁ ସଫଳ କରିବାଠାରୁ ବଳି ବଡ଼ ଦୁଃସାହସିକ କାର୍ଯ୍ୟ କିଛି ନାହିଁ ।

ଅବଶ୍ୟ ଏହା ସହଜ ନୁହେଁ । ସମ୍ମୁଖସ୍ଥ ଅନେକ ବାଧାବିଘ୍ନକୁ ଦୂରକରି, ଶୟତାନ ଉପରେ ଜୟଲାଭ କରି ଓ ପଥରୋଧକାରୀ ଲୋକମାନଙ୍କୁ ଏଡ଼ାଇ ଆଗକୁ ବଢ଼ିବାକୁ ହେବ ! ତେବେ ଅଟଳ ରହନ୍ତୁ, ଦେଖିବେ ଆପଣଙ୍କ ନିମନ୍ତେ ରହିଥିବା ଈଶ୍ୱରଙ୍କ ସ୍ୱପ୍ନ ସାକାର ହେବ ।

ଆପଣଙ୍କ ଜୀବନ ନିମନ୍ତେ ରହିଥିବା ଈଶ୍ୱରଙ୍କର ସ୍ୱପ୍ନକୁ ଅନୁସରଣ କରି ଏହି ଯାତ୍ରାକୁ ଉପଭୋଗ କରନ୍ତୁ !

# ୧

# ଆପଣଙ୍କ ଜୀବନ ନିମନ୍ତେ ଯେ ଈଶ୍ୱରଙ୍କର ଏକ ଉଦ୍ଦେଶ୍ୟ ରହିଛି ଏହା ଜାଣନ୍ତୁ

## ୧. ଈଶ୍ୱର ଯୋଜନାର, ଉଦ୍ଦେଶ୍ୟର, ପରିକଳ୍ପନାର, ଅଭିପ୍ରାୟର ଈଶ୍ୱର ଅଟନ୍ତି

*ଗୀତ ୩୩:୧୧*

ସଦାପ୍ରଭୁଙ୍କ ମନ୍ତ୍ରଣା ଅନନ୍ତକାଳସ୍ଥାୟୀ; ତାହାଙ୍କ ଚିତ୍ତର ସଙ୍କଳ୍ପସବୁ ପୁରୁଷାନୁକ୍ରମେ ଥାଏ।

ଈଶ୍ୱରଙ୍କର ନିର୍ଦ୍ଦିଷ୍ଟ ଯୋଜନା, ଉଦ୍ଦେଶ୍ୟ, ପରିକଳ୍ପନା ଓ ଅଭିପ୍ରାୟ ରହିଥାଏ। ଈଶ୍ୱର କେବେହେଲେ କୌଣସି ଲକ୍ଷ୍ୟ, ଉଦ୍ଦେଶ୍ୟ ବା ନୀତି ନଥାଇ ମନମୁଖୀ କାର୍ଯ୍ୟ କରିନଥାନ୍ତି।

*ପ୍ରେରିତ ୧୫:୧୮*

ଯୁଗ ଆରମ୍ଭରୁ ଈଶ୍ୱର ଆପଣାର ସମସ୍ତ କର୍ମ ଜ୍ଞାତ ଅଟନ୍ତି।

*ଯିଶାଇୟ ୪୬:୧୦*

ଆମ୍ଭେ ଶେଷ ବିଷୟ ଆଦିଠାରୁ ପ୍ରକାଶ କରୁ, ପୁଣି ଯାହା ସାଧିତ ହୋଇନାହିଁ, ତାହା ପ୍ରାଚୀନ କାଳରୁ ଜଣାଉ, ଆଉ କହୁ, ଆମ୍ଭର ମନ୍ତ୍ରଣା ସ୍ଥିର ହେବ ଓ ଆମ୍ଭେ ଆପଣାର ସକଳ ମନୋରଥ ସିଦ୍ଧ କରିବା।

ଈଶ୍ୱର କୌଣସି ବିଷୟର ଅନ୍ତିମକୁ ଆଦ୍ୟରୁ ହିଁ ଜାଣନ୍ତି। ଯାତ୍ରାରମ୍ଭରୁ ହିଁ ସେ ଗନ୍ତବ୍ୟସ୍ଥଳକୁ ଓ ସେଠାରୁ କିପରି ପହଞ୍ଚିବାକୁ ହେବ ତାହା ସେ ଜାଣନ୍ତି।

## ୨. ଈଶ୍ୱରଙ୍କ ଏକ ଉଦ୍ଦେଶ୍ୟ ରହିଛି ଯାହାକୁ ଏକ 'ସାଧାରଣ ଉଦ୍ଦେଶ୍ୟ' ବା 'ମହାଯୋଜନା' କୁହାଯାଏ। ଏହାକୁ ସେ ପୃଥିବୀରେ କାର୍ଯ୍ୟକାରୀ କରି ଚାଲିଛନ୍ତି

*ଏଫିସୀୟ ୧:୯-୧୨*

୯ ପୂର୍ବରୁ ସଙ୍କଳ୍ପ କରିଥିବା ଆପଣା ମଙ୍ଗଳମୟ ଇଚ୍ଛାନୁସାରେ ସେ ଆମ୍ଭମାନଙ୍କୁ ଆପଣା ଇଚ୍ଛାର
ନିଗୂଢ଼ତତ୍ତ୍ୱ ଜ୍ଞାତ କରାଇଅଛନ୍ତି। ୧୦ ଯେପରି କାଳର ପୂର୍ଣ୍ଣତା ସମ୍ବନ୍ଧୀୟ ତାହାଙ୍କ ସଙ୍କଳ୍ପାନୁସାରେ
ସ୍ୱର୍ଗରେ କି ମର୍ତ୍ତ୍ୟରେ ଥିବା ସମସ୍ତ ବିଷୟ ସେ ଆପଣା ନିମନ୍ତେ ଖ୍ରୀଷ୍ଟଙ୍କଠାରେ ଏକୀଭୂତ କରିବେ।
୧୧ ତାହାଙ୍କଠାରେ ମଧ୍ୟ ଆମ୍ଭେମାନେ ଅଧିକାର ସ୍ୱରୂପ ହୋଇଅଛୁ, ଯେଣୁ ଯେଉଁ ଈଶ୍ୱର ଆପଣା
ଇଚ୍ଛାର ସଙ୍କଳ୍ପାନୁସାରେ ସମସ୍ତ ବିଷୟ ସାଧନ କରନ୍ତି, ତାହାଙ୍କ ଅଭିପ୍ରାୟ ଅନୁସାରେ ଆମ୍ଭେମାନେ
ପୂର୍ବରୁ ନିରୂପିତ ହେଲୁ, ୧୨ ଯେପରି ଖ୍ରୀଷ୍ଟଙ୍କ ଠାରେ ପୂର୍ବରୁ ଭରସା କରିଥିଲୁ ଯେ ଆମ୍ଭେମାନେ,
ଆମ୍ଭେମାନେ ଈଶ୍ୱରଙ୍କ ଗୌରବର ପ୍ରଶଂସାର କାରଣ ହେଉ।

*ଏଫିସୀୟ ୩:୧୧*

ତଦନୁସାରେ ମଣ୍ଡଳୀ ଦ୍ୱାରା ଯେପରି ତାହାଙ୍କର ବହୁବିଧ ଜ୍ଞାନ ସ୍ୱର୍ଗରେ କର୍ତ୍ତାପଣ ଓ ଅଧିକାରପ୍ରାପ୍ତ ବ୍ୟକ୍ତିମାନଙ୍କୁ ଜ୍ଞାତ କରାଯାଏ।

ଈଶ୍ୱରଙ୍କର ଏକ ଅନନ୍ତକାଳୀନ ଉଦ୍ଦେଶ୍ୟ ରହିଛି ଯାହାକୁ ସେ ପ୍ରକାଶ କରୁଛନ୍ତି ଓ ପୃଥିବୀରେ ତାହା କାର୍ଯ୍ୟକାରୀ କରୁଛନ୍ତି। ଏହାକୁ ଆମେ ଈଶ୍ୱରଙ୍କ ମହାଯୋଜନା ବା ମାଷ୍ଟର ପ୍ଲାନ୍ କହୁ। ଏହାକୁ ସେ ଆଜି ପୃଥିବୀରେ କାର୍ଯ୍ୟକାରୀ କରୁଛନ୍ତି।

ଲୋକମାନଙ୍କୁ ଉଦ୍ଧାର କରିବା, ସେମାନେ ଯେପରି ସତ୍ୟ ସମ୍ବନ୍ଧୀୟ ଜ୍ଞାନ ପାଇବେ ଓ ତାହାଙ୍କ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ପ୍ରତିମୂର୍ତ୍ତି ଅନୁରୂପୀ ହେବେ ସେ ଦିଗରେ ସେମାନଙ୍କୁ କଢ଼ାଇ ନେବା ଈଶ୍ୱରଙ୍କ ମହାଯୋଜନାର ଅଂଶବିଶେଷ।

*୧ ତୀମଥି ୨:୩,୪*

ଏହା ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଈଶ୍ୱରଙ୍କ ଦୃଷ୍ଟିରେ ଉତ୍ତମ ଓ ସୁଗ୍ରାହ୍ୟ ଅଟେ। ସମସ୍ତେ ଯେପରି ପରିତ୍ରାଣ ଓ ସତ୍ୟ ସମ୍ବନ୍ଧରେ ଜ୍ଞାନ ପ୍ରାପ୍ତ ହୁଅନ୍ତି, ଏହା ସେ ଇଚ୍ଛା କରନ୍ତି।

## ୩. ଆପଣଙ୍କ ନିମନ୍ତେ ଈଶ୍ୱରଙ୍କର ଏକ ଉଦ୍ଦେଶ୍ୟ ରହିଛି– 'ଏକ ନିର୍ଦ୍ଦିଷ୍ଟ ଯୋଜନା'

*ଗୀତ ୧୩୯:୧୬*

ତୁମ୍ଭ ଚକ୍ଷୁ ମୋହର ସେହି ଅସମ୍ପୂର୍ଣ୍ଣ ପିଣ୍ଡ ଦେଖିଲା ଓ ମୋହର ଯେଉଁସବୁ ଅଙ୍ଗପ୍ରତ୍ୟଙ୍ଗ ଦିନକୁ ଦିନ ଗଠିତ ହେଲା, ତନ୍ମଧ୍ୟରୁ ଗୋଟିଏ ହେଲେ ନ ହେଉଣୁ ତାହାସବୁ ତୁମ୍ଭ ପୁସ୍ତକରେ ଲିଖିତ ଥିଲା।

ଆପଣଙ୍କ ଜୀବନ ନିମନ୍ତେ ଈଶ୍ୱରଙ୍କର ଏକ ନିର୍ଦ୍ଦିଷ୍ଟ ଯୋଜନା ରହିଛି। ଆପଣଙ୍କ ଜୀବନ ନିମନ୍ତେ ଈଶ୍ୱରଙ୍କର ଏକ ସ୍ୱପ୍ନ ରହିଛି।

ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନେଇ ସେ ଆପଣଙ୍କୁ ସୃଷ୍ଟି କଲେ। ତାହାଙ୍କ ମନରେ ଆପଣଙ୍କ ନିମନ୍ତେ ଯେଉଁ ଉଦ୍ଦେଶ୍ୟ ରହିଛି ତାହାକୁ ପୂରଣ କରିବା ଲକ୍ଷ୍ୟ ନେଇ ସେ ଆପଣଙ୍କୁ ଗଢ଼ିଛନ୍ତି।

*ଫିଲିପୀୟ ୩:୧୨*

ମୁଁ ଯେ ଏବେ ସେହିସମସ୍ତ ପ୍ରାପ୍ତ ହୋଇଅଛି ଅବା ସିଦ୍ଧି ଲାଭ କରିଅଛି, ତାହା ନୁହେଁ, କିନ୍ତୁ ମୁଁ ଖ୍ରୀଷ୍ଟ ଯୀଶୁଙ୍କ ଦ୍ୱାରା ଧୃତ ହୋଇଥିବାରୁ ତାହା ଧରିବା ପାଇଁ ଦୌଡୁଅଛି।

"ତାହା ପାଇଁ" ଅର୍ଥାତ୍ ଏକ ନିର୍ଦ୍ଦିଷ୍ଟ ବିଷୟ ପାଇଁ ଆପଣ ଖ୍ରୀଷ୍ଟ ଯୀଶୁଙ୍କ ଦ୍ୱାରା ଧୃତ ହୋଇଅଛନ୍ତି। ଆପଣଙ୍କ ନିମନ୍ତେ ତାହାଙ୍କର ଏକ ଯୋଜନା ଓ ଉଦ୍ଦେଶ୍ୟ ରହିଛି।

*ଏଫିସୀ ୨:୧୦*

କାରଣ ଆମ୍ଭେମାନେ ତାହାଙ୍କ ରଚନା, ଯେସମସ୍ତ ସତ୍‌କାର୍ଯ୍ୟ ଆମ୍ଭେମାନେ କରିବୁ ବୋଲି ଈଶ୍ୱର ପୂର୍ବରୁ ଆୟୋଜନ କରିଥିଲେ, ଆଚରଣରେ ସେହିସବୁ ସାଧନ କରିବା ନିମନ୍ତେ ଖ୍ରୀଷ୍ଟ ଯୀଶୁଙ୍କଠାରେ ସୃଷ୍ଟ।

ଆପଣ ପୃଥିବୀରେ ଯେଉଁସବୁ "ସତ୍‌କାର୍ଯ୍ୟ" କରିବେ ତାହା ଈଶ୍ୱର ପୂର୍ବରୁ ଆୟୋଜନ କରିଥିଲେ।

ଈଶ୍ୱର ଚାହାନ୍ତି ଯେ ଆପଣଙ୍କୁ ଅନେକ ସ୍ଥାନକୁ ଯିବାକୁ ହେବ; ଅନେକଙ୍କୁ ସ୍ପର୍ଶ କରିବାକୁ ହେବ; ଅନେକଙ୍କ ଜୀବନକୁ ପ୍ରଭାବିତ କରିବାକୁ ହେବ; ଅନେକ କାର୍ଯ୍ୟ କରିବାକୁ ହେବ; ଅନେକ ନଗରକୁ ପରିବର୍ତ୍ତନ କରିବାକୁ ହେବ, ଅନେକ ରାଷ୍ଟ୍ରକୁ ଦୋହଲାଇବାକୁ ହେବ!

ଜୀବନ ଯାପନ କରିବା ଅତି ସରଳ । ଈଶ୍ୱର ଆପଣଙ୍କ ଜୀବନ ନିମନ୍ତେ କ'ଣ ଯୋଜନା ପ୍ରସ୍ତୁତ କରିଛନ୍ତି ତାହା ଜାଣନ୍ତୁ ଓ ତଦନୁସାରେ ଆଚରଣ କରନ୍ତୁ।

*୨ତୀମଥି ୧:୯*

ସେ ଆମ୍ଭମାନଙ୍କୁ ପରିତ୍ରାଣ କରିଅଛନ୍ତି ଓ ପବିତ୍ର ଆହ୍ୱାନରେ ଆହ୍ୱାନ କରିଅଛନ୍ତି; ଆମ୍ଭମାନଙ୍କ କର୍ମାନୁସାରେ ସେ ତାହା କରି ନାହାନ୍ତି, ମାତ୍ର ତାହାଙ୍କ ନିଜ ସଂକଳ୍ପ ଓ ଅନୁଗ୍ରହ ଅନୁସାରେ କରିଅଛନ୍ତି; ସେହି ଅନୁଗ୍ରହ ଅନାଦିକାଳ ପୂର୍ବରେ ଖ୍ରୀଷ୍ଟ ଯୀଶୁଙ୍କଠାରେ ଆମ୍ଭମାନଙ୍କୁ ପ୍ରଦତ୍ତ ହୋଇଥିଲା।

ଈଶ୍ୱର ଆପଣଙ୍କୁ "ତାହାଙ୍କ ନିଜ ସଂକଳ୍ପ" ବା ଉଦ୍ଦେଶ୍ୟ ଅନୁସାରେ ଆହ୍ୱାନ କରିଅଛନ୍ତି। ତାହାଙ୍କର ଏହି ଉଦ୍ଦେଶ୍ୟ ସଫଳ କରିବାକୁ ଯାଇ ଈଶ୍ୱରଙ୍କ ସଙ୍ଗେ ଅଂଶୀଦାର ହେବା ନିମନ୍ତେ ସେ ଆପଣଙ୍କୁ ଆହ୍ୱାନ କରିଅଛନ୍ତି। ଏହା ଏକ ନିରାଟ ସତ୍ୟ। ଆମେମାନେ ଆପଣା ଉଦ୍ଦେଶ୍ୟ ପୂରଣାର୍ଥେ ବଞ୍ଚିନଥାଉ। କିନ୍ତୁ ଏକ ମହତ୍ତର ଉଦ୍ଦେଶ୍ୟ ନିମନ୍ତେ ଅର୍ଥାତ୍ "ତାହାଙ୍କର ନିଜର ଉଦ୍ଦେଶ୍ୟ" ନିମନ୍ତେ ବଞ୍ଚିବାକୁ ହେବ।

ତାହାଙ୍କ ଉଦ୍ଦେଶ୍ୟ ସଙ୍ଗରେ ତାହା ପୂରଣାର୍ଥେ ତାହାଙ୍କ ଅନୁଗ୍ରହ ମଧ୍ୟ ଆସିଥାଏ। ତାହାଙ୍କ ସ୍ୱର୍ଗୀୟ ଆହ୍ୱାନ ପଛରେ ରହିଥାଏ ତାହାଙ୍କର ସ୍ୱର୍ଗୀୟ ଶକ୍ତିପ୍ରଦାନ। "ଖ୍ରୀଷ୍ଟ ଯୀଶୁଙ୍କଠାରେ" ସେ ଆମମାନଙ୍କୁ ତାହାଙ୍କ ସଂକଳ୍ପ ଓ ଅନୁଗ୍ରହ ପ୍ରଦାନ କରିଅଛନ୍ତି। ଆମେମାନେ ଖ୍ରୀଷ୍ଟଙ୍କ ନିକଟକୁ ଆସିବା ଦ୍ୱାରା ହିଁ ଈଶ୍ୱରଙ୍କର ସଂକଳ୍ପସବୁକୁ ନିର୍ବାହ କରିବା ପାଇଁ ତାହାଙ୍କର ଅଂଶୀଦାର ହୋଇ ପାରିଥାଉ।

ଆମ ନିମନ୍ତେ ଈଶ୍ୱରଙ୍କ ନିର୍ଦ୍ଦିଷ୍ଟ ଯୋଜନା ତାହାଙ୍କ ମହାଯୋଜନାର ଏକ ଅଂଶବିଶେଷ। ଆପଣଙ୍କ ଜୀବନ ନିମନ୍ତେ ରହିଥିବା ଈଶ୍ୱରଙ୍କ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟକୁ ଆପଣ ସଫଳ କରି ଚାଲିଲେ, ପୃଥିବୀ ନିମନ୍ତେ ରହିଥିବା ଈଶ୍ୱରଙ୍କ ସାଧାରଣ ଉଦ୍ଦେଶ୍ୟକୁ କାର୍ଯ୍ୟକାରୀ କରିବା ଦିଗରେ ଆପଣ ସହାୟକ ହୋଇପାରିବେ।

## ୪. ଆମମାନଙ୍କ ନିମନ୍ତେ ରହିଥିବା ଈଶ୍ୱରଙ୍କ ଯୋଜନା ସର୍ବଦା ଉତ୍ତମ ଅଟେ !

*ଯିରିମିୟ ୨୯:୧୧*

କାରଣ ସଦାପ୍ରଭୁ କହନ୍ତି, ତୁମ୍ଭମାନଙ୍କ ପକ୍ଷରେ ଆମ୍ଭେ ଯେସକଳ ସଂକଳ୍ପ କରିଅଛୁ, ତାହା ଆମ୍ଭେ ଜାଣୁ, ତୁମ୍ଭମାନଙ୍କର ଅନ୍ତିମ କାଳରେ ତୁମ୍ଭମାନଙ୍କୁ ଭରସା ଦେବା ନିମନ୍ତେ ସେସବୁ ଅମଙ୍ଗଳର ନୁହେଁ, ମଙ୍ଗଳର (ହିବ୍ରୂ-ଶାଲୋମ୍) ସଙ୍କଳ୍ପ ଅଟେ।

*ରୋମୀୟ ୮:୨୮*

ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି, ଯେଉଁମାନେ ତାହାଙ୍କ ସଂକଳ୍ପ ଅନୁସାରେ ଆହୂତ ହୋଇଅଛନ୍ତି, ଈଶ୍ୱର ଯେ ସମସ୍ତ ବିଷୟରେ ସେମାନଙ୍କର ମଙ୍ଗଳ ସାଧନ କରନ୍ତି, ଏହା ଆମ୍ଭେମାନେ ଜାଣୁ।

ନିଜଠାରେ ଏହି ଅଟଳ ଆସ୍ଥା ରଖନ୍ତୁ। ଆପଣଙ୍କ ନିମନ୍ତେ ରହିଥିବା ଈଶ୍ୱରଙ୍କ ଯୋଜନା ଉତ୍ତମ ଅଟେ!

ଈଶ୍ୱର ଆପଣଙ୍କ ସପକ୍ଷ ଅଟନ୍ତି, ବିପକ୍ଷ ନୁହନ୍ତି। ଆପଣଙ୍କ ନିମନ୍ତେ ରହିଥିବା ତାହାଙ୍କ ଯୋଜନା ଆପଣଙ୍କ ହିତ ନିମନ୍ତେ– ଆପଣଙ୍କ 'ଶାଲୋମ୍' (ଶାନ୍ତି, ମଙ୍ଗଳ, ସ୍ୱାସ୍ଥ୍ୟ, ପ୍ରଗତି, ସଫଳତା) ନିମନ୍ତେ ଅଭିପ୍ରେତ। ଆପଣଙ୍କ ନିମନ୍ତେ ରହିଥିବା ଈଶ୍ୱରଙ୍କ ଯୋଜନା ଆପଣଙ୍କ ନିମନ୍ତେ ସର୍ବୋତ୍ତମ ଅଟେ, ତା'ଠାରୁ ଉତ୍ତମ ଯୋଜନା ସମ୍ଭବପର ନୁହେଁ।

## ୫. ଈଶ୍ୱରଙ୍କ ଯୋଜନାକୁ ସଫଳ କରିବା ପାଇଁ ଆମକୁ ତାଙ୍କ ସଙ୍ଗେ ସହଯୋଗ କରିବାକୁ ହେବ

*୧ କରିନ୍ଥୀ ୩:୯*

କାରଣ ଆମ୍ଭେମାନେ ଈଶ୍ୱରଙ୍କ ସହକର୍ମୀ; ତୁମ୍ଭେମାନେ ଈଶ୍ୱରଙ୍କ କ୍ଷେତ୍ର, ଈଶ୍ୱରଙ୍କ ଗୃହ।

ଆମ ଜୀବନରେ ଈଶ୍ୱରଙ୍କ ଯୋଜନା ଆପେ ଆପେ ସଫଳ ହୋଇ ନଥାଏ। ଆମ ଜୀବନରେ ତାହାଙ୍କ ଯୋଜନା କାର୍ଯ୍ୟକାରୀ ହେବା ପାଇଁ ଆମେ ଈଶ୍ୱରଙ୍କ ସଙ୍ଗେ ସହଯୋଗ କରିବାକୁ ହେବ। ଆମ ଜୀବନରେ ରହିଥିବା ଈଶ୍ୱରଙ୍କ ଯୋଜନା ଓ ସଂକଳ୍ପର ସଫଳ ରୂପାୟନ ହେବା ଆମରି ଉପରେ ନିର୍ଭରଶୀଳ। ଅନେକେ ଈଶ୍ୱରଙ୍କ ଯୋଜନା କାର୍ଯ୍ୟକାରୀ କରିବା କେବେ ଆରମ୍ଭ କରି ନଥାନ୍ତି। ଅନେକେ ତାହାଙ୍କ ଯୋଜନାକୁ ଖୁବ୍ ଆଂଶିକ ଭାବେ କାର୍ଯ୍ୟକାରୀ କରିଥାନ୍ତି। ବାଇବଲ କୁହେ ଯେ ପ୍ରେରିତ ପାଉଲ ତାଙ୍କ ନିମନ୍ତେ "ନିରୂପିତ ପଥର ଶେଷ ପର୍ଯ୍ୟନ୍ତ ଦୌଡ଼ିଥିଲେ।"

ଈଶ୍ୱର ସ୍ୱର୍ଗରେ ତାଙ୍କର ଇଚ୍ଛା ପ୍ରକଟ କରନ୍ତି। କିନ୍ତୁ ତାହାର କାର୍ଯ୍ୟକାରିତା ନିମନ୍ତେ ସେ ପୃଥିବୀର ଲୋକମାନଙ୍କୁ ଅନାଇଥାନ୍ତି।

## ୬. ଆମ ଜୀବନ ନିମନ୍ତେ ରହିଥିବା ଈଶ୍ୱରଙ୍କ ଯୋଜନାକୁ ଆମେ ଆବିଷ୍କାର ଓ ଅନୁଧାବନ କରିବାକୁ ହେବ

ଆମ ଜୀବନ ନିମନ୍ତେ ରହିଥିବା ଈଶ୍ୱରଙ୍କ ଯୋଜନା ଓ ସଂକଳ୍ପ ଏକ ରହସ୍ୟଜନକ ବିଷୟ ହୋଇ ରହିବା ଅନାବଶ୍ୟକ।

ଅନେକଙ୍କ ମତରେ ଈଶ୍ୱରଙ୍କ ଇଚ୍ଛା ଏତେ ରହସ୍ୟମୟ ବିଷୟ ଯେ ଆମେ ତାହା ଜାଣି ନପାରୁ। ଏହା ଆଦୌ ସତ୍ୟ ନୁହେଁ।

ଈଶ୍ୱର ତାଙ୍କର ଇଚ୍ଛାକୁ ପ୍ରକାଶ କରିବାକୁ ଅଧିକ ବାଞ୍ଛା କରନ୍ତି। ଯଦି ଆମେ ଏହା ଜାଣିବା ପାଇଁ ତାହାଙ୍କର ଅନ୍ୱେଷଣ କରୁ ତେବେ ସେ ଆମ ଜୀବନ ନିମନ୍ତେ ରହିଥିବା ତାଙ୍କର ଯୋଜନା ଓ ସଂକଳ୍ପକୁ ପ୍ରକାଶ କରିବେ।

ଆମେ ୯'ଟି 'ଦିଗ୍‌ଦର୍ଶନ ଖୁଣ୍ଟି' ବିଷୟରେ ଶିକ୍ଷାଲାଭ କରିବା । ଆମ ଜୀବନ ନିମନ୍ତେ ଈଶ୍ୱରଙ୍କ ଚାଳନା ଓ ନିର୍ଦ୍ଦେଶନାକୁ ଜାଣିବା ପାଇଁ ଏହା ଆମକୁ ସାହାଯ୍ୟ କରିବ।

- ଈଶ୍ୱରଙ୍କ ବାକ୍ୟର ସାଧାରଣ ଶିକ୍ଷା ଓ ନିର୍ଦ୍ଦେଶକୁ ଜାଣନ୍ତୁ।
- ଆପଣଙ୍କ ଜୀବନର 'ବୀଜଗୁଡ଼ିକୁ' ଜାଣନ୍ତୁ।
- ଅନ୍ତରର ଆଲୋଡ଼ନକୁ ଜାଣନ୍ତୁ।
- ଆପଣଙ୍କୁ ପ୍ରଦତ୍ତ ଈଶ୍ୱରଙ୍କ ଅନୁଗ୍ରହକୁ ଜାଣନ୍ତୁ।
- ପରିସ୍ଥିତିସମୂହକୁ ଜାଣନ୍ତୁ।
- ଈଶ୍ୱରଙ୍କ ଆତ୍ମାଙ୍କ ଚାଳନାକୁ ଜାଣନ୍ତୁ।
- ଧାର୍ମିକ ପରାମର୍ଶ ଓ ଜ୍ଞାନକୁ ଜାଣନ୍ତୁ।
- ସମୟ ଓ କାଳକୁ ଜାଣନ୍ତୁ।
- ଆପଣଙ୍କ ଜୀବନରେ ଈଶ୍ୱରଙ୍କ କାର୍ଯ୍ୟଧାରାକୁ ଜାଣନ୍ତୁ।

## ୭. ଈଶ୍ୱର ତାହାଙ୍କର ଯୋଜନା ଓ ସଂକଳ୍ପକୁ ସଫଳ କରିବା ଦିଗରେ ଆପଣଙ୍କୁ ପ୍ରସ୍ତୁତ କରିବେ

ଆପଣ ଯେତେ ଉତ୍ତମରୂପେ ନିଜକୁ ପ୍ରସ୍ତୁତ କରିବେ, ସେତେ ଅଧିକ ସଫଳ ହେବେ। ପ୍ରସ୍ତୁତିର ସମୟ, ସମୟର ଅପଚୟ ନୁହେଁ।

ଆହ୍ୱାନ ଯେତେ ମହତ୍ ହୋଇଥାଏ, ଅଧିକରୂପେ ପ୍ରସ୍ତୁତ ହେବା ସେତେ ଆବଶ୍ୟକ ହୋଇଥାଏ।

## ୮. ଆମର ଭୁଲ ହୋଇପାରେ- କିନ୍ତୁ ଆମମାନଙ୍କ ବିଫଳତାକୁ ଅତିକ୍ରମ କରି ତାହାଙ୍କ ଆହ୍ୱାନକୁ ସମ୍ପୂର୍ଣ୍ଣରୂପେ ପୂରଣ କରିବାକୁ ଈଶ୍ୱର ଆମକୁ ସାହାଯ୍ୟ କରିବେ

ଯଦି କୌଣସି ଦୁର୍ବଳତାକୁ ଆପଣ ଜୟ କରି ପାରୁନାହାଁନ୍ତି, ତେବେ ଶୟତାନ ତାକୁ ଆପଣଙ୍କ ବିପକ୍ଷରେ ବ୍ୟବହାର କରିବ।

ଈଶ୍ୱର ସମୟ ଅପେକ୍ଷା ମହାନ୍, ଈଶ୍ୱର ଆମମାନଙ୍କ ଭୁଲତ୍ରୁଟି ଅପେକ୍ଷା ମହାନ୍ ଅଟନ୍ତି।

*୨ ତୀମଥି ୪:୬-୮*

୬ କାରଣ ଏବେହେଁ ମୋହର ପ୍ରାଣ ଆହୁତି ପରି ଢ଼ଳା ଯାଉଅଛି, ମୋହର ମହାପ୍ରୟାଣର ସମୟ ଉପସ୍ଥିତ । ୭ ମୁଁ ଉତ୍ତମ ଯୁଦ୍ଧରେ ପ୍ରାଣପଣ କରିଅଛି, ନିରୂପିତ ପଥର ଶେଷ ପର୍ଯ୍ୟନ୍ତ ଦୌଡ଼ିଅଛି, ମୁଁ ବିଶ୍ୱାସ ରକ୍ଷା କରିଅଛି; ୮ ଅଦ୍ୟାବଧି ମୋ ନିମନ୍ତେ ଧାର୍ମିକତାର ମୁକୁଟ ରଖାଯାଇଅଛି, ତାହା ସେହି ମହାଦିନରେ ନ୍ୟାୟବାନ୍ ବିଚାରକର୍ତ୍ତା ପ୍ରଭୁ ମୋତେ ଦେବେ, ପୁଣି କେବଳ ମୋତେ ନୁହେଁ, ମାତ୍ର ଯେତେ ଲୋକ ତାହାଙ୍କ ଆଗମନକୁ ପ୍ରିୟଜ୍ଞାନ କରନ୍ତି, ସେସମସ୍ତଙ୍କୁ ଦେବେ ।

ପାଉଲ ପ୍ରାୟ ୩୫ବର୍ଷ ବୟସରେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନିକଟକୁ ଆସିଥିଲେ, ତଥାପି ସେ କହିଲେ ଯେ ସେ ନିରୂପିତ ପଥର ଶେଷ ପର୍ଯ୍ୟନ୍ତ ଦୌଡ଼ି ପାରିଛନ୍ତି। ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବା ପାଇଁ ବୟସ ଏକ ପ୍ରତିବନ୍ଧକ ନୁହେଁ।

*୨ ତୀମଥି ୧:୯*

ସେ ଆମ୍ଭମାନଙ୍କୁ ପରିତ୍ରାଣ କରିଅଛନ୍ତି ଓ ପବିତ୍ର ଆହ୍ୱାନରେ ଆହ୍ୱାନ କରିଅଛନ୍ତି; ଆମ୍ଭମାନଙ୍କ କର୍ମାନୁସାରେ ସେ ତାହା କରି ନାହାନ୍ତି, ମାତ୍ର ତାହାଙ୍କ ନିଜ ସଂକଳ୍ପ ଓ ଅନୁଗ୍ରହ ଅନୁସାରେ କରିଅଛନ୍ତି; ସେହି ଅନୁଗ୍ରହ ଅନାଦିକାଳ ପୂର୍ବରେ ଖ୍ରୀଷ୍ଟ ଯୀଶୁଙ୍କଠାରେ ଆମ୍ଭମାନଙ୍କୁ ପ୍ରଦତ୍ତ ହୋଇଥିଲା।

ଈଶ୍ୱର ସିଦ୍ଧ ପାତ୍ରସବୁକୁ ଦେଖନ୍ତି ନାହିଁ। ସେ ସମର୍ପିତ ପାତ୍ରସବୁକୁ ଦେଖିଥାନ୍ତି।

*୨ କରିନ୍ଥୀ ୪:୭*

ମାତ୍ର, ମହାଶକ୍ତି ଯେ ଈଶ୍ୱରଙ୍କର, ପୁଣି ତାହା ଯେ ଆମ୍ଭମାନଙ୍କଠାରୁ ଉତ୍ପନ୍ନ ନୁହେଁ, ଏହା ଯେପରି ପ୍ରକାଶ ପାଏ, ଏଥିନିମନ୍ତେ ଆମ୍ଭେମାନେ ଏହି ଧନ ମୃତ୍ତିକାପାତ୍ରରେ ପାଇଅଛୁ;

ଏହା ଆମ ମଧ୍ୟରେ କାର୍ଯ୍ୟକାରୀ ଈଶ୍ୱରଙ୍କ ଶକ୍ତି। ଆମେମାନେ ମୃତ୍ତିକା ପାତ୍ର ସଦୃଶ।

## ୯. ଈଶ୍ୱରଙ୍କ ଉଦ୍ଦେଶ୍ୟକୁ ବିଫଳ କରିବା ପାଇଁ ଶୟତାନ ଯଥାସାଧ ଚେଷ୍ଟା କରିଥାଏ

ଏକ ଈଶ୍ୱର ଦତ୍ତ ସ୍ୱପ୍ନ ଶୟତାନର ବିରୋଧର ସମ୍ମୁଖୀନ ହୋଇଥାଏ।

ଈଶ୍ୱର ସର୍ବଦା ବିଳମ୍ବ କରି ନଥାନ୍ତି (ଦାନିଏଲ୍ ୧୦:୨-୧୪)। ଆପଣଙ୍କ ପ୍ରତି ଘଟିବାକୁ ଥିବା ଆଶ୍ଚର୍ଯ୍ୟକର୍ମକୁ ଶୟତାନ ବିଳମ୍ବିତ କରିବାକୁ ଚେଷ୍ଟା କରିଥାଏ ଏବଂ ଏହାଦ୍ୱାରା ଈଶ୍ୱରଙ୍କ ସର୍ବୋଚ୍ଚ ଓ ସର୍ବୋତ୍ତମ ବିଷୟକୁ ଲାଭ କରିବାକୁ ଆପଣଙ୍କର ଯେଉଁ ଇଚ୍ଛା ରହିଛି ତାକୁ ସେ ଦୁର୍ବଳ କରିଦିଏ।

## ୧୦. ଈଶ୍ୱରଙ୍କ ଆହ୍ୱାନ ପ୍ରତି ଆମର ମନଧ୍ୟାନ ରହିବା ଆବଶ୍ୟକ

ଚିତ୍ତବିକ୍ଷେପ-ଅମନୋଯୋଗିତା ସମୟ ଓ ଶକ୍ତିର ଅପଚୟ କରେ। ଈଶ୍ୱର କହନ୍ତି, "ଦକ୍ଷିଣ କି ବାମ ହାତରେ ଫେର ନାହିଁ" (ହିତୋ ୪:୨୭)

## ୧୧. ଆମେ ଧୈର୍ଯ୍ୟଶୀଳ ହେବା ଆବଶ୍ୟକ

"ବିଜୟର ସ୍ୱାଦ ସଂଘର୍ଷର ସ୍ମୃତିକୁ ଦୂର କରେ"। (ମାଇକ୍ ମୁର୍ଡ୍ରୋକ୍)

"ଧୈର୍ଯ୍ୟଶୀଳ ହେବା ଶୟତାନକୁ ବିଚଳିତ କରେ" । (ମାଇକ୍ ମୁର୍ଡ୍ରୋକ୍)

# ୨

# ଆପଣଙ୍କ ଜୀବନ ନିମନ୍ତେ ଥିବା ଈଶ୍ୱରଙ୍କ ଉଦ୍ଦେଶ୍ୟକୁ ଜାଣନ୍ତୁ

*ଏଫିସୀୟ ୫:୧୫-୧୭*

[15]ଅତଏବ ଅଜ୍ଞାନ ପରି ନ ହୋଇ ଜ୍ଞାନୀ ପରି ନିଜ ନିଜ ଆଚରଣ ସମ୍ବନ୍ଧରେ ବିଶେଷ ସାବଧାନ
ହୁଅ, [16]ପୁଣି, ସୁଯୋଗର ସଦ୍‌ବ୍ୟବହାର କର, କାରଣ କାଳ ମନ୍ଦ ଅଟେ। [17]ଏଣୁ ନିର୍ବୋଧ ନ
ହୋଇ ପ୍ରଭୁଙ୍କର ଇଚ୍ଛା କଅଣ ତାହା ବୁଝ।

ଧର୍ମଶାସ୍ତ୍ର କୁହେ ଯେ ଆମେ ପ୍ରଭୁଙ୍କ ଇଚ୍ଛା (ଉଦ୍ଦେଶ୍ୟ)କୁ ବୁଝିବା (ମନରେ ଜାଣିବା) ଆବଶ୍ୟକ।

ପ୍ରଭୁଙ୍କ ଇଚ୍ଛା କ'ଣ ତାହା ଆମେ ବୁଝିପାରୁ।

*କଲସୀୟ ୧:୯-୧୧*

[9]ଏଣୁ ତାହା ଶୁଣିବା ଦିନଠାରୁ ଆମ୍ଭେମାନେ ମଧ୍ୟ ତୁମ୍ଭମାନଙ୍କ ନିମନ୍ତେ ପ୍ରାର୍ଥନା ଓ ବିନତି କରିବାରୁ
କ୍ଷାନ୍ତ ହେଉ ନାହୁଁ, ଯେପରି ତୁମ୍ଭେମାନେ ସମ୍ପୂର୍ଣ୍ଣରୂପେ ଈଶ୍ୱରଙ୍କ ଅଭିମତ ଜ୍ଞାନ ହୋଇ [10]ସମସ୍ତ
ଆତ୍ମିକ ଜ୍ଞାନ ଓ ବୁଦ୍ଧିରେ ପ୍ରଭୁଙ୍କୁ ସର୍ବ-ପ୍ରକାରେ ସନ୍ତୁଷ୍ଟ କରିବା ନିମନ୍ତେ ତାହାଙ୍କ ଯୋଗ୍ୟ ଆଚରଣ
କର, ଅର୍ଥାତ୍ ଈଶ୍ୱରଙ୍କ ତତ୍ତ୍ୱଜ୍ଞାନରେ ବଢ଼ି ସମସ୍ତ ସତ୍‌କର୍ମର ଫଳରେ ଫଳବାନ୍ ହୁଅ [11]ଏବଂ
ସର୍ବ ବିଷୟରେ ଧୈର୍ଯ୍ୟଶୀଳ ଓ ସହିଷ୍ଣୁ ହେବା ନିମନ୍ତେ ତାହାଙ୍କ ଗୌରବର ପରାକ୍ରମ ଅନୁସାରେ
ସମସ୍ତ ଶକ୍ତିରେ ଶକ୍ତିଯୁକ୍ତ ହୁଅ

ସମ୍ପୂର୍ଣ୍ଣ ରୂପେ ଈଶ୍ୱରଙ୍କ ଇଚ୍ଛା ଜାଣିବା ସମ୍ଭବପର। ଆମେ ଆମମାନଙ୍କ ଜୀବନରେ ଈଶ୍ୱରଙ୍କର ଇଚ୍ଛା ସମ୍ପର୍କରେ 'ସମ୍ପୂର୍ଣ୍ଣ ଅଜ୍ଞାନ' ରହିବା ଅନୁଚିତ।

ତାହାଙ୍କ ଇଚ୍ଛା ଜାଣିଲେ ଆମେ:

(କ) ତାହାଙ୍କ ଯୋଗ୍ୟ ଆଚରଣ କରୁ।

(ଖ) ତାହାଙ୍କୁ ସର୍ବପ୍ରକାରେ ସନ୍ତୁଷ୍ଟ କରିପାରୁ।

(ଗ) ସମସ୍ତ ସତ୍‌କର୍ମରେ ଫଳବାନ୍ ହୋଇଥାଉ।

(ଘ) ତାହାଙ୍କ ତତ୍ତ୍ୱଜ୍ଞାନରେ ବୃଦ୍ଧି ପାଇଥାଉ।

*୧ କରିନ୍ଥୀୟ ୨:୯,୧୦*

[୯] କିନ୍ତୁ ଯେପରି ଲେଖାଅଛି, ''ଚକ୍ଷୁ ଯାହା ଦେଖି ନାହିଁ, କର୍ଣ୍ଣ ଯାହା ଶୁଣି ନାହିଁ, ଆଉ ମନୁଷ୍ୟର ହୃଦୟରେ ଯାହା ଜାତ ହୋଇନାହିଁ, ଯେସମସ୍ତ ବିଷୟ ଈଶ୍ୱର ଆପଣା ପ୍ରେମକାରୀ ଲୋକମାନଙ୍କ ନିମନ୍ତେ ପ୍ରସ୍ତୁତ କରିଅଛନ୍ତି।'' [୧୦] କିନ୍ତୁ ଈଶ୍ୱର ଆୟମାନଙ୍କ ନିମନ୍ତେ ଆତ୍ମାଙ୍କ ଦ୍ୱାରା ସେସମସ୍ତ ପ୍ରକାଶ କରିଅଛନ୍ତି; ଯେଣୁ ଆତ୍ମା ସମସ୍ତ ବିଷୟ, ହଁ, ଈଶ୍ୱରଙ୍କର ଗଭୀର ବିଷୟସବୁ ଅନୁସନ୍ଧାନ କରନ୍ତି।

ଈଶ୍ୱର ତାହାଙ୍କ ଲୋକ ଭାବରେ ଓ ବ୍ୟକ୍ତିଗତ ଭାବରେ ଅନେକ ବିଷୟ ଆମମାନଙ୍କ ନିମନ୍ତେ ଯୋଜନା କରିଛନ୍ତି। ପବିତ୍ର ଆତ୍ମା ସେସମସ୍ତ ବିଷୟ ଆମ ନିକଟରେ ପ୍ରକାଶ କରିଥାନ୍ତି।

*୧ କରିନ୍ଥୀୟ ୨:୧୬*

କାରଣ କିଏ ପ୍ରଭୁଙ୍କ ମନ ଜାଣିଅଛି ଯେ, ସେ ତାହାଙ୍କୁ ଶିକ୍ଷା ଦେଇ ପାରେ? କିନ୍ତୁ ଆମ୍ଭେମାନେ ଖ୍ରୀଷ୍ଟଙ୍କ ମନ ପାଇଅଛୁ।

ପବିତ୍ର ଆତ୍ମାଙ୍କ ପ୍ରକାଶନକାରୀ କାର୍ଯ୍ୟ ହେତୁ ଆମେମାନେ ଖ୍ରୀଷ୍ଟଙ୍କ ମନ ପାଇଅଛୁ। ଆମେମାନେ ଖ୍ରୀଷ୍ଟଙ୍କ ଚିନ୍ତାସବୁକୁ, ଯୋଜନା ଓ ଉଦ୍ଦେଶ୍ୟକୁ ଜାଣିଥାଉ।

ଆପଣ ଆପଣଙ୍କ ଜୀବନ ନିମନ୍ତେ ରହିଥିବା ଈଶ୍ୱରଙ୍କ ଯୋଜନା ଓ ଉଦ୍ଦେଶ୍ୟକୁ ସଠିକ୍‌ରୂପେ, ସମ୍ପୂର୍ଣ୍ଣରୂପେ ଓ ସ୍ୱଷ୍ଟରୂପେ ଜାଣିପାରନ୍ତି।

ଆପଣ ଜଣେ ଅନ୍ଧବ୍ୟକ୍ତି ସଦୃଶ, ଈଶ୍ୱରଙ୍କ ଯୋଜନା ଓ ଉଦ୍ଦେଶ୍ୟ ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ ରହି ଜୀବନରେ ଦରାଣ୍ଡି ହେବା ଅନାବଶ୍ୟକ। ଆପଣ ଈଶ୍ୱରଙ୍କ ଇଚ୍ଛାକୁ ବୁଝିପାରିବେ। ଆପଣ ତାଙ୍କ ଇଚ୍ଛା ସମ୍ବନ୍ଧୀୟ ଜ୍ଞାନରେ ପରିପୂର୍ଣ୍ଣ ହୋଇପାରିବେ। ସେ ଆପଣଙ୍କ ନିମନ୍ତେ ଯେଉଁସବୁ ବିଷୟ ପ୍ରସ୍ତୁତ କରି ରଖିଛନ୍ତି ତାହା ଆପଣ ଜାଣିପାରିବେ। ଆପଣ "ଖ୍ରୀଷ୍ଟଙ୍କ ମନ" ଧାରଣ କରି ଚାଲି ପାରିବେ।

*ହିତୋପଦେଶ ୪:୧୮*

ମାତ୍ର ଧାର୍ମିକମାନଙ୍କର ପଥ ପ୍ରଭାତର ଆଲୁଅ ତୁଲ୍ୟ; ଯାହା ମଧ୍ୟାହ୍ନ ପର୍ଯ୍ୟନ୍ତ ଆହୁରି ଆହୁରି ତେଜସ୍କର ହୁଅଇ।

ଅଧିକାଂଶ କ୍ଷେତ୍ରରେ, ଈଶ୍ୱର ପ୍ରଗତିଶୀଳ ଭାବରେ ତାହାଙ୍କର ଯୋଜନା ଓ ଉଦ୍ଦେଶ୍ୟକୁ ଆମ ଜୀବନରେ ପ୍ରକାଶ କରିଥାନ୍ତି।

*ଏବ୍ରୀ ୧୧:୮*

ବିଶ୍ୱାସ ଦ୍ୱାରା ଅବ୍ରହାମ ଆହ୍ୱାନ ପ୍ରାପ୍ତ ହୁଅନ୍ତେ, ଯେଉଁ ଦେଶ ସେ ଅଧିକାରସ୍ୱରୂପେ ପାଇବାକୁ ଯାଉଥିଲେ, ଆଜ୍ଞାବହ ହୋଇ ସେଠାକୁ ବାହାରିଗଲେ, ପୁଣି ସେ କେଉଁଠାକୁ ଯାଉଅଛନ୍ତି, ତାହା ନ ଜାଣି ସୁଦ୍ଧା ବାହାରିଗଲେ ।

ଆପଣଙ୍କୁ ଯେଉଁ ପଦକ୍ଷେପ ନେବାକୁ ଈଶ୍ୱର କହନ୍ତି, ସେଥିରେ ବାଧ୍ ହେବା ଦ୍ୱାରା ସେ ଉପଯୁକ୍ତ ସମୟରେ ପରବର୍ତ୍ତୀ ପଦକ୍ଷେପକୁ ଆପଣଙ୍କ ନିକଟରେ ପ୍ରକାଶ କରିବେ ।

*ଆଦି ୨୪:୨୭*

ମୋର କର୍ତ୍ତା ଅବ୍ରହାମଙ୍କର ସଦାପ୍ରଭୁ ପମେଶ୍ୱର ଧନ୍ୟ ହେଉନ୍ତୁ, ଯେହେତୁ ସେ ମୋ'କର୍ତ୍ତା ପ୍ରତି ଅନୁଗ୍ରହ ଓ ସତ୍ୟାଚରଣ କରିବାରୁ ନିବୃତ୍ତ ହୋଇ ନାହାନ୍ତି; ପୁଣି ସଦାପ୍ରଭୁ ମୋତେ ମୋ'କର୍ତ୍ତାର ଜ୍ଞାତିମାନଙ୍କ ଗୃହପଥରେ କଢ଼ାଇ ଆଣିଅଛନ୍ତି ।

ଈଶ୍ୱର ଯେଉଁ ଦିଗରେ ଆମକୁ ଚାଳିତ କରନ୍ତି ସେହି ମାର୍ଗରେ ଆମେ ଚାଲିବା ଦ୍ୱାରା ପ୍ରଭୁ ତାହାଙ୍କ ଯୋଜନା ଓ ଉଦ୍ଦେଶ୍ୟ ଅନୁସାରେ ଆମମାନଙ୍କୁ ଆଗକୁ କଢ଼ାଇ ନିଅନ୍ତି ।

ଆମେମାନେ କିପରି ଆମ ଜୀବନରେ ଈଶ୍ୱରଙ୍କ ଯୋଜନା ଓ ଉଦ୍ଦେଶ୍ୟକୁ ଜାଣିପାରିଥାଉ ? ଆମମାନଙ୍କର ସାହାଯ୍ୟ ନିମନ୍ତେ ନ'ଟି 'ଦିଗ୍‌ଦର୍ଶନ ଖୁଣ୍ଟି' ବିଷୟରେ ଆମେ ଆଲୋଚନା କରିବା ।

ଈଶ୍ୱର ଏଥିମଧ୍ୟରୁ ଗୋଟିଏ ବା ଦୁଇଟି ଖୁଣ୍ଟିକୁ ଏକତ୍ର ବ୍ୟବହାର କରି ଆପଣ କେଉଁ ପଥରେ ଗମନ କରିବାକୁ ସେ ଚାହାନ୍ତି ତାହା ସେ ଆପଣଙ୍କୁ ଦେଖାଇବେ ।

୧. ଈଶ୍ୱରଙ୍କ ବାକ୍ୟର ସାଧାରଣ ଶିକ୍ଷା ଓ ନିର୍ଦ୍ଦେଶକୁ ଜାଣନ୍ତୁ ।
୨. ଆପଣଙ୍କ ଜୀବନର 'ବୀଜଗୁଡ଼ିକୁ' ଜାଣନ୍ତୁ ।
୩. ଅନ୍ତରର ଆଲୋଡ଼ନକୁ ଜାଣନ୍ତୁ ।
୪. ଆପଣଙ୍କୁ ପ୍ରଦତ୍ତ ଈଶ୍ୱରଙ୍କ ଅନୁଗ୍ରହକୁ ଜାଣନ୍ତୁ ।
୫. ଈଶ୍ୱରଙ୍କ ଆତ୍ମାଙ୍କ ଚାଳନାକୁ ଜାଣନ୍ତୁ ।
୬. ପରିସ୍ଥିତିସମୂହକୁ ଜାଣନ୍ତୁ ।
୭. ଧାର୍ମିକ ପରାମର୍ଶ ଓ ଜ୍ଞାନକୁ ଜାଣନ୍ତୁ ।
୮. ସମୟ ଓ କାଳକୁ ଜାଣନ୍ତୁ ।
୯. ଆପଣଙ୍କ ଜୀବନରେ ଈଶ୍ୱରଙ୍କ କାର୍ଯ୍ୟଧାରାକୁ ଜାଣନ୍ତୁ ।

## ୧. ଈଶ୍ୱରଙ୍କ ବାକ୍ୟର ସାଧାରଣ ଶିକ୍ଷା ଓ ନିର୍ଦ୍ଦେଶକୁ ଜାଣନ୍ତୁ

*୨ ତୀମଥି ୩:୧୬,୧୭*

[୧୬] ସମସ୍ତ ଶାସ୍ତ୍ର ଈଶ୍ୱରନିଶ୍ୱସିତ ଏବଂ ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ, [୧୭]ଯେପରି ଈଶ୍ୱରଙ୍କ ଲୋକ ସିଦ୍ଧ ହୋଇ ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ସୁସଜ୍ଜିତ ହୁଏ।

ଆମମାନଙ୍କ ଜୀବନ ନିମନ୍ତେ ଈଶ୍ୱରଙ୍କ ଚାଳନା ଓ ନିର୍ଦ୍ଦେଶ ସର୍ବଦା ଈଶ୍ୱରଙ୍କ ଲିଖିତ ବାକ୍ୟ ସଙ୍ଗେ ମେଳ ହୋଇଥାଏ।

*ରୋମୀୟ ୧୨:୨*

ତୁମ୍ଭେମାନେ ଏହି ବର୍ତ୍ତମାନ ଯୁଗର ଅନୁରୂପୀ ହୁଅ ନାହିଁ, କିନ୍ତୁ ଯେପରି ତୁମ୍ଭେମାନେ ଈଶ୍ୱରଙ୍କ ଇଚ୍ଛା କଅଣ ଅର୍ଥାତ୍ ଉତ୍ତମ, ସୁଗ୍ରାହ୍ୟ ଓ ସିଦ୍ଧ ବିଷୟ କଅଣ, ଏହା ପରୀକ୍ଷା କରି ଜାଣି ପାର, ଏଥିନିମନ୍ତେ ଆପଣା ଆପଣା ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହୁଅ।

ଏହି ପଦରେ ବ୍ୟବହୃତ 'ପରୀକ୍ଷା କରିବା' ଶବ୍ଦର ଗ୍ରୀକ୍ ପ୍ରତିଶବ୍ଦ dokimazo ଧାତୁସବୁକୁ ପରୀକ୍ଷା କରିବା, କିଅବା ଅଗ୍ନିଦ୍ୱାରା  ବା ଅନ୍ୟ କିଛି ଦ୍ୱାରା ପରୀକ୍ଷା କରିବାକୁ ବୁଝାଏ। ଏଣୁ ଏହାର ଅର୍ଥ ମଧ୍ୟ ଅନ୍ୱେଷଣ କରିବା, ଅନୁସନ୍ଧାନ କରିବା, ନିରୂପଣ କରିବା। ଏଠାରେ ଏହି ଅର୍ଥ ପ୍ରକାଶ ପାଏ। ଈଶ୍ୱରଙ୍କ ଇଚ୍ଛାକୁ ସଫଳତାର ସହିତ ଅନୁସନ୍ଧାନ କରିବା ନିମନ୍ତେ ଏକ ନୂତନୀକରଣ ହୋଇଥିବା ମନ ଜରୁରୀ ହୋଇଥାଏ (ବାର୍ଣ୍ଣେସ୍)।

ଈଶ୍ୱରଙ୍କ ଦୃଷ୍ଟିରେ କେଉଁ ବିଷୟଟି ଉତ୍ତମ, ଗ୍ରହଣୀୟ ଓ ସିଦ୍ଧ ଅଟେ ତାହା ମୁଁ ଏକ ନୂତନୀକରଣ ହୋଇଥିବା ମନ ଦ୍ୱାରା ହିଁ ପରୀକ୍ଷା କରିପାରିବି।

ଏହି ପଦ ଶିକ୍ଷା ଦିଏ ନାହିଁ ଯେ ଈଶ୍ୱରଙ୍କ ଇଚ୍ଛା ତିନି ପ୍ରକାରର। ଯେ କୌଣସି ବିଷୟରେ ତାଙ୍କର ଇଚ୍ଛା ରହିଥାଏ ବା ରହି ନଥାଏ।

ଈଶ୍ୱରଙ୍କ ଇଚ୍ଛା ସର୍ବଦା ଉତ୍ତମ, ଗ୍ରହଣୀୟ ଓ ସିଦ୍ଧ।

ଉତ୍ତମ= ଉତ୍କୃଷ୍ଟ, ସତ୍, ସମ୍ମାନୀୟ

ଗ୍ରହଣୀୟ = ସମ୍ପୂର୍ଣ୍ଣରୂପେ ସମ୍ମତ, ଅର୍ଥାତ୍ ଯାହା ଈଶ୍ୱରଙ୍କର ସନ୍ତୋଷଜନକ ବା ଯାହା ତାଙ୍କ ସ୍ୱୀକୃତି ଲାଭ କରିଥାଏ।

ସିଦ୍ଧ = ସମ୍ପୂର୍ଣ୍ଣ, ଯେଉଁଥିରେ ଦୋଷତ୍ରୁଟି ନଥାଏ।

ଯେଉଁ ବିଷୟ ଉତ୍ତମ, ସୁଗ୍ରାହ୍ୟ ଓ ସିଦ୍ଧ ସେଥିରେ ଈଶ୍ୱରଙ୍କ ଇଚ୍ଛା ରହିଥାଏ।

ଏକ ନୂତନୀକୃତ ମନ ଖୁବ୍ ଶୀଘ୍ର ଏକ ଉତ୍ତମ, ସୁଗ୍ରାହ୍ୟ ଓ ସିଦ୍ଧ ବିଷୟକୁ ପରୀକ୍ଷା (ବିଶ୍ଳେଷଣ, ପ୍ରମାଣିତ, ଚିହ୍ନଟ) କରି ଜାଣିପାରେ। ତଦ୍ଵାରା ଏଥିରେ ଈଶ୍ୱରଙ୍କ ଇଚ୍ଛା ରହିଛି କି ନାହିଁ ଏହା ଜାଣିପାରେ।

*ଏଫିସୀ ୫:୧୦*

ପ୍ରଭୁଙ୍କର କଅଣ ସନ୍ତୋଷଜନକ, ତାହା ଅନୁସନ୍ଧାନ କର।

ଅନୁସନ୍ଧାନ କରିବା (ଗ୍ରୀକ୍ dokimazo)= ପରୀକ୍ଷା କରିବା

ପ୍ରଭୁଙ୍କର ସନ୍ତୋଷଜନକ ବିଷୟ କ'ଣ ତାହା ପରୀକ୍ଷା କରିବା ଆବଶ୍ୟକ। ଆମେ ଦେଖିବା ଉଚିତ ଏହା କ'ଣ ଈଶ୍ୱରଙ୍କ ବାକ୍ୟ ସମ୍ମତ।

*ଏବ୍ରୀ ୫:୧୪*

କିନ୍ତୁ ବୟଃପ୍ରାପ୍ତ ଲୋକେ, ଅର୍ଥାତ୍ ଯେଉଁମାନେ ଜ୍ଞାନେନ୍ଦ୍ରିୟଗୁଡ଼ିକର ଅଭ୍ୟାସ ଦ୍ୱାରା ଭଲ ମନ୍ଦ ନିରୂପଣ କରିବାକୁ ସକ୍ଷମ, ସେମାନଙ୍କ ନିମନ୍ତେ ଗୁରୁପାକ ଖାଦ୍ୟ ପ୍ରୟୋଜନ।

ଈଶ୍ୱରଙ୍କ ବାକ୍ୟକୁ ସର୍ବଦା ବ୍ୟବହାର କରିବା ଦ୍ୱାରା ଆପଣଙ୍କ ଇନ୍ଦ୍ରିୟସବୁକୁ ଆପଣ ତାଲିମ୍ ଦେଇପାରିବେ। ଯଦ୍ଵାରା ସେମାନେ ଭଲ ଓ ମନ୍ଦ ମଧ୍ୟରେ ଥିବା ପ୍ରଭେଦକୁ ତତ୍କାଳ ବାରିପାରିବେ।

ଏଣୁ ଈଶ୍ୱରଙ୍କ ବାକ୍ୟ ମଧ୍ୟରେ ସର୍ବଦା ନିମଜ୍ଜିତ ରହିବା ଉଚିତ ଓ ଏହା ଆମ ଜୀବନର ଗୁରୁତ୍ୱପୂର୍ଣ୍ଣ ଅଂଶ ହେବା ଉଚିତ।

**କେତୋଟି ବ୍ୟାବହାରିକ ଉଦାହାରଣ:**

**ବିବାହ:** *ଆଦି ୨:୨୪*

ଏନିମନ୍ତେ ମନୁଷ୍ୟ ଆପଣା ପିତାମାତାଙ୍କୁ ଛାଡ଼ି ଆପଣା ଭାର୍ଯ୍ୟାଠାରେ ଆସକ୍ତ ହେବ, ଆଉ ସେମାନେ ଏକାଙ୍ଗ ହେବେ।

*୨ କରିନ୍ଥୀୟ ୬:୧୪,୧୫*

[୧୪] ଅବିଶ୍ୱାସୀମାନଙ୍କ ସହିତ ଅସମାନରୂପେ ଯୋଚା ନ ଯାଅ, କାରଣ ଧର୍ମ ଓ ଅଧର୍ମ ମଧ୍ୟରେ କି ସହଯୋଗିତା ? ଅବା ଅନ୍ଧକାର ସହିତ ଆଲୋକର କି ସହଭାଗିତା ? [୧୫] ବିଲିୟାର୍ ସହିତ ଖ୍ରୀଷ୍ଟଙ୍କର କି ମିଳନ ? କିମ୍ବା ଅବିଶ୍ୱାସୀ ସହିତ ବିଶ୍ୱାସୀର କି ଅଂଶ ?

*ଆମୋଷ ୩:୩*

ଏକପରାମର୍ଶ ନୋହିଲେ କି ଦୁଇଜଣ ଏକତ୍ର ଗମନ କରିବେ ?

ଆପଣ ଜଣେ ବିଶ୍ୱାସୀକୁ ବିବାହ କରନ୍ତୁ ବୋଲି ଈଶ୍ୱର ଇଚ୍ଛା କରନ୍ତି।

***ତ୍ୟାଗପତ୍ର:*** *ମଲାଖି ୨:୧୬*

କାରଣ ଆମ୍ଭେ ସ୍ତ୍ରୀ – ତ୍ୟାଗ ଘୃଣା କରୁ, ଏହା ସଦାପ୍ରଭୁ ଇସ୍ରାଏଲର ପରମେଶ୍ୱର କହନ୍ତି ଓ ଯେ ଆପଣା ବସ୍ତ୍ରକୁ ଦୌରାତ୍ମ୍ୟରେ ଆଚ୍ଛାଦିତ କରେ, ତାହାକୁ ଆମ୍ଭେ ଘୃଣା କରୁ, ଏହା ସୈନ୍ୟାଧିପତି ସଦାପ୍ରଭୁ କହନ୍ତି ଏହେତୁ ତୁମ୍ଭେମାନେ ଯେପରି ବିଶ୍ୱାସଘାତକତା ନ କର, ଏଥିପାଇଁ ଆପଣା ଆପଣା ଆତ୍ମା ବିଷୟରେ ସାବଧାନ ହୁଅ।

ତ୍ୟାଗପତ୍ର ଈଶ୍ୱରଙ୍କ ଇଚ୍ଛା ଅନୁମୋଦିତ ନୁହେଁ।

**ଅଧାର୍ମିକ କାର୍ଯ୍ୟ:** *ଏଫିସୀୟ ୪:୨୮*

ଚୋର ଆଉ ଚୋରି ନକରୁ, ବରଞ୍ଚ ଅଭାବଗ୍ରସ୍ତ ଲୋକକୁ ଦାନ କରିବା ନିମନ୍ତେ ଯେପରି ତାହା ପାଖରେ କିଛି ଥାଇ ପାରେ, ଏଥିନିମନ୍ତେ ନିଜ ହାତରେ ଉତ୍ତମ କାର୍ଯ୍ୟ କରି ପରିଶ୍ରମ କରୁ।

*ଗୀତ ୨୩:୩*

ସେ ମୋ' ପ୍ରାଣକୁ ସୁସ୍ଥ କରନ୍ତି, ସେ ଆପଣା ନାମ ସକାଶୁ ଧର୍ମପଥରେ ମୋତେ କଢ଼ାଇ ନିଅନ୍ତି।

ଈଶ୍ୱର ଆପଣଙ୍କୁ ଏକ ଉତ୍ତମ କାରଣ ଯୋଗୁଁ ପାପ କରିବାକୁ ଚାଳିତ କରିବେ ନାହିଁ।

## ୨. ଆପଣଙ୍କ ଜୀବନର 'ବୀଜଗୁଡ଼ିକୁ' ଜାଣନ୍ତୁ

*ମାର୍କ ୪:୨୬-୩୨*

[୨୬] ଆହୁରି ସେ କହିଲେ, ଈଶ୍ୱରଙ୍କ ରାଜ୍ୟ ଏହି ପ୍ରକାର, ଯେପରି ଜଣେ ଲୋକ ଭୂମିରେ ବିହନ
ବୁଣେ; [୨୭] ପୁଣି, ରାତ୍ରିରେ ନିଦ୍ରା ଯାଏ ଓ ଦିବସରେ ଜାଗ୍ରତ ହୁଏ, ଆଉ ବିହନ କିପରି ଅଙ୍କୁରିତ
ହୋଇ ବୃଦ୍ଧି ପାଏ, ତାହା ସେ ଜାଣେ ନାହିଁ। [୨୮] ଭୂମି ଆପେ ଫଳ ଉତ୍ପନ୍ନ କରେ, ପ୍ରଥମରେ
ପତ୍ର, ପରେ ଶିଷାଁ, ତାହାପରେ ଶିଷାଁରେ ପୂର୍ଣ୍ଣ ଶସ୍ୟ। [୨୯] କିନ୍ତୁ ଶସ୍ୟ ପାଚିଲାକ୍ଷଣି ଫସଲ ସମୟ
ଉପସ୍ଥିତ ହେବାରୁ ସେ ଦାଆ ଲଗାଏ। [୩୦] ସେ ପୁଣି କହିଲେ, ଆମ୍ଭେମାନେ କାହା ସାଙ୍ଗରେ
ଈଶ୍ୱରଙ୍କ ରାଜ୍ୟର ତୁଳନା କରିବା ? କିଅବା କେଉଁ ଦୃଷ୍ଟାନ୍ତରେ ତାହା ବୁଝାଇବା ? [୩୧] ତାହା
ଗୋଟିଏ ସୋରିଷଦାନା ପରି; ଭୂମିରେ ବୁଣାଯିବା ସମୟରେ ତାହା ପୃଥିବୀର ସମସ୍ତ ବୀଜଠାରୁ
କ୍ଷୁଦ୍ର, [୩୨] ମାତ୍ର ବୁଣାଗଲେ ତାହା ବଢ଼ି ଉଠି ସବୁ ଶାଗଠାରୁ ବଡ଼ ହୁଏ, ପୁଣି ତାହାର ଏପରି ବଡ଼
ବଡ଼ ଡାଳ ହୁଏ ଯେ, ଆକାଶର ଚଢ଼େଇମାନେ ତାହାର ଛାୟାରେ ବାସ କରିପାରନ୍ତି।

'ବୀଜ ନୀତି' ଅନୁସାରେ ଈଶ୍ୱର କାର୍ଯ୍ୟ କରିଥାନ୍ତି।

ଆପଣଙ୍କ ଜୀବନର ପ୍ରାରମ୍ଭରେ ଯେଉଁସବୁ ବିଷୟ ଆପଣଙ୍କ ଜୀବନରେ ସ୍ଥାନ ପାଇଥାଏ ଏବଂ ଯାହାସବୁ ପରବର୍ତ୍ତୀ ସମୟରେ ଆପଣଙ୍କ ସିଦ୍ଧାନ୍ତ ଗ୍ରହଣ ଓ ମନୋନୟନରେ ଆପଣଙ୍କୁ ପ୍ରଭାବିତ କରିଥାନ୍ତି ସେସବୁକୁ ଆମେ 'ବୀଜ' କହିଥାଉ।

ଯେଉଁସବୁ ପ୍ରତିଭା ବା ଆଗ୍ରହ ପ୍ରଥମରୁ ଦେଖାଯାଇଥାଏ ସେସବୁକୁ ଆମେ 'ବୀଜ' କହିପାରୁ। ହୁଏତ ଆପଣଙ୍କ ଜୀବନର ପ୍ରାଥମିକ ଅବସ୍ଥାରେ ସେସବୁ ବିଶେଷ ସୁଯୋଗ ଭାବରେ ଆପଣଙ୍କ ମାର୍ଗରେ ଆସିଥିଲା। ଅନ୍ୟ 'ବୀଜଗୁଡ଼ିକ' ମଧ୍ୟରେ ରହିଥାନ୍ତି- ବିଶେଷ ବ୍ୟକ୍ତିମାନେ (ଈଶ୍ୱର ଯେଉଁମାନଙ୍କୁ ଆପଣଙ୍କ ଜୀବନ ମଧ୍ୟକୁ ଆଣିଛନ୍ତି), ସ୍ୱପ୍ନସମୂହ, ଏକ ଭାବବାଣୀ ଇତ୍ୟାଦି।

**କେତୋଟି ଉଦାହରଣ:**

**ଯୋଷେଫ:** ଯୋଷେଫ ତାଙ୍କର ଯୁବାବସ୍ଥାରେ ସ୍ୱପ୍ନ ଦେଖିଥିଲେ ଯାହା ତାଙ୍କ ଭବିଷ୍ୟତ ସମ୍ବନ୍ଧୀୟ ଥିଲା (ଆଦି ୩୭)

**ମୋଶା:** ଈଶ୍ୱର ଆଶ୍ଚର୍ଯ୍ୟଜନକ ଭାବରେ ମୋଶାଙ୍କୁ ଫାରୋଙ୍କ ରାଜପ୍ରାସାଦରେ ଶିକ୍ଷିତ ଓ ତାଲିମପ୍ରାପ୍ତ ହେବାର ବ୍ୟବସ୍ଥା କରିଥିଲେ। ଏହା ମୋଶାଙ୍କ ଜୀବନରେ ଈଶ୍ୱରଙ୍କ 'ଆତ୍ମିକ ଭାଗ୍ୟରୂପକ ବୀଜ' ଥିଲା (ପ୍ରେରିତ ୭:୨୨)।

**ଦାଉଦ:** ଦାଉଦ ତାଙ୍କ ଯୁବାବସ୍ଥାରେ ଶାମୁୟେଲଙ୍କ ଦ୍ୱାରା ଅଭିଷିକ୍ତ ହୋଇଥିଲେ (୧ ଶାମୁ ୧୬:୧୩)। ଦାଉଦ ଯେତେବେଳ ବାଳକ ଥିଲେ ସେ ବଜାଇବାରେ ନିପୁଣ, ମହାବିକ୍ରମଶାଳୀ ଯୋଦ୍ଧା, କଥାରେ ବିଜ୍ଞ ଓ ରୂପବାନ ଥିଲେ (୧ ଶାମୁ ୧୬:୧୮)। ଏହି 'ବୀଜଗୁଡ଼ିକ' ଦାଉଦଙ୍କ ପରବର୍ତ୍ତୀ ଜୀବନକୁ ଗଠନ କରିଥିଲା ଓ ସେ ଜୀବନରେ ଅନେକ ବିଷୟ ସାଧନ କରିଥିଲେ।

**ଏଷ୍ଟର:** ଏଷ୍ଟରଙ୍କ ସୌନ୍ଦର୍ଯ୍ୟ ତାଙ୍କର 'ବୀଜ' ଥିଲା ଯଦ୍ଦ୍ୱାରା ସେ ରାଣୀ ହୋଇପାରିଥିଲେ। ଏହି ସ୍ଥାନରେ ରହିବା ଯୋଗୁଁ ସେ ଯିହୁଦୀ ଲୋକମାନଙ୍କ ନିମନ୍ତେ ପ୍ରଭାବଶାଳୀ ନାରୀ ହୋଇଥିଲେ।

ଆପଣଙ୍କ ଜୀବନର 'ଆତ୍ମିକ ଭାଗ୍ୟରୂପକ ବୀଜଗୁଡ଼ିକୁ' ଚିହ୍ନନ୍ତୁ।

ଆପଣଙ୍କ ଜୀବନର ବୀଜଗୁଡ଼ିକ ଆପଣଙ୍କ ନିମନ୍ତେ ଈଶ୍ୱରଙ୍କ ଯୋଜନା, ଉଦ୍ଦେଶ୍ୟ ଓ ଦିଶା ନିର୍ଦ୍ଦେଶନାର ସମ୍ବାଦ ବହନ କରିଥାନ୍ତି।

## ୩. ଅନ୍ତରର ଆଲୋଡ଼ନକୁ ଜାଣନ୍ତୁ

*ନିହିମିୟା ୧:୧-୪*

[୧]ବିଂଶତିତମ ବର୍ଷର କିଶ୍ଲେବ୍ ମାସରେ ମୁଁ ଶୂଶନ୍ ରାଜଧାନୀରେ ଥିଲି । [୨]ତହିଁରେ ହନାନି
ନାମରେ ମୋହର ଭ୍ରାତୃଗଣ ମଧ୍ୟରୁ ଏକ ଜଣ ଓ ଯିହୁଦାରୁ କେତେକ ଲୋକ ଆସିଲେ; ତହୁଁ ମୁଁ
ସେମାନଙ୍କୁ ବନ୍ଦୀତ୍ୱରୁ ରକ୍ଷିତ ଅବଶିଷ୍ଟ ଯିହୁଦୀୟମାନଙ୍କ ବିଷୟରେ ଓ ଯିରୂଶାଲମ ବିଷୟରେ
ପଚାରିଲି । [୩] ସେତେବେଳେ ସେମାନେ ମୋତେ କହିଲେ, ବନ୍ଦୀତ୍ୱରୁ ରକ୍ଷିତ ସେହି ପ୍ରଦେଶସ୍ଥ
ଅବଶିଷ୍ଟ ଲୋକେ ମହାଦୁଃଖ ଓ ଅପମାନରେ ଅଛନ୍ତି; ମଧ୍ୟ ଯିରୂଶାଲମ୍‌ର ପ୍ରାଚୀର ଭଗ୍ନ ହୋଇ
ରହିଅଛି ଓ ତହିଁର ଦ୍ୱାରସବୁ ଅଗ୍ନିରେ ଦଗ୍ଧ ହୋଇଅଛି । [୪] ତହୁଁ ମୁଁ ଏହି କଥା ଶୁଣନ୍ତେ, ବସି
ରୋଦନ କଲି ଓ କେତେକ ଦିନ ପର୍ଯ୍ୟନ୍ତ ବିଳାପ କଲି; ପୁଣି, ମୁଁ ସ୍ୱର୍ଗସ୍ଥ ପରମେଶ୍ୱରଙ୍କ ଛାମୁରେ
ଉପବାସ ଓ ପ୍ରାର୍ଥନା କରି କଲି ।

*ନିହିମିୟା ୨:୧୨*

ତହୁଁ ରାତ୍ରିରେ ମୁଁ ଓ ମୋ' ସଙ୍ଗେ କେତେକ ଲୋକ ଉଠିଲୁ; ପୁଣି, ମୋର ପରମେଶ୍ୱର ଯିରୂଶାଲମ ନିମନ୍ତେ ଯାହା କରିବାକୁ ମୋର ମନରେ ପ୍ରବୃତ୍ତି ଦେଇଥିଲେ, ତାହା ମୁଁ କାହାକୁ ଜଣାଇଲି ନାହିଁ; ଆଉ ମୁଁ ଯେଉଁ ପଶୁ ଉପରେ ଚଢ଼ିଥିଲି, ତାହା ଛଡ଼ା ଅନ୍ୟ ପଶୁ ମୋ'ସଙ୍ଗରେ ନଥିଲା ।

ନିହିମିୟାଙ୍କ ପରି ବନ୍ଦୀ ଅବସ୍ଥାରେ ଥିବା ଅନେକ ଲୋକ ଯିରୂଶାଲମର ପରିସ୍ଥିତି ସମ୍ବନ୍ଧରେ ଶୁଣିଥିଲେ । ତେବେ, ଏହି ନଗରର ପ୍ରାଚୀରସବୁ ଭଗ୍ନ ହୋଇଥିବା ବିଷୟ ଶୁଣିବା ପରେ ନିହିମିୟାଙ୍କ ହୃଦୟ ଆଲୋଡ଼ନ ହୋଇଥିଲା । ଏହି ଆଲୋଡ଼ନ ଦ୍ୱାରା ଚାଳିତ ହୋଇ ସେ ନଗରର ପ୍ରାଚୀରଗୁଡ଼ିକର ପୁନଃନିର୍ମାଣ କରିଥିଲେ ।

ନିହିମିୟା ଜାଣି ପାରିଥିଲେ ଯେ ଈଶ୍ୱର ତାଙ୍କ ହୃଦୟକୁ ଏହି ବିଷୟରେ ଭାରଗ୍ରସ୍ତ କରିଛନ୍ତି ।

ଅନେକ ସମୟରେ ଆମମାନଙ୍କ ଜୀବନକୁ ହୃଦୟର ଏକ ଅସ୍ୱାଭାବିକ, ଦୃଢ଼ ଓ ଗଭୀର ଆଲୋଡ଼ନ ମାଧ୍ୟମରେ ଈଶ୍ୱରଙ୍କ ନିର୍ଦ୍ଦେଶନା ଆସିଥାଏ ।

ଏହି ଆଲୋଡ଼ନ ଏକ 'ଭାବାବେଗ' ଅପେକ୍ଷା ଯଥେଷ୍ଟ ଅଧିକ । ଭାବାବେଗ ଯୁକ୍ତ ଆଲୋଡ଼ନ ଜଳବାୟୁ ସଦୃଶ ଯାହା ପରିବର୍ତ୍ତନଶୀଳ ଓ ଯାହା ଅନ୍ତର୍ହିତ ହୋଇ ଯାଇଥାଏ । କିନ୍ତୁ, ସ୍ୱର୍ଗୀୟ ଆଲୋଡ଼ନ ଅତି ଗଭୀର । ଏହା ନିରବଚ୍ଛିନ୍ନ ଭାବେ ରହିଥାଏ, ବାରମ୍ବାର ଆସିଥାଏ ଓ କାର୍ଯ୍ୟ ଦାବି କରିଥାଏ ।

*ପ୍ରେରିତ ୧୭:୧୬,୧୭*

[16]ଆଥୀନୀରେ ପାଉଲ ସେମାନଙ୍କ ଅପେକ୍ଷାରେ ଥିବା ସମୟରେ ସେହି ନଗରକୁ ପ୍ରତିମାରେ ପରିପୂର୍ଣ୍ଣ ଦେଖି ତାଙ୍କ ଆତ୍ମା ଉତ୍ତପ୍ତ ହୋଇ ଉଠିଲା । [17]ତେଣୁ ସେ ସମାଜଗୃହରେ ଯିହୂଦୀ ଓ ଯିହୂଦୀମତାବଲମ୍ବୀ ବିଜାତୀୟମାନଙ୍କ ସହିତ, ଆଉ ବଜାରଛକରେ ପ୍ରତିଦିନ ଯେଉଁମାନଙ୍କ ସାଙ୍ଗରେ ଦେଖା ହେଉଥିଲା, ସେମାନଙ୍କୁ ଉପଦେଶ ଦେଉଥିଲେ।

*ପ୍ରେରିତ ୧୮:୫*

ଯେତେବେଳେ ଶୀଲା ଓ ତୀମଥି ମାକିଦନିଆରୁ ଆସିଲେ, ସେତେବେଳେ ପାଉଲ ବାକ୍ୟପ୍ରଚାରରେ ନିତାନ୍ତ ନିବିଷ୍ଟ ଥାଇ, ଯୀଶୁ ଯେ ଖ୍ରୀଷ୍ଟ ଅଟନ୍ତି, ଏହା ଯିହୁଦୀମାନଙ୍କ ନିକଟରେ ସାକ୍ଷ୍ୟ ଦେଉଥିଲେ।

ଏଠାରେ ଆନ୍ତରିକ ହୃଦୟର ଭାବସମୂହକୁ ଲକ୍ଷ୍ୟ କରନ୍ତୁ, ଯଥା: ଆଲୋଡ଼ିତ ହେବା, ଉତ୍ତପ୍ତ ହେବା ଓ ବାଧ୍ୟ କରାଯିବା । ଆନ୍ତରିକ ହୃଦୟର ଏହି ଭାବସମୂହ କେବଳ ଈଶ୍ୱରଙ୍କ ହୃଦୟରେ ଜାତ ହୋଇପାରେ। ସେ ଯାହା ଅନୁଭବ କରନ୍ତି ଆପଣ ଯଦି ତାହା ଅନୁଭବ କରନ୍ତି, ସ୍ୱର୍ଗୀୟ ସ୍ପନ୍ଦନକୁ ଅନୁଭବ କରନ୍ତି, ସେତେବେଳେ ଆପଣ କାର୍ଯ୍ୟ କରିବାକୁ ଆଗେଇ ଯାଆନ୍ତି।

## ୪. ଆପଣଙ୍କୁ ପ୍ରଦତ୍ତ ଈଶ୍ୱରଙ୍କ ଅନୁଗ୍ରହକୁ ଜାଣନ୍ତୁ

### ନୂତନ ନିୟମର ବ୍ୟବହୃତ 'ଅନୁଗ୍ରହ' ପଦର ଅର୍ଥ।

### ସ୍ୱର୍ଗୀୟ କୃପାଦୃଷ୍ଟି

*ଏଫିସୀୟ ୨:୮*

କାରଣ ଅନୁଗ୍ରହରେ ବିଶ୍ୱାସ ଦ୍ୱାରା ତୁମ୍ଭେମାନେ ପରିତ୍ରାଣ ପାଇଅଛ; ତାହା ତୁମ୍ଭମାନଙ୍କ ନିଜଠାରୁ ହୋଇ ନାହିଁ, ତାହା ଈଶ୍ୱରଙ୍କ ଦାନ।

### ସ୍ୱର୍ଗୀୟ ଚରିତ୍ର

*୨ ପିତର ୩:୧୮*

ବରଞ୍ଚ ଆମ୍ଭମାନଙ୍କ ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ଅନୁଗ୍ରହ ଓ ଜ୍ଞାନରେ ବୃଦ୍ଧି ପାଅ। ବର୍ତ୍ତମାନ ଓ ଅନନ୍ତ କାଳ ପର୍ଯ୍ୟନ୍ତ ଗୌରବ ତାହାଙ୍କର।

### ସ୍ୱର୍ଗୀୟ ସାମର୍ଥ୍ୟ

*ଏଫିସୀୟ ୪:୭*

କିନ୍ତୁ ଖ୍ରୀଷ୍ଟଙ୍କ ଦାନର ପରିମାଣ ଅନୁସାରେ ଆମ୍ଭମାନଙ୍କ ପ୍ରତ୍ୟେକକୁ ଅନୁଗ୍ରହ ଦତ୍ତ ହୋଇଅଛି।

ଏକା ଆତ୍ମିକ ଦାନର ପରିମାଣ ଭିନ୍ନ ଭିନ୍ନ ହୋଇପାରେ ।

*ରୋମୀୟ ୧୨:୪-୬*

୪କାରଣ ଯେପରି ଏକ ଶରୀରରେ ଆମ୍ଭମାନଙ୍କର ଅନେକ ଅଙ୍ଗପ୍ରତ୍ୟଙ୍ଗ ଅଛି, କିନ୍ତୁ ସମସ୍ତ
ଅଙ୍ଗପ୍ରତ୍ୟଙ୍ଗର କାର୍ଯ୍ୟ ଏକପ୍ରକାର ନୁହେଁ, ୫ସେହିପରି ଅନେକ ଯେ ଆମ୍ଭେମାନେ, ଆମ୍ଭେମାନେ
ଖ୍ରୀଷ୍ଟଙ୍କଠାରେ ଏକ ଶରୀର ଓ ପ୍ରତ୍ୟେକେ ପରସ୍ପର ଅଙ୍ଗପ୍ରତ୍ୟଙ୍ଗ । ୬ଆଉ, ଆମ୍ଭମାନଙ୍କୁ ପ୍ରଦତ୍ତ
ଅନୁଗ୍ରହ ଅନୁସାରେ ଆମ୍ଭେମାନେ ବିଭିନ୍ନ ଦାନ ପାଇଅଛୁ; ଏଣୁ ସେହି ଦାନ ଯଦି ଭାବବାଣୀ ହୁଏ,
ଆସ, ଆମ୍ଭେମାନେ ବିଶ୍ୱାସର ପରିମାଣ ଅନୁସାରେ ଭାବବାଣୀ କହୁ ।

- ଆପଣଙ୍କର ଆତ୍ମିକ ଦାନ ଆପଣଙ୍କୁ ପ୍ରଦତ୍ତ ଅନୁଗ୍ରହକୁ ସୂଚାଏ ।
- ଖ୍ରୀଷ୍ଟଙ୍କ ଶରୀରରେ ଯେଉଁ କାର୍ଯ୍ୟ କରିବାକୁ ଆପଣଙ୍କୁ ଈଶ୍ୱର ନିରୂପଣ କରିଅଛନ୍ତି, ତଦନୁସାରେ ଆପଣଙ୍କୁ ଆତ୍ମିକ ଦାନ ଦିଆଯାଇଛି ।
- ଈଶ୍ୱରଙ୍କ 'ଦାନ ଓ ଆହ୍ୱାନ' ଏକ ସଙ୍ଗେ ଗମନ କରନ୍ତି (ରୋମୀୟ ୧୧:୨୯) ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ନିମନ୍ତେ ଆପଣ ଆତ୍ମିକ ଦାନ ପାଇଥିଲେ ହିଁ ଆପଣ ଜାଣିପାରନ୍ତି ଯେ ଆପଣ ସେଥି ନିମନ୍ତେ ଆହ୍ୱାନପ୍ରାପ୍ତ ଅଟନ୍ତି ।
- ସମସ୍ତ ଦାନ 'ଆତ୍ମିକ' ସ୍ୱଭାବ ବିଶିଷ୍ଟ ନୁହନ୍ତି ।

*ଏଫିସୀୟ ୩:୧, ୭, ୮*

୧ଏନିମନ୍ତେ ମୁଁ ପାଉଲ, ବିଜାତି ଯେ ତୁମ୍ଭେମାନେ, ତୁମ୍ଭମାନଙ୍କ ସକାଶେ ଖ୍ରୀଷ୍ଟ ଯୀଶୁଙ୍କର ବନ୍ଦୀ-
୭ଈଶ୍ୱରଙ୍କ କାର୍ଯ୍ୟସାଧକ ଶକ୍ତି ଅନୁସାରେ ମୋତେ ପ୍ରଦତ୍ତ ତାହାଙ୍କ ଅନୁଗ୍ରହର ଦାନ ପ୍ରମାଣେ ସେହି
ସୁସମାଚାରର ମୁଁ ଜଣେ ସେବକ ହେଲି । ୮ସମସ୍ତ ସାଧୁଙ୍କ ମଧ୍ୟରେ କ୍ଷୁଦ୍ରତମଠାରୁ କ୍ଷୁଦ୍ର ଯେ ମୁଁ,
ମୋତେ ବିଜାତିମାନଙ୍କ ନିକଟରେ ବୋଧର ଅଗମ୍ୟ ଖ୍ରୀଷ୍ଟଙ୍କ ନିଧିର ସୁସମାଚାର ପ୍ରଚାର କରିବା
ପାଇଁ ।

- କିଛି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଆପଣଙ୍କୁ ଈଶ୍ୱରଙ୍କ ଅନୁଗ୍ରହ ଦିଆଯାଇଥାଏ, ଯେପରିକି କୌଣସି କାର୍ଯ୍ୟ ସମ୍ପୂର୍ଣ୍ଣ କରିପାରନ୍ତି । ଉଦାହରଣ ସ୍ୱରୂପ-ରୋଗୀମାନଙ୍କ ମଧ୍ୟରେ, ବୟସ୍କ ବା ପିଲାମାନଙ୍କ ମଧ୍ୟରେ ଈଶ୍ୱରଙ୍କ କାର୍ଯ୍ୟକରିବ ।
- ଯେଉଁସବୁ କ୍ଷେତ୍ରରେ ଈଶ୍ୱର ଆପଣଙ୍କୁ ଅନୁଗ୍ରହ ପ୍ରଦାନ କରିଛନ୍ତି ସେସବୁ କ୍ଷେତ୍ରରେ ମଧ୍ୟ ଈଶ୍ୱରଙ୍କ ଶକ୍ତି ପ୍ରଭାବଶାଳୀ ଭାବରେ ଆପଣଙ୍କ ଜୀବନରେ କାର୍ଯ୍ୟ କରୁଥିବା ଆପଣ ଦେଖିପାରିବେ ।

*ଏଫିସୀୟ ୪:୭-୧୧*

୭କିନ୍ତୁ ଖ୍ରୀଷ୍ଟଙ୍କ ଦାନର ପରିମାଣ ଅନୁସାରେ ଆମ୍ଭମାନଙ୍କ ପ୍ରତ୍ୟେକଙ୍କୁ ଅନୁଗ୍ରହ ଦତ୍ତ ହୋଇଅଛି ।
୮ଏଥିନିମନ୍ତେ ଉକ୍ତ ଅଛି, ସେ ଊର୍ଦ୍ଧ୍ୱରେ ଆରୋହଣ କରି ବନ୍ଦୀମାନଙ୍କୁ ବନ୍ଦୀ କରି ନେଇଗଲେ,
ଆଉ ମନୁଷ୍ୟମାନଙ୍କୁ ନାନା ବର ଦାନ ଦେଲେ । ୯ସେ ଆରୋହଣ କଲେ ବୋଲି କହିଲେ ଅର୍ଥ
କଅଣ ? ନା, ସେ ମଧ୍ୟ ନୀଚସ୍ଥ ପୃଥିବୀକୁ ଅବତରଣ କରିଥିଲେ । ୧୦ଯେ ଅବତରଣ କରିଥିଲେ,
ସେ ଯେପରି ସମସ୍ତ ବିଷୟ ପୂର୍ଣ୍ଣ କରନ୍ତି, ଏଥିପାଇଁ ସେ ମଧ୍ଯ ସମସ୍ତ ସ୍ୱର୍ଗର ଊର୍ଦ୍ଧ୍ୱକୁ ଆରୋହଣ
କଲେ । ୧୧ସେ କାହାକାହାକୁ ପ୍ରେରିତ, କାହାକାହାକୁ ଭାବବାଦୀ, କାହାକାହାକୁ ସୁସମାଚାର
ପ୍ରଚାରକ, ପୁଣି କାହାକାହାକୁ ପାଳକ ଓ ଶିକ୍ଷକରୂପେ ନିଯୁକ୍ତି କରି ଦାନ କରିଅଛନ୍ତି ।

ବିଭିନ୍ନ ବ୍ୟକ୍ତି ବିଭିନ୍ନ ପଦ / ସେବାକାର୍ଯ୍ୟ ନିମନ୍ତେ ଆହ୍ୱାନପ୍ରାପ୍ତ ଅଟନ୍ତି।

ଈଶ୍ୱର ଆପଣଙ୍କୁ ଯେଉଁ ଅନୁଗ୍ରହ ଦେଇଛନ୍ତି ତାହା ଜାଣନ୍ତୁ।

ଆପଣ ଯେଉଁ ଅନୁଗ୍ରହ ଦାନ ପାଇଛନ୍ତି ସେଥିରୁ ଆପଣଙ୍କ ଜୀବନ ନିମନ୍ତେ ଈଶ୍ୱରଙ୍କ ଶକ୍ତି ଓ ତାଙ୍କର ଉଦ୍ଦେଶ୍ୟ ପ୍ରକାଶ ପାଇଥାଏ।

ଆପଣ ଯେପରି ଭାବରେ ବା ଯେଉଁ ଢ଼ାଞ୍ଚାରେ ପ୍ରସ୍ତୁତ କରାଯାଇଛନ୍ତି ସେଥିରୁ ପ୍ରକାଶିତ ହୁଏ ଆପଣ କେଉଁ କାର୍ଯ୍ୟ ନିମନ୍ତେ ପ୍ରସ୍ତୁତ କରାଯାଇଛନ୍ତି।

ଈଶ୍ୱରଙ୍କ ଅନୁଗ୍ରହ ଦାନସମୂହ ତାହାଙ୍କ ଉଦ୍ଦେଶ୍ୟ ସାଧନାର୍ଥେ ପାଳିତ, ବିକଶିତ ଓ ବ୍ୟବହୃତ ହେବା ଉଚିତ।

### ଅନୁଗ୍ରହ ଯୁକ୍ତ କାର୍ଯ୍ୟ

*୧ କରିନ୍ଥୀୟ ୧୫:୧୦*

କିନ୍ତୁ ମୁଁ ଯାହା ହୋଇଅଛି, ତାହା ଈଶ୍ୱରଙ୍କ ଅନୁଗ୍ରହରେ ହୋଇଅଛି, ଆଉ ମୋ ପ୍ରତି ପ୍ରଦତ୍ତ ତାହାଙ୍କର ସେହି ଅନୁଗ୍ରହ ବ୍ୟର୍ଥ ହୋଇନାହିଁ, ମାତ୍ର ମୁଁ ସେସମସ୍ତଙ୍କ ଅପେକ୍ଷା ଅଧିକ ପରିଶ୍ରମ କରିଅଛି, ତଥାପି ମୁଁ ନୁହେଁ, କିନ୍ତୁ ମୋ ସହିତ ଥିବା ଈଶ୍ୱରଙ୍କ ଅନୁଗ୍ରହ ତାହା କରିଅଛି।

## ୫. ଈଶ୍ୱରଙ୍କ ଆତ୍ମାଙ୍କ ଚାଳନାକୁ ଜାଣନ୍ତୁ

*ରୋମୀୟ ୮:୧୪-୧୬*

୧୪ଯେଣୁ ଯେତେ ଲୋକ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ଚାଳିତ ହୁଅନ୍ତି, ସେମାନେ ଈଶ୍ୱରଙ୍କ ସନ୍ତାନ ।
୧୫କାରଣ ତୁମ୍ଭେମାନେ ପୁନର୍ବାର ଭୟ କରିବା ନିମନ୍ତେ ଦାସତ୍ୱର ଆତ୍ମା ପାଇନାହଁ, କିନ୍ତୁ ପୁତ୍ରତ୍ୱର
ଆତ୍ମା ପାଇଅଛ; ତଦ୍ୱାରା ଆମ୍ଭେମାନେ ଆବ୍ବା, ପିତଃ ବୋଲି ଡାକିଥାଉ । ୧୬ଆମ୍ଭେମାନେ ଈଶ୍ୱରଙ୍କ
ସନ୍ତାନ ବୋଲି ସେହି ଆତ୍ମା ସ୍ୱୟଂ ଆମ୍ଭମାନଙ୍କ ଆତ୍ମା ସହିତ ସାକ୍ଷ୍ୟ ପ୍ରଦାନ କରନ୍ତି।

*ଯୋହନ ୧୬: ୧୩-୧୫*

[୧୩]କିନ୍ତୁ ସେ, ଅର୍ଥାତ୍ ସତ୍ୟମୟ ଆତ୍ମା ଆସିଲେ ସେ ପଥ ଦେଖାଇ ତୁମ୍ଭମାନଙ୍କୁ ସମସ୍ତ ସତ୍ୟରେ ପ୍ରବେଶ କରାଇବେ, କାରଣ ସେ ଆପଣାଠାରୁ କଥା କହିବେ ନାହିଁ, ମାତ୍ର ଯାହା ଯାହା ଶୁଣିବେ, ସେହିସବୁ କହିବେ, ପୁଣି ଆଗାମୀ ବିଷୟସବୁ ତୁମ୍ଭମାନଙ୍କୁ ଜଣାଇବେ । [୧୪]ସେ ମୋତେ ଗୌରବାନ୍ୱିତ କରିବେ, କାରଣ ସେ ମୋ' ବିଷୟ ଘେନି ତୁମ୍ଭମାନଙ୍କୁ ଜଣାଇବେ । [୧୫]ଯାହା ଯାହା ପିତାଙ୍କର, ସେହିସବୁ ମୋହର; ଏହିହେତୁ ମୁଁ କହିଲି, ସେ ମୋହର ବିଷୟ ଘେନି ତୁମ୍ଭମାନଙ୍କୁ ଜଣାଇବେ।

*୧ କରିନ୍ଥୀୟ ୨:୯, ୧୦*

[୯]କିନ୍ତୁ ଯେପରି ଲେଖାଅଛି, ''ଚକ୍ଷୁ ଯାହା ଦେଖିନାହିଁ, କର୍ଣ୍ଣ ଯାହା ଶୁଣିନାହିଁ, ଆଉ ମନୁଷ୍ୟର ହୃଦୟରେ ଯାହା ଜାତ ହୋଇନାହିଁ, ସେସମସ୍ତ ବିଷୟ ଈଶ୍ୱର ଆପଣା ପ୍ରେମକାରୀ ଲୋକମାନଙ୍କ ନିମନ୍ତେ ପ୍ରସ୍ତୁତ କରିଅଛନ୍ତି । [୧୦]କିନ୍ତୁ ଈଶ୍ୱର ଆମ୍ଭମାନଙ୍କ ନିମନ୍ତେ ଆତ୍ମାଙ୍କ ଦ୍ୱାରା ସେସମସ୍ତ ପ୍ରକାଶ କରିଅଛନ୍ତି; ଯେଣୁ ଆତ୍ମା ସମସ୍ତ ବିଷୟ, ହଁ, ଈଶ୍ୱରଙ୍କର ଗଭୀର ବିଷୟସବୁ ଅନୁସନ୍ଧାନ କରନ୍ତି।

*ଯୋହନ ୩:୮*

ବାୟୁ ଯେଉଁ ଦିଗରେ ଇଚ୍ଛା କରେ, ସେହି ଦିଗରେ ବହେ ଆଉ ତୁମ୍ଭେ ତାହାର ଶବ୍ଦ ଶୁଣିଥାଅ, କିନ୍ତୁ ତାହା କେଉଁଠାରୁ ଆସେ ପୁଣି କେଉଁଠାକୁ ଯାଏ, ତାହା ଜାଣ ନାହିଁ; ଆତ୍ମାଙ୍କଠାରୁ ଜାତ ପ୍ରତ୍ୟେକ ଲୋକ ସମ୍ବନ୍ଧରେ ସେହିପ୍ରକାର।

**ଈଶ୍ୱରଙ୍କ ଆତ୍ମା ଆମ ସଙ୍ଗେ କିପରି କଥା ହୁଅନ୍ତି ?**

- ଆମମାନଙ୍କ ଆତ୍ମା ସଙ୍ଗେ ସାକ୍ଷ୍ୟ ଦିଅନ୍ତି।
- ଲିଖିତ ବାକ୍ୟ/ କଥିତ ବାକ୍ୟକୁ ପ୍ରାଣବନ୍ତ କରନ୍ତି।
- ଅବଧାରଣା, ମାନସିକ ପ୍ରଭାବ ବା ଛବି।
- ସ୍ୱପ୍ନ ଓ ଦର୍ଶନ।
- ଭାବବାଣୀ

**ପବିତ୍ର ଆତ୍ମା କଥା କହୁଛନ୍ତି ବୋଲି କିପରି ଜାଣିବେ ?**

ପବିତ୍ର ଆତ୍ମା ଯେତେବେଳେ କଥା କୁହନ୍ତି, ସେ ଯୀଶୁଙ୍କୁ ଗୌରବାନ୍ୱିତ କରନ୍ତି। ଏହି ନିଶ୍ଚିତ ପରୀକ୍ଷା ଦ୍ୱାରା ଆପଣ ଜାଣିପାରିବେ ଯେ ପ୍ରକୃତରେ ଆପଣ ପବିତ୍ର ଆତ୍ମାଙ୍କ ସ୍ୱର ଶୁଣୁଛନ୍ତି ନା ନିଜ ଅନୁଭବରୁ ଏହା ଶୁଣୁଛନ୍ତି।

## ୬. ପରିସ୍ଥିତିସବୁକୁ ଜାଣନ୍ତୁ

*୨ବଂଶାବଳୀ ୧୬:୯*

କାରଣ ସଦାପ୍ରଭୁଙ୍କ ପ୍ରତି ଯେଉଁମାନଙ୍କର ଅନ୍ତଃକରଣ ସିଦ୍ଧ ଥାଏ, ସେମାନଙ୍କ ସପକ୍ଷରେ ଆପଣାକୁ ବଳବାନ ଦେଖାଇବା ପାଇଁ ତାହାଙ୍କର ଚକ୍ଷୁ ପୃଥିବୀର ସର୍ବତ୍ର ଏଣେତେଣେ ଦୌଡ଼ଇ। ଏ ବିଷୟରେ ତୁମ୍ଭେ ଅଜ୍ଞାନର କାର୍ଯ୍ୟ କରିଅଛ; ଏଣୁ ଏହି ସମୟଠାରୁ ତୁମ୍ଭ ପ୍ରତି ଯୁଦ୍ଧ ଘଟିବ।

*ଗୀତସଂହିତା ୩୭: ୨୩, ୨୪*

ସଦାପ୍ରଭୁଙ୍କ ଦ୍ୱାରା ମନୁଷ୍ୟର ଗତି ସ୍ଥିରୀକୃତ ହୁଏ ଓ ସେ ତାହାର ପଥରେ ସନ୍ତୁଷ୍ଟ ହୁଅନ୍ତି। ସେ ପତିତ ହେଲେ ହେଁ ଭୂମିଶାୟୀ ହେବ ନାହିଁ; କାରଣ ସଦାପ୍ରଭୁ ସ୍ୱହସ୍ତରେ ତାହାକୁ ଧରି ରଖନ୍ତି।

- ଈଶ୍ୱରଙ୍କ ଅନେକ ପରିସ୍ଥିତି ଆସିବାକୁ ଦିଅନ୍ତି, କିନ୍ତୁ ଆପଣ ଓ ମୁଁ ତା'ର ଉତ୍ତର ଦେବାକୁ ହେବ।
- ଈଶ୍ୱର ଯେଉଁସବୁ ପରିସ୍ଥିତି ଓ ଘଟଣାକୁ ଆମ ଜୀବନ ମଧ୍ୟକୁ ପଠାଇଥାନ୍ତି ସେସବୁରେ ଆମ ପ୍ରତି ତାହାଙ୍କର ଯୋଜନା ଓ ଉଦ୍ଦେଶ୍ୟ ରହିଥାଏ।
- ଈଶ୍ୱର ଲୋକମାନଙ୍କୁ, ସ୍ଥାନସବୁକୁ ଓ ବିଭିନ୍ନ ବିଷୟକୁ ଏପରି ସଜାଇ ରଖିଥାନ୍ତି ଯେ ତାହାଙ୍କ ପଥରେ ଚାଲିବା ପାଇଁ ସେସବୁ ଆପଣଙ୍କୁ ସାହାଯ୍ୟ କରିଥାନ୍ତି।
- ପରିସ୍ଥିତିସବୁକୁ ବୁଝି ତା'ର ଉତ୍ତର ଦିଅନ୍ତୁ।
- ଆପଣଙ୍କ ଜୀବନରେ ଯାହାସବୁ ପରିସ୍ଥିତି ଆସେ ସେଥିରୁ ପ୍ରତ୍ୟେକଟି ମଧୁର ବା ପ୍ରୀତିକର ହୋଇ ନଥାଏ, ତେବେ ପ୍ରତ୍ୟେକର ସ୍ଥାୟୀ ମୂଲ୍ୟ ରହିଛି। ଉଦାହରଣ ସ୍ୱରୂପ, ଯେଉଁସବୁ ପରିସ୍ଥିତି ଆଳସ୍ୟ ଦୂର କରେ; ଯେଉଁସବୁ ପରିସ୍ଥିତି ଅର୍ଥକୁ ବୁଦ୍ଧିର ସହିତ ଖର୍ଚ୍ଚ କରିବାକୁ ଶିକ୍ଷାଦିଏ; ଯେଉଁସବୁ ପରିସ୍ଥିତି ଧୈର୍ଯ୍ୟଶୀଳ କରେ, ଇତ୍ୟାଦି।

*ଏବ୍ରୀ ୧୨:୫-୧୧*

୫ଆଉ ପୁତ୍ରମାନଙ୍କ ପରି ତୁମ୍ଭମାନଙ୍କ ପ୍ରତି ଉକ୍ତ ଏହି ଉତ୍ସାହବାକ୍ୟ ଭୁଲିଅଛ, ହେ ମୋହର ପୁତ୍ର,
ପ୍ରଭୁଙ୍କ ଶାସନକୁ ଲଘୁ ଜ୍ଞାନ କର ନାହିଁ, କିମ୍ବା ତାହାଙ୍କ ଦ୍ୱାରା ଅନୁଯୋଗ ପ୍ରାପ୍ତ ହେଲେ କ୍ଳାନ୍ତ ହୁଅ
ନାହିଁ; ୬କାରଣ ପ୍ରଭୁ ଯାହାକୁ ପ୍ରେମ କରନ୍ତି, ତାହାକୁ ଶାସନ କରନ୍ତି, ପୁଣି ଯେଉଁ ପୁତ୍ରକୁ ସେ
ଗ୍ରହଣ କରନ୍ତି, ତାହାକୁ ପ୍ରହାର କରନ୍ତି । ୭ଶାସନ ଉଦ୍ଦେଶ୍ୟରେ ତ ତୁମ୍ଭେମାନେ କ୍ଳେଶ ସହ୍ୟ
କରୁଅଛ; ଈଶ୍ୱର ତୁମ୍ଭମାନଙ୍କ ସହିତ ପୁତ୍ର ତୁଲ୍ୟ ବ୍ୟବହାର କରୁଅଛନ୍ତି, କାରଣ ପିତା ଯାହାକୁ
ଶାସନ ନ କରନ୍ତି, ଏପରି ପୁତ୍ର କିଏ ଅଛି ? ୮କିନ୍ତୁ ଯେଉଁ ଶାସନର ସମସ୍ତେ ସହଭାଗୀ, ଯଦି

ତୁମ୍ଭେମାନେ ସେଥିର ଅଂଶୀ ନୁହଁ, ତେବେ ତୁମ୍ଭେମାନେ ପୁତ୍ର ନ ହୋଇ ଜାରଜ ଅଟ । ୯ଆହୁରି
ମଧ୍ୟ, ଆମ୍ଭମାନଙ୍କ ଶାସନକାରୀ ଆମ୍ଭମାନଙ୍କ ଶାରୀରିକ ପିତୃଗଣଙ୍କୁ ଆମ୍ଭେମାନେ ସମାଦର କଲୁ;
ତେବେ ଆତ୍ମାମାନଙ୍କ ପିତାଙ୍କର ବରଂ କେତେ ଅଧିକରୂପେ ବଶୀଭୂତ ହୋଇ ଜୀବନ ପ୍ରାପ୍ତ ନ
ହେବୁ ? ୧୦କାରଣ ସେମାନଙ୍କୁ ଯେପରି ବିହିତ ବୋଧ ହେଲା, ତଦନୁସାରେ ସେମାନେ ଅଳ୍ପ
ଦିନ ନିମନ୍ତେ ଆମ୍ଭମାନଙ୍କୁ ଶାସନ କଲେ; କିନ୍ତୁ ଆମ୍ଭେମାନେ ଯେପରି ତାହାଙ୍କ ପବିତ୍ରତାର
ସହଭାଗୀ ହେଉ, ଏଥିପାଇଁ ସେ ଆମ୍ଭମାନଙ୍କ ମଙ୍ଗଳ ନିମନ୍ତେ ଶାସନ କରନ୍ତି । ୧୧ଶାସନ ବର୍ତ୍ତମାନ
ଆନନ୍ଦଜନକ ବୋଧ ନହୋଇ ଦୁଃଖଜନକ ବୋଧ ହୁଏ; ତଥାପି ଯେଉଁମାନେ ତଦ୍ଦ୍ୱାରା ଶିକ୍ଷାପ୍ରାପ୍ତ
ହୋଇଅଛନ୍ତି, ତାହା ପରେ ସେମାନଙ୍କୁ ଶାନ୍ତିର ଫଳସ୍ୱରୂପ ଧାର୍ମିକତା ପ୍ରଦାନ କରେ।

*ଦ୍ୱି.ବିବ: ୮:୧-୧୦*

୧ଆଜି ମୁଁ ତୁମ୍ଭକୁ ଯେସମସ୍ତ ଆଜ୍ଞା ଦେଉଅଛି, ତାହାସବୁ ତୁମ୍ଭେମାନେ ମନୋଯୋଗ କରି ପାଳନ
କରିବ, ତହିଁରେ ତୁମ୍ଭେମାନେ ବଞ୍ଚିବ ଓ ବର୍ଦ୍ଧିଷ୍ଣୁ ହେବ, ଆଉ ସଦାପ୍ରଭୁ ଯେଉଁ ଦେଶ ବିଷୟରେ
ତୁମ୍ଭମାନଙ୍କ ପୂର୍ବପୁରୁଷଗଣ ନିକଟରେ ଶପଥ କରିଅଛନ୍ତି, ସେହି ଦେଶରେ ପ୍ରବେଶ କରି ତାହା
ଅଧିକାର କରିବ । ୨ପୁଣି ତୁମ୍ଭେ ତାହାଙ୍କ ଆଜ୍ଞା ପାଳନ କରିବ କି ନାହିଁ, ଏବିଷୟରେ ତୁମ୍ଭର
ପରୀକ୍ଷା ନେବାପାଇଁ ଓ ତୁମ୍ଭର ମାନସ ଜାଣିବା ପାଇଁ ଓ ତୁମ୍ଭକୁ ନମ୍ର କରିବା ପାଇଁ ସଦାପ୍ରଭୁ ତୁମ୍ଭ
ପରମେଶ୍ୱର ଏହି ଚାଳିଶ ବର୍ଷ ପ୍ରାନ୍ତର ମଧ୍ୟରେ ତୁମ୍ଭକୁ ଯେସକଳ ପଥରେ ଗମନ କରାଇଅଛନ୍ତି,
ତାହା ସ୍ମରଣ କର । ୩ ଆଉ ମନୁଷ୍ୟ ଯେ କେବଳ ରୋଟୀରେ ବଞ୍ଚେ ନାହିଁ , ମାତ୍ର ସଦାପ୍ରଭୁଙ୍କ
ମୁଖରୁ ଯାହା ଯାହା ନିର୍ଗତ ହୁଏ, ତହିଁରେ ହିଁ ବଞ୍ଚେ, ଏହା ତୁମ୍ଭକୁ ଜଣାଇବା ପାଇଁ ସେ ତୁମ୍ଭକୁ ନମ୍ର
ଓ କ୍ଷୁଧିତ କରି ତୁମ୍ଭର ଅଜ୍ଞାତ ଓ ତୁମ୍ଭ ପୂର୍ବପୁରୁଷଗଣର ଅଜ୍ଞାତ ମାନ୍ନା ଦେଇ ପ୍ରତିପାଳନ କରିଅଛନ୍ତି ।
୪ ଏହି ଚାଳିଶ ବର୍ଷଯାକ ତୁମ୍ଭ ଶରୀରରେ ବସ୍ତ୍ର ଜୀର୍ଣ୍ଣ ହେଲା ନାହିଁ ଓ ତୁମ୍ଭର ପାଦ ଫୁଲିଲା ନାହିଁ ।
୫ ପୁଣି ମନୁଷ୍ୟ ଯେପରି ଆପଣା ପୁତ୍ରକୁ ଶାସନ କରେ, ତଦ୍ରୂପ ସଦାପ୍ରଭୁ ତୁମ୍ଭ ପରମେଶ୍ୱର ତୁମ୍ଭକୁ
ଶାସନ କରନ୍ତି, ଏହା ତୁମ୍ଭେ ଆପଣା ମନରେ ବିବେଚନା କରିବ । ୬ ତୁମ୍ଭେ ସଦାପ୍ରଭୁ ଆପଣା
ପରମେଶ୍ୱରଙ୍କ ଆଜ୍ଞା ପାଳନ କରି ତାହାଙ୍କ ପଥରେ ଗମନ କରିବ ଓ ତାହାଙ୍କୁ ଭୟ କରିବ ।
୭କାରଣ ସଦାପ୍ରଭୁ ତୁମ୍ଭ ପରମେଶ୍ୱର ତୁମ୍ଭକୁ ଏକ ଉତ୍ତମ ଦେଶକୁ ନେଇ ଯାଉଅଛନ୍ତି; ତାହା
ସମସ୍ଥଳୀ ଓ ପର୍ବତରେ ପ୍ରବାହିତ ସ୍ରୋତ ଓ ନିର୍ଝର ଓ ଜଳାଶୟର ଦେଶ; ୮ ସେହି ଦେଶ ଗହମ ଓ
ଯବ ଓ ଦ୍ରାକ୍ଷା ଓ ଡିମ୍ବିରି ଓ ଡାଳିମ୍ବବୃକ୍ଷମୟ; ସେହି ଦେଶ ଜୀତତୈଳ ଓ ମଧୁମୟ; ୯ ସେହି
ଦେଶରେ ତୁମ୍ଭେ ନିଗ୍ଧାଭାବ ବିନା ଆହାର ଭୋଜନ କରିବ, ସେଠାରେ ତୁମ୍ଭର କୌଣସି ବିଷୟର
ଅଭାବ ହେବନାହିଁ; ସେ ଦେଶର ପଥର ଲୁହା ଓ ତୁମ୍ଭେ ତହିଁର ପର୍ବତରୁ ପିତ୍ତଳ ଖୋଳି ପାରିବ ।
୧୦ ଆଉ ତୁମ୍ଭେ ଭୋଜନ କରି ତୃପ୍ତ ହେବ, ପୁଣି ସଦାପ୍ରଭୁ ତୁମ୍ଭ ପରମେଶ୍ୱର ତୁମ୍ଭକୁ ଯେଉଁ ଉତ୍ତମ
ଦେଶ ଦେଇଅଛନ୍ତି, ତହିଁ ସକାଶୁ ତାହାଙ୍କର ଧନ୍ୟବାଦ କରିବ ।

- ଆପଣ ସାମନା କରୁଥିବା ପ୍ରତ୍ୟେକ ପରିସ୍ଥିତି ନିମନ୍ତେ ଈଶ୍ୱର ଦାୟୀ ନୁହନ୍ତି । କେତେକ ପରିସ୍ଥିତି ନିଜର କର୍ମଜନିତ, ଅନେକ ପରିସ୍ଥିତି ପାଇଁ ଅନ୍ୟମାନେ ଦାୟୀ ଏବଂ ଆହୁରି କେତେକ ପରିସ୍ଥିତି ଶୟତାନ ଆଣିଥାଏ। ଆମେ ପ୍ରତ୍ୟେକ ପରିସ୍ଥିତିକୁ ବୁଝିବାକୁ ହେବ।
- ଆପଣ ଯେତେବଡ଼ ଖରାପ ପରିସ୍ଥିତି ମଧ୍ୟ ଦେଇ ଗତି କରୁଥିଲେ ମଧ୍ୟ ଈଶ୍ୱର ଆପଣଙ୍କୁ ସାହାଯ୍ୟ କରିବା ପାଇଁ ଅନେକ ବିଷୟକୁ ପୁନର୍ବାର ସଜାଡ଼ି ପାରନ୍ତି ଯେପରି ଆପଣ ନିଜ ଜୀବନରେ ତାହାଙ୍କର ଉଦ୍ଦେଶ୍ୟ ପୂରଣ କରିବା ଦିଗରେ ଆଗେଇ ଯାଇପାରିବେ। ଏହାର ଏକ ଉଦାହରଣ, ଯୋଷେଫ (ଆଦି ୩୭; ୫୦:୧୫)।
- ପରିସ୍ଥିତି ଗୁଡ଼ିକୁ ଚିହ୍ନନ୍ତୁ ବା ଜାଣନ୍ତୁ ଏବଂ ଉପଯୁକ୍ତ ପଦକ୍ଷେପ ନିଅନ୍ତୁ।

ହିତୋପଦେଶ ୪:୨୬ କୁହେ, "ତୁମ୍ଭେ ଆପଣା ପାଦ ସଳଖ କରି ପକାଅ ଓ ତୁମ୍ଭର ସବୁ ପଥ ସ୍ଥିରୀକୃତ ହେଉ।"

## ୭. ଧାର୍ମିକ ପରାମର୍ଶ ଓ ଜ୍ଞାନକୁ ଜାଣନ୍ତୁ

- ପରାମର୍ଶର ଅର୍ଥ ଉପଦେଶ, ନିର୍ଦ୍ଦେଶ, ଜ୍ଞାନକୁ ଅଂଶୀ କରାଇବା-ଏହା ଆପଣଙ୍କୁ ଦିଆଯାଏ।
- ପରାମର୍ଶ ଏକ ଆଜ୍ଞା ନୁହେଁ।
- ଧାର୍ମିକ ଉପଦେଶ ଈଶ୍ୱରଙ୍କ ଲୋକମାନେ ଦେଇଥାନ୍ତି, ଯେଉଁମାନଙ୍କର ଈଶ୍ୱରଙ୍କ ସଙ୍ଗେ ଗଭୀର, ଦୃଢ଼, ବଳିଷ୍ଠ, ପରୀକ୍ଷାସିଦ୍ଧ ସମ୍ପର୍କ ରହିଥାଏ। ସେମାନଙ୍କ ଜ୍ଞାନ ଓ ଅନୁଭୂତିକୁ ଆଧାର କରି ସେମାନେ ସତ୍‌ପରାମର୍ଶ ଦେଇଥାନ୍ତି।

**ଉଦାହରଣ:**

*୧ କରିନ୍ଥୀୟ ୭:୧୦-୧୪; ୨୫-୨୮* (୧୦,୧୨ ଓ ୨୫ ପଦଗୁଡ଼ିକୁ ଦେଖନ୍ତୁ)

[10]କିନ୍ତୁ ବିବାହିତମାନଙ୍କୁ ମୁଁ ଆଜ୍ଞା ଦିଏ, ମୁଁ ନୁହେଁ, ମାତ୍ର ପ୍ରଭୁ ଆଜ୍ଞା ଦିଅନ୍ତି, ଭାର୍ଯ୍ୟା ଆପଣା ସ୍ୱାମୀଠାରୁ ବିଭିନ୍ନ ନ ହେଉ । [11] (କିନ୍ତୁ ଯଦି ସେ ବିଭିନ୍ନ ହୁଏ, ତେବେ ସେ ଆଉ ବିବାହ ନ କରୁ, ଅଥବା ଆପଣା ସ୍ୱାମୀ ସହିତ ମିଳିତ ହେଉ), ପୁଣି ସ୍ୱାମୀ ଆପଣା ଭାର୍ଯ୍ୟାକୁ ପରିତ୍ୟାଗ ନ କରୁ। [12]କିନ୍ତୁ ଅନ୍ୟ ସମସ୍ତଙ୍କୁ ମୁଁ କହେ (ପ୍ରଭୁ କହନ୍ତି ନାହିଁ), ଯଦି କୌଣସି ଭାଇର ଅବିଶ୍ୱାସିନୀ ଭାର୍ଯ୍ୟା ଥାଏ, ଆଉ ସେ ତା'ର ସହିତ ବାସ କରିବାକୁ ସମ୍ମତା ହୁଏ, ତାହାହେଲେ ସେ ତାକୁ ପରିତ୍ୟାଗ ନ କରୁ। [13] ପୁଣି, ଯେଉଁ ସ୍ତ୍ରୀର ଅବିଶ୍ୱାସୀ ସ୍ୱାମୀ ଥାଏ, ଆଉ ସେ ତା'ର ସହିତ ବାସ

କରିବାକୁ ସମ୍ମତ ହୁଏ, ସେ ଆପଣା ସ୍ୱାମୀକୁ ପରିତ୍ୟାଗ ନ କରୁ । ୧୪କାରଣ ଅବିଶ୍ୱାସୀ ସ୍ୱାମୀ
ଭାର୍ଯ୍ୟା ହେତୁ ଶୁଚି କରାଯାଇଅଛି, ଆଉ ଅବିଶ୍ୱାସିନୀ ଭାର୍ଯ୍ୟା ସ୍ୱାମୀ ହେତୁ ଶୁଚି କରାଯାଇଅଛି;
ତାହା ନହେଲେ ତୁମ୍ଭମାନଙ୍କ ସନ୍ତାନମାନେ ଅଶୁଚି ହୁଅନ୍ତେ, କିନ୍ତୁ ଏବେ ସେମାନେ ଶୁଚି।
୨୫କୁମାରୀମାନଙ୍କ ବିଷୟରେ ମୁଁ ପ୍ରଭୁଙ୍କ ଠାରୁ କୌଣସି ଆଜ୍ଞା ପାଇନାହିଁ; କିନ୍ତୁ ପ୍ରଭୁଙ୍କ ଅନୁଗ୍ରହରେ
ବିଶ୍ୱାସପାତ୍ର ହୋଇ ନିଜର ମତ ଦେଉଅଛି । ୨୬ମୁଁ ମନେ କରେ ଯେ, ମନୁଷ୍ୟ ଯେପରି ଅଛି,
ଆସନ୍ନ ଦୁର୍ଦ୍ଦଶା ହେତୁ ସେହିପରି ରହିବା ଭଲ । ୨୭ତୁମ୍ଭେ କି ଭାର୍ଯ୍ୟା ସହିତ ଆବଦ୍ଧ ? ତେବେ
ମୁକ୍ତ ହେବା ପାଇଁ ଚେଷ୍ଟା କର ନାହିଁ । ତୁମ୍ଭେ କି ଭାର୍ଯ୍ୟାଠାରୁ ମୁକ୍ତ ? ତେବେ ଭାର୍ଯ୍ୟା ପାଇବାକୁ
ଚେଷ୍ଟା କର ନାହିଁ । ୨୮କିନ୍ତୁ ଯଦି ତୁମ୍ଭେ ବିବାହ କରିଅଛ, ତାହାହେଲେ ସୁଦ୍ଧା ପାପ କରି ନାହଁ;
ଆଉ ଯଦି କୁମାରୀ ବିବାହ କରିଅଛି, ତାହାହେଲେ ସେ ପାପ କରି ନାହିଁ । ତଥାପି ଏପରି ଲୋକେ
ଶରୀରରେ କ୍ଳେଶ ଭୋଗିବେ; ଆଉ ତୁମ୍ଭେମାନେ ଯେପରି ସେଥିରୁ ରକ୍ଷା ପାଅ, ଏହା ମୋହର
ଇଚ୍ଛା ।

- ସତ୍ ପରାମର୍ଶ ଗ୍ରହଣ କରିବାର ମୂଲ୍ୟ

*ହିତୋପଦେଶ ୫:୨୩*

ସେ ଉପଦେଶ ଅଭାବରେ ମରିଯିବ ଓ ଆପଣା ଅଜ୍ଞାନତାର ଆଧିକ୍ୟରେ ଭ୍ରାନ୍ତ ହେବ।

*ହିତୋପଦେଶ ୧୦:୧୭*

ଉପଦେଶ ଯେ ମାନଇ, ସେ ଜୀବନ-ପଥରେ ଚାଲଇ; ମାତ୍ର ଯେ ଅନୁଯୋଗ ତ୍ୟାଗ କରଇ, ସେ ଭ୍ରାନ୍ତ ହୁଅଇ।

*ହିତୋପଦେଶ ୧୧:୧୪*

ସୁମନ୍ତ୍ରଣାର ଅଭାବରେ ଲୋକମାନେ ପତିତ ହୁଅନ୍ତି, ପୁଣି ମନ୍ତ୍ରୀମାନଙ୍କ ବାହୁଲ୍ୟରେ ରକ୍ଷା ହୁଅଇ।

*ହିତୋପଦେଶ ୧୫:୨୨*

ମନ୍ତ୍ରଣା ଅଭାବରେ ସଙ୍କଳ୍ପ ବିଫଳ ହୁଏ; ମାତ୍ର ବହୁତ ମନ୍ତ୍ରୀ ଦ୍ୱାରା ତାହା ସ୍ଥିରୀକୃତ ହୁଏ।

*ହିତୋପଦେଶ ୨୦:୧୮*

ମନ୍ତ୍ରଣା ଦ୍ୱାରା ପ୍ରତ୍ୟେକ ସଙ୍କଳ୍ପ ସ୍ଥିର ହୁଏ; ପୁଣି, ତୁମ୍ଭେ ଭଲ ପରାମର୍ଶ ଘେନି ଯୁଦ୍ଧ କର।

*ହିତୋପଦେଶ ୨୪:୬*

ଅବଶ୍ୟ ତୁମ୍ଭେ ଭଲ ପରାମର୍ଶ ଘେନି ଆପଣା ଯୁଦ୍ଧ କରିବ; ଆଉ, ମନ୍ତ୍ରୀମାନଙ୍କ ବାହୁଲ୍ୟରେ ରକ୍ଷା ହୁଏ।

- ଈଶ୍ୱର ତାଙ୍କର ଭକ୍ତ ଦାସଦାସୀମାନଙ୍କର ପରାମର୍ଶକୁ ବ୍ୟବହାର କରି ଆପଣଙ୍କ ଜୀବନକୁ ତାହାଙ୍କର ଯୋଜନା ଓ ଉଦ୍ଦେଶ୍ୟ ସାଧନାର୍ଥେ ଚାଳିତ କରିପାରନ୍ତି। ଏହି ବ୍ୟକ୍ତିମାନଙ୍କୁ ସେ ଆପଣ ଜୀବନରେ ରଖିଥାନ୍ତି।
- ନମ୍ର ଭାବରେ ସେମାନଙ୍କ ପରାମର୍ଶ ଗ୍ରହଣ କରନ୍ତୁ।

  **ଉଦାହରଣ:** ମୋଶା ଓ ଯିଥ୍ରୋ (ଯାତ୍ରା ୧୮:୧୩-୨୭)

  ତିନି ପ୍ରକାର ପରାମର୍ଶ :

**ବ୍ୟକ୍ତି ବିଶେଷଙ୍କ ଜ୍ଞାନ ଓ ଅନୁଭୂତିକୁ ଭିତ୍ତିକରି**

- ଯାହାଙ୍କଠାରୁ ପରାମର୍ଶ ଗ୍ରହଣ କରୁଛନ୍ତି ତାଙ୍କ ବିଷୟରେ ସାବଧାନ ରୁହନ୍ତୁ।

*ଗୀତସଂହିତା ୧:୧*

ଯେଉଁ ଜନ ଦୁଷ୍ଟମାନଙ୍କ ମନ୍ତ୍ରଣାରେ ଚାଲେ ନାହିଁ, ଅବା ପାପୀମାନେଙ୍କ ମାର୍ଗରେ ଠିଆ ହୁଏ ନାହିଁ, କିଅବା ନିନ୍ଦକମାନଙ୍କ ସଭାରେ ବସେ ନାହିଁ।

**ଈଶ୍ୱରଙ୍କ ବାକ୍ୟ ଭିତ୍ତିକ ପରାମର୍ଶ।**

**ଭାବବାଣୀ ଦ୍ୱାରା ଅନୁପ୍ରାଣିତ ପରାମର୍ଶ।**

- ପ୍ରଥମ ଓ ତୃତୀୟ ପରାମର୍ଶକୁ ପରୀକ୍ଷା କରିବା, ମିଳାଇ ଦେଖିବା ଓ ବାଖ୍ୟା କରିବା ଆବଶ୍ୟକ।
- ଜଣେ ଭାବବାଦୀ ଯାହାସବୁ କହନ୍ତି ସବୁକିଛି ଭାବବାଣୀ ହୋଇ ନଥାଏ।

*୧ ବଂଶାବଳୀ ୧୭:୧-୫*

୧ ଅନନ୍ତର ଦାଉଦ ଆପଣା ଗୃହରେ ବାସ କରୁଥିବା ବେଳେ ସେ ନାଥନ୍ ଭବିଷ୍ୟଦ୍‌ବକ୍ତାଙ୍କୁ
କହିଲେ, ଦେଖ, ମୁଁ ଏରସକାଷ୍ଠନିର୍ମିତ ଗୃହରେ ବାସ କରୁଅଛି, ମାତ୍ର ସଦାପ୍ରଭୁଙ୍କ ନିୟମ ସିନ୍ଦୁକ
ଯବନିକା ମଧ୍ୟରେ ବାସ କରୁଅଛି । ୨ ତହିଁରେ ନାଥନ ଦାଉଦଙ୍କୁ କହିଲେ, ତୁମ୍ଭ ହୃଦୟରେ ଯାହା
ଅଛି, ତାହାସବୁ କର; କାରଣ ପରବେଶ୍ୱର ତୁମ୍ଭ ସଙ୍ଗରେ ଅଛନ୍ତି । ୩ ଏ ଉତ୍ତାରେ ସେହି ରାତ୍ରିରେ
ପରମେଶ୍ୱରଙ୍କ ବାକ୍ୟ ନାଥନଙ୍କ ନିକଟରେ ଉପସ୍ଥିତ ହେଲା, ଯଥା, ୪ ଯାଅ, ଆମ୍ଭ ଦାସ ଦାଉଦଙ୍କୁ
ଜଣାଅ, ସଦାପ୍ରଭୁ ଏହି କଥା କହନ୍ତି, ତୁମ୍ଭେ ଆମ୍ଭ ନିମନ୍ତେ ବସତି ଗୃହ ନିର୍ମାଣ କରିବ ନାହିଁ;
୫କାରଣ ଆମ୍ଭେ ଇସ୍ରାଏଲକୁ ବାହାର କରି ଆଣିବା ଦିନଠାରୁ ଆଜି ପର୍ଯ୍ୟନ୍ତ କୌଣସି ଗୃହରେ ବାସ
କରିନାହୁଁ; ମାତ୍ର ଏ ତମ୍ବୁରୁ ସେ ତମ୍ବୁକୁ ଓ ଏକ ଆବାସରୁ ଅନ୍ୟ ଆବାସକୁ ଯାଇଅଛୁ ।

## ୮. ସମୟ ଓ କାଳକୁ ଜାଣନ୍ତୁ

- ଈଶ୍ୱରଙ୍କର ଏକ କ୍ୟାଲେଣ୍ଡର ରହିଛି, ଏକ ସମୟ ନିର୍ଘଣ୍ଟ ରହିଛି। ଈଶ୍ୱର ତାଙ୍କର କ୍ୟାଲେଣ୍ଡର ଅନୁଯାୟୀ କାର୍ଯ୍ୟ କରନ୍ତି।
- ଈଶ୍ୱର ଯାହାସବୁ କରନ୍ତି ସେସବୁର ନିରୂପିତ ସମୟ ଓ କାଳ ରହିଥାଏ।

*ଆଦିପୁସ୍ତକ ୩:୧୫*

ଆଉ ଆମ୍ଭେ ତୁମ୍ଭର ଓ ନାରୀର ମଧ୍ୟରେ, ପୁଣି ତୁମ୍ଭ ବଂଶ ଓ ତାଙ୍କ ବଂଶ ମଧ୍ୟରେ ବୈରଭାବ ଜନ୍ମାଇବା; ସେ ତୁମ୍ଭର ମସ୍ତକକୁ ଆଘାତ କରିବ ଓ ତୁମ୍ଭେ ତାହାଙ୍କ ଗୋଇଠିକି ଆଘାତ କରିବ।

*ଗାଲାତୀୟ ୪:୪*

କିନ୍ତୁ କାଳ ସମ୍ପୂର୍ଣ୍ଣ ହୁଅନ୍ତେ ଈଶ୍ୱର ଆପଣା ନିକଟରୁ ନିଜ ପୁତ୍ରଙ୍କୁ ପ୍ରେରଣ କଲେ; ସେ ସ୍ତ୍ରୀଜାତ ହୋଇ ବ୍ୟବସ୍ଥାଧୀନ ହେଲେ।

ଏହି କାଳ ସମ୍ପୂର୍ଣ୍ଣ ହେବାକୁ ପ୍ରାୟ ୪୦୦୦ ବର୍ଷ ଲାଗିଥିଲା ।

- ଆପଣଙ୍କ ଜୀବନ ନିମନ୍ତେ ତାଙ୍କର ସମୟ ଓ କାଳ ରହିଛି।

*ଗୀତସଂହିତା ୩୧:୧୫*

ମୋହର ସମୟସବୁ ତୁମ୍ଭର ହସ୍ତଗତ; ମୋ'ଶତ୍ରୁଗଣ ହସ୍ତରୁ ଓ ମୋ' ତାଡ଼ନାକାରୀମାନଙ୍କଠାରୁ ମୋତେ ଉଦ୍ଧାର କର।

*ଉପଦେଶକ ୩:୧,୧୧*

[୧]ସବୁ ବିଷୟର କାଳ ଅଛି ଓ ଆକାଶ ତଳେ ସବୁ ମନୋରଥର ସମୟ ଅଛି। [୧୧]ସେ ପ୍ରତ୍ୟେକ ବିଷୟକୁ ତାହାର ସମୟରେ ଶୋଭିତ କରିଅଛନ୍ତି; ମଧ୍ୟ ସେ ସେମାନଙ୍କ ହୃଦୟରେ ଅନନ୍ତ କାଳ ରଖିଅଛନ୍ତି; ତଥାପି ପରମେଶ୍ୱର ପ୍ରଥମଠାରୁ ଶେଷ ପର୍ଯ୍ୟନ୍ତ ଯେଉଁ କାର୍ଯ୍ୟ କରିଅଛନ୍ତି, ମନୁଷ୍ୟ ତହିଁର ତତ୍ତ୍ୱ ପାଇପାରେ ନାହିଁ।

*ଉପଦେଶକ ୮:୫,୬*

[୫] ଯେ ଆଜ୍ଞା ପାଳନ କରେ, ସେ କୌଣସି ମନ୍ଦ ବିଷୟ ଜାଣିବ ନାହିଁ; ପୁଣି ଜ୍ଞାନୀର ମନ ସମୟ ଓ ବିଚାର ଜାଣେ; [୬] କାରଣ ପ୍ରତ୍ୟେକ ଅଭିପ୍ରାୟ ପାଇଁ ସମୟ ଓ ବିଚାର ଅଛି; ଯେହେତୁ ମନୁଷ୍ୟର ଦୁଃଖ ତାହା ପକ୍ଷରେ ଅତିଶୟ।

- ପ୍ରତ୍ୟେକ କାଳର ନିର୍ଦ୍ଦିଷ୍ଟ କାରଣ ରହିଛି।
- ଜୀବନର କେଉଁ କାଳରେ ଆମେ ରହିଛୁ, ଯେତେବେଳେ ଆମେ ତାହା ଜାଣିବା, ଈଶ୍ୱରଙ୍କ ଉଦ୍ଦେଶ୍ୟକୁ ମଧ୍ୟ ସହଜରେ ଜାଣିପାରିବା ।

*୧ ବଂଶାବଳୀ ୧୨:୩୨*

ଆଉ ଇଷାଖର-ସନ୍ତାନଗଣ ମଧ୍ୟରୁ ଦୁଇ ଶ ପ୍ରଧାନ ଲୋକ, ଏମାନେ କାଳଜ୍ଞ, ଇସ୍ରାଏଲର କି କର୍ତ୍ତବ୍ୟ, ତାହା ଜାଣିଲେ; ଆଉ ସେମାନଙ୍କ ଭ୍ରାତା ସମସ୍ତେ ସେମାନଙ୍କ ଆଜ୍ଞାବହ ଥିଲେ।

- ଆପଣ ଏବେ ଯେଉଁ କାଳରେ ରହିଛନ୍ତି ଏହି ସମୟରେ ଈଶ୍ୱରଙ୍କର ନିରୂପିତ ଉଦ୍ଦେଶ୍ୟ ସାଧନ କରନ୍ତୁ। ତା'ହେଲେ ସେ ଆପଣଙ୍କୁ ଜୀବନର ପରବର୍ତ୍ତୀ କାଳ ମଧ୍ୟକୁ କଢ଼ାଇ ନେବେ।

**କେତେକ ଉଦାହରଣ:**

- ମୂଳଦୁଆ ସ୍ଥାପନ କାଳ–
  - ମାଟି ଖୋଳିବା କାର୍ଯ୍ୟ କରାଯାଇଥାଏ, ଗୃହ ନିର୍ମାଣ ହୋଇନଥାଏ।
  - ଏଥିରେ ଆକର୍ଷଣ ନଥାଏ, କେବଳ କଠିନ କାର୍ଯ୍ୟ କରାଯାଇଥାଏ।
  - ଏଥିରେ ପ୍ରଶଂସା ମିଳି ନଥାଏ, କେବଳ ଦର୍ଶକ ଆସିଥାନ୍ତି।

  ଲକ୍ଷ୍ୟ ଥାଏ:
  - ଏକ ସୁଦୃଢ଼ ଭିତ୍ତିମୂଳ।
  - ଏକ ଗଭୀର ଭିତ୍ତିମୂଳ।
  - ପ୍ରଶସ୍ତିକରଣ ନିମନ୍ତେ ସୁଯୋଗ ରହିଥିବା ଭିତ୍ତିମୂଳ।
- ସୁଡ଼ଙ୍ଗ କାଳ

ଆପଣ ସୁଡ଼ଙ୍ଗ ମଧ୍ୟ ଦେଇ ଗଲେ କେବଳ ଆଗକୁ ଯିବାକୁ ହୋଇଥାଏ। ବାମ, ଡ଼ାହାଣ ବା ପଛକୁ ଯିବା ସମ୍ଭବ ନୁହେଁ। ଏହା ଅନ୍ଧକାରମୟ ରାସ୍ତା। କେଳବ 'ଚକ୍ଷୁ ବିଶ୍ୱାସ' ରୂପକ ଆଲୋକ ଆପଣଙ୍କ ନିକଟରେ ରହିଥାଏ। କୌଣସି ପାହାଡ଼କୁ ହଟାଇବାକୁ ପଡ଼ି ନଥାଏ। ଏହା ମଧ୍ୟ ଦେଇ ଗଲେ ହିଁ ବାହାରକୁ ଆସି ହୁଏ। ବିଶ୍ୱସ୍ତ ରହିବା ଆବଶ୍ୟକ।

- ସୀମିତ କାଳ କିନ୍ତୁ ପ୍ରଚୁର ଅମଳ।
- ଦୁଃଖ କଷ୍ଟର କାଳ।
- ପରୀକ୍ଷା ଓ ଆହ୍ୱାନର କାଳ।
- ମାତୃତ୍ୱର କାଳ।

ଅନ୍ୟ ଜଣେ ଯେଉଁ ଜୀବନ କାଳ ମଧ୍ୟରେ ରହିଛନ୍ତି ତାକୁ ସମ୍ମାନ ଦେବା ବିଷୟ ଆମେ ଶିକ୍ଷା ଲାଭ କରିବା ଆବଶ୍ୟକ।

## ୯. ଆପଣଙ୍କ ଜୀବନରେ ଈଶ୍ୱରଙ୍କ କାର୍ଯ୍ୟଧାରାକୁ ଜାଣନ୍ତୁ

ଈଶ୍ୱର ଅନେକ ଉଦାହରଣ, ଆଦର୍ଶ ଓ ନମୂନା ପ୍ରସ୍ତୁତ କରିଥାନ୍ତି। ଆମେ ସେସବୁକୁ ଅନୁସରଣ କରିବାକୁ ହେବ।

ମୁଁ ବିଶ୍ୱାସ କରେ ଯେ ଈଶ୍ୱର ଆମ ଜୀବନ ନିମନ୍ତେ ଏକ କାର୍ଯ୍ୟଧାରା ରଖିଥାନ୍ତି।

*୧ ତୀମଥି ୧:୧୫,୧୬*

୧୫ପାପୀମାନଙ୍କୁ ପରିତ୍ରାଣ କରିବା ନିମନ୍ତେ ଖ୍ରୀଷ୍ଟ ଯୀଶୁ ଯେ ଜଗତରେ ଅବତୀର୍ଣ୍ଣ ହେଲେ, ଏହି ବାକ୍ୟ ବିଶ୍ୱାସ୍ୟ ଓ ସର୍ବତୋଭାବେ ଗ୍ରହଣଯୋଗ୍ୟ; ସେହି ପାପୀମାନଙ୍କ ମଧ୍ୟରେ ମୁଁ ପ୍ରଧାନ ।
୧୬ତଥାପି ଯେଉଁମାନେ ଭବିଷ୍ୟତ୍‌କାଳରେ ଅନନ୍ତ ଜୀବନ ପାଇବା ନିମନ୍ତେ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିବେ, ସେମାନଙ୍କ ନିକଟରେ ଦୃଷ୍ଟାନ୍ତସ୍ୱରୂପ ହେବା ପାଇଁ ପ୍ରଧାନ ପାପୀ ଯେ ମୁଁ, ମୋଠାରେ ସେ ଯେପରି ଆପଣା ପୂର୍ଣ୍ଣ ଚିରସହିଷ୍ଣୁତା ପ୍ରକାଶ କରନ୍ତି, ଏଥିନିମନ୍ତେ ମୁଁ ଦୟାପ୍ରାପ୍ତ ହେଲି।

ଆମେମାନେ ଅବ୍ରହାମଙ୍କ ବିଶ୍ୱାସର ପଦାଙ୍କ ଅନୁସରଣ କରି ଚାଲିଥାଉ ।

*ରୋମୀୟ ୪:୧୧,୧୨*

୧୧ଆଉ, ସେ ଅସୁନ୍ନତି ଅବସ୍ଥାରେ ବିଶ୍ୱାସ ସକାଶେ ଧାର୍ମିକ ଗଣିତ ହୋଇ ସେଥିର ମୁଦ୍ରାଙ୍କ ସ୍ୱରୂପେ ସୁନ୍ନତ୍ ଚିହ୍ନ ପାଇଲେ, ଯେପରି ଅସୁନ୍ନତି ଅବସ୍ଥାରେ ଥିବା ସମସ୍ତ ବିଶ୍ୱାସୀଙ୍କ ପକ୍ଷରେ ଧାର୍ମିକତା ଗଣନା କରାଯିବା ନିମନ୍ତେ ସେ ସେମାନଙ୍କର ପିତା ହୁଅନ୍ତି, ୧୨ପୁଣି, ଯେପରି ସେ
ସୁନ୍ନତିମାନଙ୍କର ପିତା ହୋଇ ପାରନ୍ତି, ଅର୍ଥାତ୍ ଯେଉଁମାନେ ସୁନ୍ନତ୍‌ପ୍ରାପ୍ତ, କେବଳ ସେମାନଙ୍କର ନୁହେଁ, ମାତ୍ର ଅସୁନ୍ନତି ଅବସ୍ଥାରେ ଆମ୍ଭମାନଙ୍କ ପିତା ଅବ୍ରହାମଙ୍କର ଯେଉଁ ବିଶ୍ୱାସ ଥିଲା, ସେଥିର ପଦଚିହ୍ନ ଦେଇ ଯେଉଁମାନେ ଗମନ କରନ୍ତି, ସେମାନଙ୍କର ମଧ୍ୟ।

ଅନ୍ୟମାନଙ୍କ ଜୀବନ ଆମ ନିମନ୍ତେ ଆଦର୍ଶସ୍ୱରୂପ ହୋଇଥାଏ।

*ଯାକୁବ ୫:୧୦, ୧୧*

୧୦ହେ ଭାଇମାନେ, ଯେଉଁ ଭାବବାଦୀମାନେ ପ୍ରଭୁଙ୍କ ନାମରେ କଥା କହିଥିଲେ, ସେମାନଙ୍କୁ କ୍ଲେଶଭୋଗ ଓ ଧୈର୍ଯ୍ୟର ଦୃଷ୍ଟାନ୍ତସ୍ୱରୂପ ଗ୍ରହଣ କର । ୧୧ଦେଖ, ଯେଉଁମାନେ ସହିଷ୍ଣୁ ହୋଇ
ରହିଥିଲେ, ଆମ୍ଭେମାନେ ସେମାନଙ୍କୁ ଧନ୍ୟ ବୋଲି କହିଥାଉ । ତୁମ୍ଭେମାନେ ଆୟୁବଙ୍କ ସହିଷ୍ଣୁତା ବିଷୟରେ ଶୁଣିଅଛ, ପୁଣି ପ୍ରଭୁଙ୍କ ଶେଷ କାର୍ଯ୍ୟ ଦେଖି ଜାଣିଅଛ ଯେ, ସେ ଦୟାରେ ପରିପୂର୍ଣ୍ଣ ଓ କୃପାବାନ୍ ଅଟନ୍ତି ।

*୧ କରିନ୍ଥୀୟ ୧୦:୫,୧୧*

୫ତଥାପି ସେମାନଙ୍କ ମଧ୍ୟରୁ ଅଧିକାଂଶଠାରେ ଈଶ୍ୱରଙ୍କ ସନ୍ତୋଷ ନଥିଲା, ତେଣୁ ସେମାନେ ପ୍ରାନ୍ତରରେ ମଲେ, ଏସମସ୍ତ କଥା ଯେ ତୁମ୍ଭେମାନେ ଅଜ୍ଞାତ ଥାଅ, ଏହା ମୋହର ଇଚ୍ଛା ନୁହେଁ। ୧୧ଏହିସମସ୍ତ
ଦୃଷ୍ଟାନ୍ତସ୍ୱରୂପେ ସେମାନଙ୍କ ପ୍ରତି ଘଟିଲା, ଆଉ ଯେଉଁମାନଙ୍କ ସମୟରେ ଯୁଗାନ୍ତକାଳ ଉପସ୍ଥିତ ହୋଇଅଛି, ଏପରି ଯେ ଆମ୍ଭେମାନେ, ଆମ୍ଭମାନଙ୍କ ଚେତନା ନିମନ୍ତେ ସେହିସବୁ ଲେଖାଯାଇଅଛି।

୩

# ଈଶ୍ୱରଙ୍କ ପ୍ରସ୍ତୁତି ପ୍ରକ୍ରିୟାକୁ ଜାଣିବା

ଈଶ୍ୱର ଯେଉଁମାନଙ୍କୁ ବ୍ୟବହାର କରନ୍ତି ସେମାନଙ୍କୁ ପ୍ରଗତିଶୀଳ ଭାବେ ପ୍ରସ୍ତୁତ କରନ୍ତି।

## ୧. ପ୍ରସ୍ତୁତି ପ୍ରକ୍ରିୟା ମାଧ୍ୟମରେ ଈଶ୍ୱର କ'ଣ ହାସଲ କରିବାକୁ ଚାହିଁଥାନ୍ତି ?

*୨ ତୀମଥି ୨:୧୯-୨୧*

[୧୯]ତଥାପି ଈଶ୍ୱରଙ୍କ ସ୍ଥାପିତ ସୁଦୃଢ଼ ଭିତ୍ତିମୂଳ ଅଟଳ ରହିଅଛି, ଆଉ ତହିଁ ଉପରେ ଏହା ମୁଦ୍ରାଙ୍କିତ
ହୋଇଅଛି, ''ପ୍ରଭୁ ଆପଣା ଲୋକମାନଙ୍କୁ ଜାଣନ୍ତି, ଆଉ, ଯେକେହି ପ୍ରଭୁଙ୍କର ନାମ ଧରେ, ସେ
ଅଧର୍ମରୁ ଦୂରରେ ରହୁ । [୨୦]ଗୋଟିଏ ବଡ଼ ଘରେ ଯେ କେବଳ ସୁନା ଓ ରୂପାର ପାତ୍ର ଥାଏ, ତାହା
ନୁହେଁ, ମାତ୍ର କାଠ ଓ ମାଟିର ପାତ୍ର ମଧ୍ୟ ଥାଏ; କେତେକ ସମାଦର ଓ କେତେକ ଅନାଦର
ନିମନ୍ତେ ଥାଏ । [୨୧]ଅତଏବ, ଯଦି କେହି ସେହି ସମସ୍ତଙ୍କଠାରୁ ଆପଣାକୁ ପରିଷ୍କାର କରେ,
ତାହାହେଲେ ସେ ପବିତ୍ରୀକୃତ, କର୍ତ୍ତାଙ୍କ ବ୍ୟବହାର ପାଇଁ ଉପଯୁକ୍ତ, ପୁଣି ସମସ୍ତ ଉତ୍ତମ କାର୍ଯ୍ୟ
ନିମନ୍ତେ ପ୍ରସ୍ତୁତ, ଏପରି ଏକ ସମାଦରର ପାତ୍ର ହେବ ।

- ଈଶ୍ୱର ଆପଣଙ୍କୁ ଏକ ସମାଦରର (ମୂଲ୍ୟବାନ, ଆଦରଣୀୟ, ମର୍ଯ୍ୟାଦାସମ୍ପନ୍ନ) ପାତ୍ର (ଆବଶ୍ୟକୀୟ ସରଞ୍ଜାମ, ଉପକରଣ) କରି ଗଢ଼ିବାକୁ ଚାହାନ୍ତି।
- ଈଶ୍ୱର ଚାହାନ୍ତି ଯେପରି ଆପଣ ପବିତ୍ରୀକୃତ ହେବେ (ଶୁଚିକୃତ, ପରିଷ୍କୃତ), ତାଙ୍କ ନିମନ୍ତେ ପୃଥକୀକୃତ ହେବେ।
- ଈଶ୍ୱର ଚାହାନ୍ତି ଯେପରି ଆପଣ କର୍ତ୍ତାଙ୍କ ବ୍ୟବହାର ପାଇଁ ଉପଯୁକ୍ତ (ଦରକାରୀ, ଲାଭଦାୟକ, ଯଥାଯୋଗ୍ୟ) ହେବେ।
- ଈଶ୍ୱର ଚାହାନ୍ତି ଯେପରି ଆପଣ ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ପ୍ରସ୍ତୁତ (ସଜ୍ଜିତ) ରହିବେ।

ଈଶ୍ୱରଙ୍କ ପ୍ରସ୍ତୁତି ପ୍ରକ୍ରିୟା ନିରବଚ୍ଛିନ୍ନ ଭାବେ ଚାଲିଥାଏ, ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ସେ ପରବର୍ତ୍ତୀ ସମୟ ପାଇଁ ଆପଣଙ୍କୁ ପ୍ରସ୍ତୁତ କରିଥାନ୍ତି।

ଏହି ପ୍ରସ୍ତୁତି ପ୍ରକ୍ରିୟାରେ ଈଶ୍ୱରଙ୍କର ସହଯୋଗ କରିବା ଓ ତାଙ୍କ ସଙ୍ଗେ ମିଶି କାର୍ଯ୍ୟ କରିବା ବିଷୟକୁ ଶିଖିବା ଆବଶ୍ୟକ।

**ଧର୍ମ ଶାସ୍ତ୍ରର କେତେକ ଉଦାହରଣ:**

**ମୋଶା (ପ୍ରେରିତ ୭: ୨୦-୩୪)**

- ମୋଶାଙ୍କୁ ଫାରୋଙ୍କ ପ୍ରାସାଦରେ ଶିକ୍ଷିତ ଓ ତାଲିମ୍‌ପ୍ରାପ୍ତ କରିବା ପାଇଁ ଈଶ୍ୱର ଅଲୌକିକ ଭାବରେ ତାଙ୍କ ନିମନ୍ତେ ଆୟୋଜନ କରିଥିଲେ । ଏହା ଥିଲା ମୋଶାଙ୍କ ଜୀବନରେ 'ଈଶ୍ୱରଙ୍କ ଆତ୍ମିକ ଭାଗ୍ୟରୂପକ ବୀଜ' (ପ୍ରେରିତ ୭:୨୨) । ସ୍ୱର୍ଗୀୟ ଉଦ୍ଦେଶ୍ୟ ପୂରଣାର୍ଥେ ମୋଶାଙ୍କ ନିମନ୍ତେ ତାହା ଥିଲା ପ୍ରାରମ୍ଭିକ ପ୍ରସ୍ତୁତି ଓ ଆସୀନ ହେବାର ସମୟ ।
- ୪୦ ବର୍ଷ ବୟସରେ ମୋଶା ତାଙ୍କ ପ୍ରତି ରହିଥିବା ଐଶୀ ଉଦ୍ଦେଶ୍ୟକୁ ବୁଝି ପାରିଥିଲେ । କିନ୍ତୁ ସେ ନିଜ ପ୍ରଣାଳୀରେ ତାହା ସାଧନ କରିବାର ଭୁଲ କରିଥିଲେ।
- ଆମେ ଯେତେଥର ଆପଣା ସାମର୍ଥ୍ୟ ଅନୁସାରେ କୌଣସି ବିଷୟ କରୁ ତଦ୍ୱାରା ଈଶ୍ୱରଙ୍କ ଯୋଜନା ପ୍ରକାଶିତ ହେବାକୁ ଆମେ ଅଧିକ ବିଳମ୍ବିତ କରିଥାଉ । ମୋଶା ନିଜେ ନିଜେ ସବୁକିଛି କରିବାକୁ ଚେଷ୍ଟା କରିବାରୁ ଈଶ୍ୱରଙ୍କ ଯୋଜନା ୪୦ବର୍ଷ ବିଳମ୍ବରେ ପ୍ରକାଶିତ ହୋଇଥିଲା !
- ମୋଶା ଦୀର୍ଘ ୪୦ବର୍ଷ ଧରି ପ୍ରାନ୍ତରରେ ଦିନ କାଟିଥିଲେ (ପ୍ରେରିତ ୭:୨୯,୩୦; ଯାତ୍ରା ୨:୧୫,୨୩), କାରଣ ଯେଉଁ ରାଜାଙ୍କୁ ସେ କ୍ରୋଧାନ୍ୱିତ କରିଥିଲେ ତାଙ୍କର ମରଣ ପର୍ଯ୍ୟନ୍ତ ସେ ଅପେକ୍ଷା କରି ରହିଥିଲେ ।
- ୮୦ ବର୍ଷ ବୟସରେ ମୋଶା ଈଶ୍ୱରଦତ୍ତ ମିଶନ୍ ପୂରଣ କରିବା କାର୍ଯ୍ୟ ଆରମ୍ଭ କଲେ ।
- ପରବର୍ତ୍ତୀ ୪୦ବର୍ଷ କାଳ ସେ ଜୀବନର ଉଦ୍ଦେଶ୍ୟ ପାଳନ କରିବାରେ ଲାଗି ରହିଲେ ।
- ମୋଶା ଈଶ୍ୱରଙ୍କର ଜଣେ ମହାନ୍ ବ୍ୟକ୍ତି ହୋଇଥିଲେ ମଧ୍ୟ ଏକ ଗୁରୁତର ଭୁଲ ଯୋଗୁଁ ପ୍ରତିଜ୍ଞାତ ଦେଶରେ ପ୍ରବେଶ କରିପାରି ନଥିଲେ, କେବଳ ଦୂରରୁ ଏହାକୁ ଦେଖିଥିଲେ (ଗଣନା: ୨୦:୧୨, ଦ୍ୱି:ବିବ:୩୧:୨; ୩୪:୪) । ୧୨୦ ବର୍ଷ ବୟସରେ ମୋଶାଙ୍କର ମୃତ୍ୟୁ ହୋଇଥିଲା (ଦ୍ୱି:ବିବ: ୩୪:୭) ।

**ଦାଉଦ**

- ନାବାଳକ ଭାବରେ ଦାଉଦ ରାଜାରୂପେ ଅଭିଷିକ୍ତ ହୋଇଥିଲେ (୧ ଶାମୁ ୧୬)। ମନେ କରାଯାଉ ସେତେବେଳେ ତାଙ୍କ ବୟସ ୧୩ ବର୍ଷ ଥିଲା ।
- ପ୍ରାଥମିକ ତାଲିମ୍ ଭାବରେ ପିତାଙ୍କ ମେଷଗୁଡ଼ିକୁ ପାଳନ କରିଥିଲେ । ସେହି ସମୟରେ ସେ ସଙ୍ଗୀତରେ ଦକ୍ଷତା ହାସଲ କରିଥିଲେ, ସିଂହ ଓ ଭାଲୁଙ୍କୁ ମାରିଥିଲେ ଏବଂ ଇଶ୍ରାଏଲର ଲୋକମାନଙ୍କ ମଧ୍ୟରେ ସୁନାମ ଅର୍ଜନ କରିଥିଲେ । ବେଳେବେଳେ ଆବଶ୍ୟକମତେ ସେ ଶାଉଲଙ୍କ ନିକଟକୁ ଆସି ବାଦ୍ୟ ସଙ୍ଗୀତ ପରିବେଷଣ କରୁଥିଲେ (୧ ଶାମୁ ୧୬:୧୭; ୧ ଶାମୁ ୧୭:୧୫) ।
- ଗଲିୟାତକୁ ହତ୍ୟା କରି ସେ ପ୍ରଥମ ପ୍ରସିଦ୍ଧି ଲାଭ କଲେ ଓ ଜଣେ ଜାତୀୟ ବୀର ହୋଇପାରିଥିଲେ । ଦାଉଦ ହୁଏତ ସେସମୟରେ ୧୫-୧୭ ବର୍ଷ ବୟସର ଥିଲେ (୧ ଶାମୁ ୧୭) ।
- ଶାଉଲ ଦାଉଦଙ୍କୁ ରାଜ ପ୍ରାସାଦରୁ ଦୂରେଇ ରଖିଲେ, ତଥାପି ସେ ସହସ୍ରପତି ନିଯୁକ୍ତ ହୋଇଥିଲେ (୧ ଶାମୁ ୧୮:୧୩) । ସମ୍ଭବତଃ, ଦାଉଦ ଏହାଦ୍ୱାରା ଯୁଦ୍ଧରେ ନିହତ ହୋଇଯିବେ ବୋଲି ଶାଉଲ ମନେ କରିଥିଲେ ।
- ଦୁଃସମୟ ଆସିଲା ଓ ଦାଉଦ ତାଙ୍କ ଜୀବନ ରକ୍ଷା ନିମନ୍ତେ ପଳାୟନ କଲେ, କାରଣ ରାଜା ଶାଉଲ ତାଙ୍କୁ ହତ୍ୟା କରିବାକୁ ଚାହିଁଲେ ।
- ପରବର୍ତ୍ତୀ ଅନେକ ବର୍ଷ ଧରି ଦାଉଦ ପଳାତକ ଜୀବନ କାଟିଲେ (୧ ଶାମୁ ୨୨:୧,୨) । ରାଜା ଭାବରେ ଅଭିଷିକ୍ତ ହୋଇଥିବା ବ୍ୟକ୍ତି ଗୁହାମାନଙ୍କରେ ବାସ କଲେ !
- ତଥାପି, ଏହି ସମୟରେ ଈଶ୍ୱର ଅନେକ ଲୋକଙ୍କୁ ତାଙ୍କ ନିକଟକୁ ପ୍ରେରଣ କଲେ, ଯେଉଁମାନେ ଦାଉଦଙ୍କ ସଙ୍ଗୀ ହେଲେ ଓ ପରବର୍ତ୍ତୀ ସମୟରେ ତାଙ୍କର ଶକ୍ତିଶାଳୀ ସୈନ୍ୟବଳର ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହେଲେ !
- ପ୍ରାୟ ୨୩ବର୍ଷ ବୟସରେ ଦାଉଦ ଯିହୁଦାର ରାଜା ହୋଇ ସାଢ଼େ ସାତ ବର୍ଷ ଯିହୁଦା ଉପରେ ରାଜୁତି କଲେ (୨ ଶାମୁ ୨:୧-୪,୧୧) ।
- ଉଭୟ ଇଶ୍ରାଏଲ ଓ ଯିହୁଦାର ରାଜାରୂପେ ଅବସ୍ଥାପିତ ହେବା ବେଳକୁ ଦାଉଦଙ୍କ ବୟସ ୩୦ ବର୍ଷ ହୋଇଥିଲା (୨ ଶାମୁ ୫:୪,୫) । ସେ ଏହାପରେ ୪୦ବର୍ଷ ଧରି ରାଜୁତି କରିଥିଲେ (୧ ରାଜା ୨:୧୧) ।

- ଦାଉଦ ଆପଣା ସମକାଳୀନ ଲୋକମାନଙ୍କ ମଧ୍ୟରେ ଈଶ୍ୱରଙ୍କର ସଙ୍କଳ୍ପ ଅନୁସାରେ ସେବକର କାର୍ଯ୍ୟ କଲା ଉତ୍ତାରେ ୭୦-୭୫ବର୍ଷ ବୟସରେ ମହାନିଦ୍ରା ପ୍ରାପ୍ତ ହୋଇଥିଲେ (ପ୍ରେରିତ ୧୩:୨୨,୩୬) ।
- ଶାମୁୟେଲଙ୍କ ଦ୍ୱାରା ୧୩ବର୍ଷ ବୟସରେ ଆହ୍ୱାନ ପ୍ରାପ୍ତ ହୋଇ ୧୭ ବର୍ଷର ପ୍ରସ୍ତୁତି ପରେ ୩୦ବର୍ଷ ବୟସରେ ରାଜା ଭାବରେ ସେ ନିଯୁକ୍ତ ହୋଇଥିଲେ ।

**ପାଉଲ**

- ଦମ୍ମେସକ ରାସ୍ତାରେ ପ୍ରଭୁଯୀଶୁଙ୍କ ଦର୍ଶନ ପାଇବା ସମୟରେ ପାଉଲଙ୍କ ବୟସ ପ୍ରାୟ ୩୩ବର୍ଷ ଥିଲା । ସେ ଅନେକ ବର୍ଷ ଧରି ଫାରୁଶୀ ଭାବରେ ତାଲିମ୍ ପାଇଥିଲେ ।
- ଏହି ଦର୍ଶନ ସମୟରେ ପ୍ରଭୁ ଯୀଶୁ ତାଙ୍କୁ ବିଜାତିମାନଙ୍କ ନିକଟରେ ଆଲୋକ ସ୍ୱରୂପ ହେବା ପାଇଁ, ବିଶ୍ୱାସର ଏକ ପ୍ରେରିତ ହେବାର ଆହ୍ୱାନ ଦେଇଥିଲେ ।
- ପାଉଲ ପ୍ରଥମ ୩ ବର୍ଷ ଦମ୍ମେସକ ଓ ଆରବରେ କଟାଇଥିଲେ (ଗାଲାତୀ ୧:୧୬,୧୭; ପ୍ରେରିତ ୯:୧୯-୨୫) । ଲୋକେ ତାଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରିବାରୁ ସେ ଦମ୍ମେସକ ଛାଡ଼ି ଆରବକୁ ଗଲେ ଓ ପୁଣି ଦମ୍ମେସକଙ୍କୁ ଫେରି ଆସିଲେ । ନିଶ୍ଚିତରୂପେ ଏହି ସମୟରେ ସେ ସୁସମାଚାର ସମ୍ବନ୍ଧୀୟ ଶିକ୍ଷା ପ୍ରତ୍ୟାଦେଶ ମାଧ୍ୟମରେ ପାଇଥିଲେ ଓ ତାହା ହିଁ ପ୍ରଚାର କଲେ ।
- ଏହାପରେ ସେ ଯିରୁଶାଲମରେ ୧୫ଦିନ ରହିଲେ (ଗାଲାତୀ ୧:୧୮, ପ୍ରେରିତ ୯:୨୬-୩୦) ଓ ସାହସର ସହିତ ପ୍ରଚାର କଲେ । କିନ୍ତୁ ପୁନର୍ବାର ଲୋକେ ତାଙ୍କୁ ହତ୍ୟା କରିବାକୁ ଚେଷ୍ଟା କଲେ । ତେଣୁ ସେ ତାର୍ଷକୁ ପଳାୟନ କଲେ ।
- ଏହାପରେ ସେ ତାର୍ଷ, ସିରିୟା ଓ କିଲିକିଆ ଅଞ୍ଚଳରେ ପ୍ରାୟ ୧୩ ବର୍ଷ କାର୍ଯ୍ୟ କଲେ (ଗାଲା ୧:୨୧-୨୪; ୨:୧) । ଏହି ୧୩ ବର୍ଷର ଶେଷରେ ବର୍ଣ୍ଣବା ତାର୍ଷକୁ ଆସି ଶାଉଲଙ୍କୁ ନେଇ ଆନ୍ତିୟଖିଆକୁ ଆସିଲେ (ପ୍ରେରିତ ୧୧:୨୫,୨୬) ।
- ପାଉଲ ପୂରା ଏକ ବର୍ଷ ଆନ୍ତିୟଖିଆ ମଣ୍ଡଳୀରେ ରହି ଶିକ୍ଷାଦାନ କଲେ ।
- ଏହାପରେ ସେ ବର୍ଣ୍ଣବାଙ୍କ ସହିତ ଦ୍ୱିତୀୟ ଥର ପାଇଁ ଯିରୁଶାଲମକୁ ଆସିଲେ । ଦୁର୍ଭିକ୍ଷରେ ପ୍ରପୀଡ଼ିତ ଲୋକଙ୍କ ପାଇଁ ରିଲିଫ୍ ନେଇ ସେ ଆସିଥିଲେ (ପ୍ରେରିତ ୧୧:୨୯,୩୦) । ୧୪ ବର୍ଷ ବ୍ୟବଧାନ ପରେ ସେ ଯିରୁଶାଲମକୁ ଆସିଲେ (ଗାଲାତୀ ୨:୧) ।

- ଏ ମଧ୍ୟରେ ଦମ୍ମେସକ ରାସ୍ତାରେ ପ୍ରଭୁଙ୍କୁ ଦର୍ଶନ କରିବା ଘଟଣାର ୧୭ ବର୍ଷ ବିତିଯାଇଛି । ପାଉଲଙ୍କୁ ହୁଏତ ଏହି ସମୟରେ ୫୦ ବର୍ଷ ହୋଇ ସାରିଥିବ ।
- ପାଉଲଙ୍କ ପ୍ରଥମ ୧୭ବର୍ଷର ଖ୍ରୀଷ୍ଟୀୟ ଜୀବନ ଓ ଈଶ୍ୱରଙ୍କ ସହିତ ତାଙ୍କର ଯାତ୍ରା ବିଷୟରେ ବିଶେଷ କିଛି ଲିପିବଦ୍ଧ ହୋଇ ନାହିଁ । ଅବଶ୍ୟ ଆମେ ଜାଣୁ ଯେ ପାଉଲ ଏହି ସମୟରେ ପ୍ରଚାର କରୁଥିଲେ ଓ ଶିକ୍ଷା ଦେଉଥିଲେ । ଆମେ ଜାଣୁ ଯେ ସେ ଈଶ୍ୱରଙ୍କ ନିଗୁଢ଼ତତ୍ତ୍ୱ ସମ୍ବନ୍ଧୀୟ ପ୍ରତ୍ୟାଦେଶ ଓ ଜ୍ଞାନ ପ୍ରାପ୍ତ ହୋଇଥିଲେ । କିନ୍ତୁ ଏହି ସମୟରେ ତାଙ୍କର ସେବାକାର୍ଯ୍ୟ ଓ ପ୍ରଚାର ସମ୍ବନ୍ଧରେ ବିଶେଷ କିଛି ଲେଖାଯାଇନାହିଁ । ଏହାକୁ ପାଉଲଙ୍କ ଜୀବନର “ ”ନୀରବତାର ବର୍ଷସମୂହ’’ କୁହାଯାଏ । ଏହା ପୂର୍ବରୁ ଯିହୁଦୀ ଧର୍ମ ସମ୍ବନ୍ଧରେ ସେ ପାଇଥିବା ତାଲିମ୍ ମଧ୍ୟ ତାଙ୍କ ପାଇଁ ତାଲିମ୍‌ର ସମୟ ଥିଲା ।
- ଶେଷରେ, ୧୭ବର୍ଷ ପରେ, ପ୍ରେରିତ ୧୩ରେ ପାଉଲ ଓ ବର୍ଣ୍ଣବା ପ୍ରଥମ ମିଶନାରୀ ଯାତ୍ରାରେ ଯିବା ପାଇଁ ଆହ୍ୱାନ ପାଇଥିଲେ (ପ୍ରେରିତ ୧୩:୧-୪) ।
- ପ୍ରେରିତ ୧୪:୧୪ରେ ପ୍ରଥମ କରି ଉଭୟ ପାଉଲ ଓ ବର୍ଣ୍ଣବାଙ୍କୁ ପ୍ରେରିତ କୁହାଯାଇଛି ।
- ପ୍ରଭୁଙ୍କର ସମ୍ମୁଖୀନ ହେବାର ୧୭ ବର୍ଷ ପରେ ପାଉଲ ପ୍ରୈରିତିକ ସେବାକାର୍ଯ୍ୟ ଆରମ୍ଭ କରିଥିଲେ । ପ୍ରେରିତ ପାଉଲଙ୍କ ନିମନ୍ତେ ସୁଦ୍ଧା ୧୭ ବର୍ଷର ପ୍ରସ୍ତୁତି ଓ ତାଲିମ୍ ଆବଶ୍ୟକ ହୋଇଥିଲା । ଈଶ୍ୱର କେବେ ତରବର ହୁଅନ୍ତି ନାହିଁ ।

ଈଶ୍ୱରଙ୍କ ପ୍ରସ୍ତୁତି ପ୍ରକ୍ରିୟା ମଧ୍ୟରେ ରହିଥିବା ସମୟରେ ଆପଣ ନିଜ ଜୀବନରେ ରହିଥିବା ଲୁକ୍କାୟିତ ପ୍ରତିଭା, ଦାନ ଓ ଆହ୍ୱାନସବୁକୁ ଆବିଷ୍କାର କରିପାରିବେ।

*ମାଥିଉ ୧୦:୨୬,୨୭*

୨୬ଅତଏବ, ସେମାନଙ୍କୁ ଭୟ କର ନାହିଁ; କାରଣ ଯାହା ପ୍ରକାଶିତ ନ ହେବ, ଏପରି ଆଚ୍ଛାଦିତ କିଛି ନାହିଁ, ଆଉ ଯାହା ଜଣା ନ ଯିବ, ଏପରି ଗୁପ୍ତ କିଛି ନାହିଁ । ୨୭ମୁଁ ତୁମ୍ଭମାନଙ୍କ ଯାହା ଅନ୍ଧକାରରେ କହେ, ତାହା ଆଲୋକରେ କୁହ, ପୁଣି ଯାହା ତୁମ୍ଭେମାନେ ଗୋପନରେ ଶୁଣ, ତାହା ଘରଛାତ ଉପରେ ଘୋଷଣା କର ।

*ଲୂକ ୬:୪୦*

ଶିଷ୍ୟ ଗୁରୁଠାରୁ ଶ୍ରେଷ୍ଠ ନୁହେଁ; କିନ୍ତୁ ପ୍ରତ୍ୟେକ ଶିଷ୍ୟ ସିଦ୍ଧ ହୋଇ ଆପଣା ଗୁରୁଙ୍କ ତୁଲ୍ୟ ହେବ।

ଈଶ୍ୱର ଆପଣଙ୍କୁ ପ୍ରସ୍ତୁତ କରୁ କରୁ ଆପଣଙ୍କ ଜୀବନରେ ନିମ୍ନ ବିଷୟମାନ ବିକଶିତ ହେବ:

- ଈଶ୍ୱର ପରାୟଣ ଚରିତ୍ର
- ସବୁ କ୍ଷେତ୍ରରେ ପରିପକ୍ୱତା

**ଈଶ୍ୱର ପରାୟଣ ଚରିତ୍ର**

*୨ତୀମଥି ୨:୧୯-୨୧*

[୧୯]ତଥାପି ଈଶ୍ୱରଙ୍କ ସ୍ଥାପିତ ସୁଦୃଢ଼ ଭିତ୍ତିମୂଳ ଅଟଳ ରହିଅଛି, ଆଉ ତହିଁ ଉପରେ ଏହା ମୁଦ୍ରାଙ୍କିତ ହୋଇଅଛି, '' ପ୍ରଭୁ ଆପଣା ଲୋକମାନଙ୍କୁ ଜାଣନ୍ତି, ଆଉ, ଯେକେହି ପ୍ରଭୁଙ୍କର ନାମ ଧରେ, ସେ ଅଧର୍ମରୁ ଦୂରରେ ରହୁ।'' [୨୦]ଗୋଟିଏ ବଡ଼ ଘରେ ଯେ କେବଳ ସୁନା ଓ ରୂପାର ପାତ୍ର ଥାଏ, ତାହା ନୁହେଁ, ମାତ୍ର କାଠ ଓ ମାଟିର ପାତ୍ର ମଧ୍ୟ ଥାଏ; କେତେକ ସମାଦର ଓ କେତେକ ଅନାଦର ନିମନ୍ତେ ଥାଏ । [୨୧]ଅତଏବ, ଯଦି କେହି ସେହି ସମସ୍ତଙ୍କଠାରୁ ଆପଣାକୁ ପରିଷ୍କାର କରେ, ତାହାହେଲେ ସେ ପବିତ୍ରୀକୃତ, କର୍ତ୍ତାଙ୍କ ବ୍ୟବହାର ପାଇଁ ଉପଯୁକ୍ତ, ପୁଣି ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ପ୍ରସ୍ତୁତ, ଏପରି ଏକ ସମାଦରର ପାତ୍ର ହେବ।

*ମାଥିଉ ୯:୧୭*

ଆଉ, ଲୋକେ ନୂଆ ଦ୍ରାକ୍ଷାରସ ପୁରୁଣା କୁମ୍ପାରେ ରଖନ୍ତି ନାହିଁ; ରଖିଲେ କୁମ୍ପା ଫାଟିଯାଏ ଓ ଦ୍ରାକ୍ଷାରସ ପଡ଼ିଯାଏ, ଆଉ କୁମ୍ପାସବୁ ନଷ୍ଟ ହୁଏ; କିନ୍ତୁ ଲୋକେ ନୂଆ ଦ୍ରାକ୍ଷାରସ ନୂଆ କୁମ୍ପାରେ ରଖନ୍ତି, ପୁଣି ଉଭୟ ରକ୍ଷା ପାଏ ।

- ଈଶ୍ୱର ଆମମାନଙ୍କର ଆତ୍ମିକଦାନସବୁ ଅପେକ୍ଷା, ଆମମାନଙ୍କର ଚରିତ୍ରକୁ ଅଧିକ ଗୁରୁତ୍ୱ ଦିଅନ୍ତି।
- ଆପଣଙ୍କ ଚରିତ୍ର ଯେଉଁଠାରେ ଆପଣଙ୍କୁ ରକ୍ଷା କରିପାରିବ ନାହିଁ ଆପଣଙ୍କ ଆତ୍ମିକ ଦାନ ସେଠାକୁ ଆପଣଙ୍କୁ ନେଇଯାଇପାରେ।
- ଆପଣଙ୍କ ଚରିତ୍ରକୁ ମୂଳଦୁଆ କରି ଆପଣଙ୍କ ଜୀବନ ଗଢ଼ି ଉଠିଥାଏ।
- ଆତ୍ମିକ ଦାନସମୂହ ଓ ଆତ୍ମାଙ୍କ ଅଭିଷେକ ସ୍ୱର୍ଗରୁ ପଦତ୍ତ ହୋଇଥାଏ, କିନ୍ତୁ ଚରିତ୍ର ପୃଥିବୀରେ ଗଠିତ ହୋଇଥାଏ।

*ଗୀତସଂହିତା ୫୧:୬*

ଦେଖ, ତୁମ୍ଭେ ଅନ୍ତରରେ ସତ୍ୟତା ଚାହୁଁଅଛ; ପୁଣି, ତୁମ୍ଭେ ଗୂଢ଼ସ୍ଥାନରେ ମୋତେ ଜ୍ଞାନ ଶିକ୍ଷା ଦେବ।

- ଆମେ ଯେତିକି ଯଥାର୍ଥ କଥା କହୁ ଓ ଯଥାର୍ଥ କାର୍ଯ୍ୟ କରୁ ତା' ଅପେକ୍ଷା ଖ୍ରୀଷ୍ଟୀୟ ଜୀବନରେ ବହୁତ କିଛି ବିଷୟ ରହିଛି। ଈଶ୍ୱର ଏକ ଧାର୍ମିକ ଚରିତ୍ର ବାଞ୍ଛା କରନ୍ତି।

## ସବୁକ୍ଷେତ୍ରରେ ପରିପକ୍ୱତା

*ଏଫିସୀୟ ୪:୧୧-୧୬*

[୧୧]ସେ କାହାକାହାକୁ ପ୍ରେରିତ, କାହାକାହାକୁ ଭାବବାଦୀ, କାହାକାହାକୁ ସୁସମାଚାର ପ୍ରଚାରକ,
ପୁଣି କାହାକାହାକୁ ପାଳକ ଓ ଶିକ୍ଷକରୂପେ ନିଯୁକ୍ତ କରି ଦାନ କରିଅଛନ୍ତି; [୧୨]ଯେପରି ସାଧୁମାନେ
ସେବାକାର୍ଯ୍ୟ ନିମନ୍ତେ ସିଦ୍ଧି ଲାଭ କରନ୍ତି ଓ ଖ୍ରୀଷ୍ଟଙ୍କ ଶରୀର ନିଷ୍ଠାପ୍ରାପ୍ତ ହୁଏ, [୧୩]ଶେଷରେ ଯେପରି
ଆମ୍ଭେମାନେ ସମସ୍ତେ ବିଶ୍ୱାସରେ ଓ ଈଶ୍ୱରଙ୍କ ପୁତ୍ର ବିଷୟକ ଜ୍ଞାନରେ ଏକତା ପ୍ରାପ୍ତ ହେଉ, ଅର୍ଥାତ୍
ଖ୍ରୀଷ୍ଟଙ୍କ ପୂର୍ଣ୍ଣତାର ପରିମାଣାନୁସାରେ ପୂର୍ଣ୍ଣବୟସ୍କ ପୁରୁଷ ହେଉ, [୧୪]ଯେପରି ଆମ୍ଭେମାନେ ଶିଶୁ ପରି
ନ ହୋଇ ମନୁଷ୍ୟମାନଙ୍କ ଶଠତା ଓ ଭ୍ରାନ୍ତିଯୁକ୍ତ କଳ୍ପନା ଅନୁସାରେ ଧୂର୍ତ୍ତତା ଦ୍ୱାରା ବିଭିନ୍ନ ଶିକ୍ଷାରୂପ
ବାୟୁରେ ଇତସ୍ତତଃ ଚାଳିତ ନ ହେଉ, [୧୫]କିନ୍ତୁ ସତ୍ୟ ଅବଲମ୍ବନ କରି ମସ୍ତକସ୍ୱରୂପ ଯେ ଖ୍ରୀଷ୍ଟ,
ତାହାଙ୍କ ଉଦ୍ଦେଶ୍ୟରେ ସର୍ବ ବିଷୟରେ ପ୍ରେମରେ ବୃଦ୍ଧି ପାଉ; [୧୬]ତାହାଙ୍କଠାରୁ ସମସ୍ତ ଶରୀର
ପ୍ରତ୍ୟେକ ସନ୍ଧିର ସାହାଯ୍ୟ ଦ୍ୱାରା ପୁଣି ପ୍ରତ୍ୟେକ ଅଂଶର କାର୍ଯ୍ୟସାଧକ ଶକ୍ତି ଅନୁସାରେ ସୁଖଚିତ ଓ
ସୁସଂଯୁକ୍ତ ହୋଇ ପ୍ରେମରେ ଆପଣାର ନିଷ୍ଠା ନିମନ୍ତେ ନିଜର ବୃଦ୍ଧି ସାଧନ କରୁଅଛି ।

- ଈଶ୍ୱରଙ୍କ ସହିତ ଆମର ବ୍ୟକ୍ତିଗତ ଆଚରଣରେ ପରିପକ୍ୱତା। ପ୍ରତ୍ୟେକ କ୍ଷେତ୍ରରେ ବାଧ୍ୟତା।
- ଲୋକମାନଙ୍କ ସଙ୍ଗେ ଆମର ସମ୍ପର୍କସମୂହରେ ପରିପକ୍ୱତା।
- ଆମମାନଙ୍କର ବିଭିନ୍ନ ଆତ୍ମିକ ଦାନ ଓ ଆହ୍ୱାନରେ ପରିପକ୍ୱତା।

*ମାଥିଉ ୧୦:୧୬,୧୭*

[୧୬]ଦେଖ, ବାଘମାନଙ୍କ ମଧ୍ୟରେ ମେଣ୍ଢାମାନଙ୍କ ପରି ମୁଁ ତୁମ୍ଭମାନଙ୍କୁ ପଠାଉଅଛି, ଅତଏବ ସର୍ପ ପରି
ବୁଦ୍ଧିମାନ ଓ କପୋତ ପରି ଅହିଂସକ ହୁଅ । [୧୭]ମାତ୍ର ମନୁଷ୍ୟମାନଙ୍କ ଠାରୁ ସାବଧାନ ହୋଇଥାଅ,
କାରଣ ସେମାନେ ତୁମ୍ଭମାନଙ୍କୁ ବିଚାରସଭାମାନଙ୍କରେ ସମର୍ପଣ କରିବେ ଓ ସେମାନଙ୍କ ସମାଜ-
ଗୃହସମୂହରେ କୋରଡ଼ା ମାରିବେ।

- ଈଶ୍ୱର ପରାୟଣ ଚରିତ୍ର ଓ ପରିପକ୍ୱତାରେ ଆପଣ କ୍ରମଶଃ ବୃଦ୍ଧି ପାଇଥାନ୍ତି।
- ଆପଣ ଯେତେଥର ବାଧ୍ୟତାର ଏକ ନୂତନ ସ୍ତର ମଧ୍ୟରେ ପ୍ରବେଶ କରନ୍ତି, (ଅର୍ଥାତ୍ ଈଶ୍ୱର ପରାୟଣତାର ଏକ ନୂତନ ସ୍ତର ଓ ପରିପକ୍ୱତାର ଏକ ନୂତନ ସ୍ତର) ଆପଣ ନିଜ ଜୀବନରେ ଈଶ୍ୱରଙ୍କ ଅଭିଷେକର ଏକ ନୂତନ ସ୍ତରରେ ପ୍ରବେଶ କରିଥିବା ଉପଲବ୍ଧି କରିପାରିବେ।

- ଆଜି ଆପଣ ଯାହାସବୁ ଶିକ୍ଷାଲାଭ କରିବେ, ଆସନ୍ତାକାଲି ସେସବୁ ଆପଣଙ୍କୁ ପ୍ରସ୍ତୁତ କରିବ। ଈଶ୍ୱର ତାଙ୍କର ଉଦ୍ଦେଶ୍ୟ ସଫଳ କରିବା ପାଇଁ ଆପଣଙ୍କୁ ପ୍ରସ୍ତୁତ କରିବେ।

## ୨. ଈଶ୍ୱର ଆମମାନଙ୍କୁ କିପରି ପ୍ରସ୍ତୁତ କରନ୍ତି ?

### ବାକ୍ୟ

*୨ ତୀମଥି ୩:୧୬,୧୭*

[୧୬]ସମସ୍ତ ଶାସ୍ତ୍ର ଈଶ୍ୱରନିଶ୍ୱସିତ ଏବଂ ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ । [୧୭]ଯେପରି ଈଶ୍ୱରଙ୍କ ଲୋକ ସିଦ୍ଧ ହୋଇ ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ସୁସଜ୍ଜିତ ହୁଏ।

### ପବିତ୍ର ଆତ୍ମା

*୨ କରିନ୍ଥୀୟ ୩:୧୮*

କିନ୍ତୁ ଆମ୍ଭେମାନେ ସମସ୍ତେ ଅନାଚ୍ଛାଦିତ ମୁଖରେ ଦର୍ପଣରେ ଦେଖିବା ପରି ପ୍ରଭୁଙ୍କ ଗୌରବ ଦେଖୁ ଦେଖୁ ଗୌରବଯୁକ୍ତ ଅବସ୍ଥାରୁ ଅଧିକ ଗୌରବଯୁକ୍ତ ଅବସ୍ଥା ପ୍ରାପ୍ତ ହୋଇ ତାହାଙ୍କ ସେହି ମୂର୍ତ୍ତିରେ ପରିବର୍ତ୍ତିତ ହେଉଅଛୁ; ଯେଣୁ ପ୍ରଭୁ ଯେ କି ଆତ୍ମା, ତାହାଙ୍କଠାରୁ ଏହିସବୁ ହେଉଅଛି।

### ଅନ୍ୟ ବ୍ୟକ୍ତିବିଶେଷ

*ହିତୋପଦେଶ ୨୭:୧୭*

ଯେପରି ଲୁହା ଲୁହାକୁ ସତେଜ କରେ, ସେପରି ମନୁଷ୍ୟ ଆପଣା ବନ୍ଧୁର ମୁଖ ସତେଜ କରେ।

- ଆପଣ ଯେଉଁସବୁ ବିଷୟ କରିବାକୁ ଚାହାନ୍ତି ସେହିସବୁ କାର୍ଯ୍ୟ ଯେଉଁମାନେ କରୁଛନ୍ତି ସେମାନଙ୍କର ସଙ୍ଗୀ ହୁଅନ୍ତୁ।

### ଜୀବନର ଅନୁଭୂତିସମୂହ

- ଜୀବନର ଉଭୟ ଭଲ ସମୟ ଓ ଖରାପ ସମୟରୁ ଆମେ ଅନେକ ବିଷୟ ଶିକ୍ଷାଲାଭ କରିବାକୁ ହେବ।

*ରୋମୀୟ ୫:୩,୪*

[୩]କେବଳ ତାହା ନୁହେଁ, ସମସ୍ତ କ୍ଲେଶରେ ମଧ୍ୟ ଦର୍ପ କରୁଅଛୁ, ଯେଣୁ କ୍ଲେଶରୁ ଧୈର୍ଯ୍ୟ, ଧୈର୍ଯ୍ୟରୁ ଅନୁଭୂତି। [୪]ପୁଣି, ଅନୁଭୂତିରୁ ଭରସା ଯେ ଜନ୍ମେ, ଏହା ଆମ୍ଭେମାନେ ଜାଣୁ।

*ଯାକୁବ ୧:୨,୪*

[2]ହେ ମୋହର ଭାଇମାନେ, ତୁମ୍ଭେମାନେ ଯେତେବେଳେ ନାନା ପ୍ରକାର ପରୀକ୍ଷାରେ ପରୀକ୍ଷିତ ହୁଅ, [4]ଆଉ, ତୁମ୍ଭେମାନେ ଯେପରି କୌଣସି ବିଷୟରେ ଊଣା ନ ପଡ଼ି ସିଦ୍ଧ ଓ ସମ୍ପୂର୍ଣ୍ଣ ହୁଅ, ଏଥିପାଇଁ ଧୈର୍ଯ୍ୟ ସମ୍ପୂର୍ଣ୍ଣରୂପେ କାର୍ଯ୍ୟ ସାଧନ କରୁ ।

*ଏବ୍ରୀ ୫:୮,୯*

[8]ପୁତ୍ର ହେଲେହେଁ ଦୁଃଖଭୋଗ ଦ୍ୱାରା ଆଜ୍ଞାବହତା ଶିକ୍ଷା କଲେ, [9]ପୁଣି ସିଦ୍ଧ ହୋଇ ନିଜ ଆଜ୍ଞାକାରୀମାନଙ୍କ ପ୍ରତି ଅନନ୍ତ ପରିତ୍ରାଣର କାରଣସ୍ୱରୂପ ହେଲେ ।

- ଜୀବନର ବିଭିନ୍ନ ଅନୁଭୂତିରୁ ଆମେ ଯାହାସବୁ ଶିକ୍ଷା ଲାଭ କରିବା ସେସବୁକୁ ଅନ୍ୟତ୍ର ଶିଖିପାରିବା ନାହିଁ।
- ଅନୁଭୂତିଶୀଳ ବ୍ୟକ୍ତିର କଥାକୁ ଆମେ ମନା କରି ନପାରୁ।

## ୩. ଈଶ୍ୱରଙ୍କ ପ୍ରସ୍ତୁତି ପ୍ରକ୍ରିୟା ମଧ୍ୟ ଦେଇ ଯିବା ବେଳେ ଯେଉଁସବୁ ବିଷୟ ମନରେ ରଖିବା ଉଚିତ

- **ପ୍ରସ୍ତୁତି ପ୍ରକ୍ରିୟାରେ ଈଶ୍ୱରଙ୍କର ସହଯୋଗ କରିବା ଓ ତାଙ୍କ ସଙ୍ଗେ ମିଶି କାର୍ଯ୍ୟ କରିବା ବିଷୟକୁ ଆମେ ଶିଖିବାକୁ ହେବ**

*୧ କରିନ୍ଥୀୟ ୩:୯*

କାରଣ ଆମ୍ଭେମାନେ ଈଶ୍ୱରଙ୍କ ସହକର୍ମୀ; ତୁମ୍ଭେମାନେ ଈଶ୍ୱରଙ୍କ କ୍ଷେତ୍ର, ଈଶ୍ୱରଙ୍କ ଗୃହ ।

- **ଆପଣଙ୍କ ମନୋଭାବ ଗୁରୁତ୍ୱପୂର୍ଣ୍ଣ**
- **ନିରବଚ୍ଛିନ୍ନତା ଶକ୍ତିଯୁକ୍ତ କରିଥାଏ**

*୧ ତୀମଥି ୪:୧୫*

ତୁମ୍ଭର ଉନ୍ନତି ଯେପରି ସମସ୍ତଙ୍କ ନିକଟରେ ପ୍ରକାଶିତ ହୁଏ, ଏଥିନିମନ୍ତେ ଏହିସମସ୍ତ ବିଷୟରେ ମନୋଯୋଗୀ ହୁଅ, ସେହିସବୁରେ ପ୍ରବୃତ୍ତ ଥାଅ।

- **ଅଳ୍ପ ବିଷୟରେ ବିଶ୍ୱସ୍ତ ରହିଲେ ଈଶ୍ୱର ପଦୋନ୍ନତି ଦିଅନ୍ତି**

*ମାଥିଉ ୨୫:୨୩*

ତାହାର ପ୍ରଭୁ ତାହାକୁ କହିଲେ, ବେଶ୍, ଉତ୍ତମ ଓ ବିଶ୍ୱସ୍ତ ଦାସ, ତୁମ୍ଭେ ଅଳ୍ପ ବିଷୟରେ ବିଶ୍ୱସ୍ତ ହେଲ, ମୁଁ ତୁମ୍ଭକୁ ବହୁତ ବିଷୟ ଉପରେ ନିଯୁକ୍ତ କରିବି, ତୁମ୍ଭେ ଆପଣା ପ୍ରଭୁଙ୍କ ଆନନ୍ଦର ସହଭାଗୀ ହୁଅ।

- **ଆତ୍ମ-ସନ୍ତୋଷ ବିଷୟରେ ସାବଧାନ। ଆପଣଙ୍କୁ ଆହୁରି ଅଧିକ ପ୍ରଶସ୍ତ କରିବା ପାଇଁ ଈଶ୍ୱରଙ୍କୁ କୁହନ୍ତୁ**

*ଫିଲିପୀୟ ୩:୧୨*

ମୁଁ ଯେ ଏବେ ସେହିସମସ୍ତ ପ୍ରାପ୍ତ ହୋଇଅଛି ଅବା ସିଦ୍ଧି ଲାଭ କରିଅଛି, ତାହା ନୁହେଁ, କିନ୍ତୁ ମୁଁ ଖ୍ରୀଷ୍ଟ ଯୀଶୁଙ୍କ ଦ୍ୱାରା ଧୃତ ହୋଇଥିବାରୁ ତାହା ଧରିବା ପାଇଁ ଦୌଡ଼ୁଅଛି।

- **ପ୍ରସ୍ତୁତିର ସମୟ କେବେ ହେଲେ ସମୟର ଅପଚୟ ନୁହେଁ। ଆହ୍ୱାନ ଯେତେ ବଡ଼ ହୋଇଥାଏ, ତଦନୁସାରେ ଅଧିକ ପ୍ରସ୍ତୁତ ହେବାକୁ ପଡ଼େ।**
- **ତରବର ହୁଅନ୍ତୁ ନାହିଁ। ପ୍ରସ୍ତୁତିର ନିରୂପିତ କାଳକୁ କାଟଛାଟ ନକରି ପ୍ରସ୍ତୁତିରେ ଲାଗି ରହନ୍ତୁ।**

*ହିତୋପଦେଶ ୨୧:୫*

କର୍ମଶୀଳର ସଂକଳ୍ପରୁ କେବଳ ପ୍ରଚୁରତା ଜନ୍ମେ; ମାତ୍ର ପ୍ରତ୍ୟେକ ହଠାତ୍ କର୍ମକାରୀ କେବଳ ଅଭାବ ଆଡ଼େ ଯାଏ।

ଉଦାହରଣ: ମୋଶା, ଦାଉଦ ଓ ପାଉଲ

- **ଯେଉଁ ଆହ୍ୱାନ ଓ ଦାନ ପ୍ରାପ୍ତ ହୋଇଛନ୍ତି ତା' ମଧ୍ୟରେ ରହନ୍ତୁ।**

  ଈଶ୍ୱରଙ୍କ ପରିକଳ୍ପନାର ବାହାରକୁ ଯାଇ ଅନ୍ୟ କିଛି ହେବାର ପ୍ରୟାସ ନକରନ୍ତୁ।

# ୪

# ତାହାଙ୍କ ଉଦ୍ଦେଶ୍ୟସମୂହକୁ ସଫଳ କରିବା ପାଇଁ ନିଜକୁ ଆସୀନ କରିବା

ଆମମାନଙ୍କ ଜୀବନ ନିମନ୍ତେ ଈଶ୍ୱରଙ୍କ ଇଚ୍ଛାପୂରଣ ପ୍ରକ୍ରିୟାର ଅଂଶସ୍ୱରୂପେ ଆମେ ନିଜକୁ ଆସୀନ କରିବାକୁ ହେବ, ଯେପରି କି ଆମେ ଯଥାର୍ଥ ସମୟରେ ଯଥାର୍ଥ ସ୍ଥାନରେ ରହି ପାରିବା।

'ଆସୀନ କରିବାର' ଅର୍ଥ ଈଶ୍ୱରଙ୍କ ପ୍ରତି ସମ୍ବେଦନଶୀଳତାରେ ରହିବା ଏବଂ ନିଜକୁ ଯଥାର୍ଥ ସମୟରେ ଯଥାର୍ଥ ସ୍ଥାନରେ ରଖିବା ବିଷୟ ଶିକ୍ଷା କରିବା, ଯଥାର୍ଥ କାର୍ଯ୍ୟ କରିବା।

## ୧. ତାହାଙ୍କ ଉଦ୍ଦେଶ୍ୟସମୂହକୁ ସଫଳ କରିବାକୁ ଆସୀନ

*ଏଷ୍ଟର ୪:୧୨-୧୪*

[୧୨]ସେମାନେ ଏଷ୍ଟରର ଏହି କଥା ମର୍ଦ୍ଦଖୟକୁ କହିଲେ। [୧୩] ତେଣୁ ମର୍ଦ୍ଦଖୟ ଏଷ୍ଟରକୁ ଏହି
ପ୍ରତ୍ୟୁତ୍ତର ଦେବାକୁ ସେମାନଙ୍କୁ କହିଲା, ସବୁ ଯିହୁଦୀୟମାନଙ୍କ ମଧ୍ୟରୁ କେବଳ ତୁମ୍ଭେ ରାଜଗୃହରେ
ଥିବାରୁ ଯେ ରକ୍ଷା ପାଇବ, ଏହା ମନରେ ନ ଭାବ । [୧୪] ଯେବେ ତୁମ୍ଭେ ଏହି ସମୟରେ
ସର୍ବତୋଭାବେ ନୀରବ ହୋଇ ରୁହ, ତେବେ ଅନ୍ୟ କୌଣସି ସ୍ଥାନରୁ ଯିହୁଦୀୟମାନଙ୍କର ଉପକାର
ଓ ଉଦ୍ଧାର ଉତ୍ପନ୍ନ ହେବ, ମାତ୍ର ତୁମ୍ଭେ ଓ ତୁମ୍ଭ ପିତୃବଂଶ ବିନଷ୍ଟ ହେବ; କିଏ ଜାଣେ, ତୁମ୍ଭେ ଏପରି
ସମୟ ନିମନ୍ତେ ରାଜ୍ୟ ପାଇଅଛ ?

ଆମେ ଯାହା କରିବା ପାଇଁ ଈଶ୍ୱର ଚାହାନ୍ତି ତାହା କରିବାକୁ ଆମେ ନିଜ ନିଜକୁ ଯଥାର୍ଥ ସମୟରେ ଯଥାର୍ଥ ସ୍ଥାନରେ ରଖିବାକୁ ହେବ।

## ୨. ତାହାଙ୍କ ଯୋଗାଣକୁ ଗ୍ରହଣ କରିବାକୁ ଆସୀନ

*୧ ରାଜାବଳୀ ୧୭:୧-୯*

୧ଅନନ୍ତର ଗିଲିୟଦର ପ୍ରବାସୀ ତିସ୍‌ବୀୟ ଏଲିୟ ଆହାବଙ୍କୁ କହିଲେ, ମୁଁ ଯାହାଙ୍କ ସାକ୍ଷାତରେ ଛିଡ଼ା
ହେଉଅଛି, ସେହି ଇସ୍ରାଏଲର ପରମେଶ୍ୱର ସଦାପ୍ରଭୁ ଜୀବତ୍ ଥିବା ପ୍ରମାଣେ ଏହି କେତେକ ବର୍ଷ
କାକର କି ବୃଷ୍ଟି ପଡ଼ିବ ନାହିଁ, କେବଳ ମୋ' ବାକ୍ୟାନୁସାରେ ହେବ । ୨ଏ ଉତ୍ତାରେ ତାଙ୍କ
ନିକଟରେ ସଦାପ୍ରଭୁଙ୍କର ଏହି ବାକ୍ୟ ଉପସ୍ଥିତ ହେଲା, ୩ଯଥା, ତୁମ୍ଭେ ଏଠାରୁ ଯାଇ ପୂର୍ବଦିଗକୁ
ଫେରି ଯର୍ଦ୍ଦନ-ସମ୍ମୁଖସ୍ଥ କରୀତ୍ ନଦୀ ନିକଟରେ ଆପଣାକୁ ଲୁଚାଅ । ୪ସେ ସ୍ଥାନରେ ତୁମ୍ଭେ ନଦୀରୁ
ପାନ କରିବ ଓ ତୁମ୍ଭକୁ ଖାଦ୍ୟ ଯୋଗାଇବା ପାଇଁ ଆମ୍ଭେ କାକମାନଙ୍କୁ ଆଜ୍ଞା ଦେଇଅଛୁ । ୫ତହିଁରେ
ସେ ଯାଇ ସଦାପ୍ରଭୁଙ୍କ ବାକ୍ୟାନୁସାରେ କର୍ମ କଲେ; ସେ ଯର୍ଦ୍ଦନ-ସମ୍ମୁଖସ୍ଥ କରୀତ୍ ନଦୀ ନିକଟକୁ
ଯାଇ ବାସ କଲେ । ୬ ପୁଣି କାକମାନେ ପ୍ରାତଃକାଳରେ ରୋଟୀ ଓ ମାଂସ, ପୁଣି ସନ୍ଧ୍ୟା ବେଳେ
ରୋଟୀ ଓ ମାଂସ ତାଙ୍କ ପାଇଁ ଆଣିଲେ; ଆଉ ସେ ନଦୀରୁ ପାନ କଲେ । ୭ପୁଣି ଦେଶରେ ବୃଷ୍ଟି
ନୋହିବାରୁ କିଛି କାଳ ଉତ୍ତାରେ ନଦୀ ଶୁଷ୍କ ହୋଇଗଲା । ୮ଅନନ୍ତର ତାଙ୍କ ନିକଟରେ ସଦାପ୍ରଭୁଙ୍କର
ଏହି ବାକ୍ୟ ଉପସ୍ଥିତ ହେଲା, ୯ଯଥା, ଉଠ, ସୀଦୋନର ସାରିଫତ୍‌କୁ ଯାଇ ସେଠାରେ ବାସ କର ।
ଦେଖ, ଆମ୍ଭେ ସେଠାସ୍ଥିତ ଏକ ବିଧବା ସ୍ତ୍ରୀକି ତୁମ୍ଭକୁ ପ୍ରତିପୋଷଣ କରିବା ପାଇଁ ଆଜ୍ଞା ଦେଇଅଛୁ ।

ଆମ ଜୀବନ ନିମନ୍ତେ ଈଶ୍ୱରଙ୍କ ଯୋଗାଣକୁ ଗ୍ରହଣ କରିବା ପାଇଁ ଆମେ ଯଥାର୍ଥ ସମୟରେ ଯଥାର୍ଥ ସ୍ଥାନରେ ରହିଥିବା ଆବଶ୍ୟକ ।

ଆମେ ଯଦି ଉପଲବ୍ଧ ନ ରହିଲୁ ଓ ଈଶ୍ୱରଙ୍କ ଯୋଗାଣକୁ ହାତଛଡ଼ା କଲୁ ତେବେ ଆମେ ଈଶ୍ୱରଙ୍କୁ ଦୋଷ ଦେଇ ନପାରୁ ।

## ୩. ସୁରକ୍ଷା ପାଇବା ନିମନ୍ତେ ଆସୀନ

***ଗୀତସଂହିତା ୯୧***

୧ଯେଉଁ ଜନ ସର୍ବୋପରିସ୍ଥଙ୍କ ଆବୃତ ସ୍ଥାନରେ ବାସ କରେ, ସେ ସର୍ବଶକ୍ତିମାନଙ୍କ ଛାୟା ତଳେ
ବସତି କରିବ । ୨ମୁଁ ସଦାପ୍ରଭୁଙ୍କ ବିଷୟରେ କହିବି, ସେ ମୋହର ଆଶ୍ରୟ ଓ ମୋହର ଦୁର୍ଗ;
ମୋହର ପରମେଶ୍ୱର, ମୁଁ ତାହାଙ୍କଠାରେ ନିର୍ଭର ରଖେ । ୩କାରଣ ସେ ତୁମ୍ଭକୁ ବ୍ୟାଧର ଫାନ୍ଦରୁ ଓ
ସର୍ବନାଶକ ମହାମାରୀରୁ ରକ୍ଷା କରିବେ । ୪ସେ ଆପଣା ପକ୍ଷରେ ତୁମ୍ଭକୁ ଆବୋରିବେ ଓ ତାହାଙ୍କ
ଡ଼େଣା ତଳେ ତୁମ୍ଭେ ଆଶ୍ରୟ ନେବ, ତାହାଙ୍କ ସତ୍ୟତା ଢାଲ ଓ ଫଳକ ସ୍ୱରୂପ ଅଟେ । ୫ତୁମ୍ଭେ
ରାତ୍ରିର ତ୍ରାସ, କିଅବା ଦିବସର ଉଡ଼ନ୍ତା ତୀର, ୬ଅନ୍ଧକାରଗାମୀ ମହାମାରୀ, କିଅବା ମଧ୍ୟାହ୍ନରେ
ବିନାଶକ ସଂହାର ବିଷୟରେ ଭୀତ ହେବନାହିଁ । ୭ତୁମ୍ଭ ପାର୍ଶ୍ୱରେ ସହସ୍ର ଓ ତୁମ୍ଭ ଦକ୍ଷିଣ ପାଖରେ
ଅୟୁତ ଲୋକ ପଡ଼ିବେ; ମାତ୍ର ତାହା ତୁମ୍ଭ କତିକି ଆସିବ ନାହିଁ । ୮ତୁମ୍ଭେ କେବଳ ସ୍ୱଚକ୍ଷୁରେ

ନିରୀକ୍ଷଣ କରିବ ଓ ଦୁଷ୍ଟମାନଙ୍କର ପ୍ରତିଫଳ ଦେଖିବ । ୯କାରଣ, ହେ ସଦାପ୍ରଭୋ, ତୁମ୍ଭେ ମୋହର
ଆଶ୍ରୟ । ସର୍ବୋପରିସ୍ଥଙ୍କୁ ତୁମ୍ଭେ ଆପଣା ବାସସ୍ଥାନ କରିଅଛ । ୧୦ତୁମ୍ଭକୁ କୌଣସି ବିପଦ ଘଟିବ
ନାହିଁ, କିଅବା କୌଣସି ମାରୀ ତୁମ୍ଭ ତମ୍ବୁ ନିକଟକୁ ଆସିବ ନାହିଁ । ୧୧ କାରଣ ସେ ତୁମ୍ଭର ସବୁ
ଗତିରେ ତୁମ୍ଭଙ୍କୁ ରକ୍ଷା କରିବା ପାଇଁ ଆପଣା ଦୂତଗଣକୁ ତୁମ୍ଭ ବିଷୟରେ ଆଜ୍ଞା ଦେବେ । ୧୨ତୁମ୍ଭ
ଚରଣ ଯେପରି ପଥରରେ ନ ବାଜିବ, ଏଥିପାଇଁ ସେମାନେ ସ୍ୱହସ୍ତରେ  ତୁମ୍ଭକୁ ବହିବେ ।
୧୩ତୁମ୍ଭେ ସିଂହ ଓ କାଳସର୍ପ ଉପରେ ଚାଲିବ; ତୁମ୍ଭେ ଯୁବାସିଂହ ଓ ସର୍ପକୁ ପାଦ ତଳେ ଦଳିବ ।
୧୪ସେ ଆମ୍ଭ ଉପରେ ଆପଣା ସ୍ନେହ ରଖିଅଛି, ଏହେତୁ ଆମ୍ଭେ ତାହାକୁ ଉଦ୍ଧାର କରିବା; ସେ ଆମ୍ଭ
ନାମ ଜାଣିଅଛି, ଏ ହେତୁ ଆମ୍ଭେ ତାହାକୁ ଉଚ୍ଚରେ ରଖିବା । ୧୫ସେ ଆମ୍ଭ ନିକଟରେ ପ୍ରାର୍ଥନା
କଲେ, ଆମ୍ଭେ ତାହାକୁ ଉତ୍ତର ଦେବା; ଦୁଃଖ ବେଳେ ଆମ୍ଭେ ତାହାର ସହବର୍ତ୍ତୀ ହେବା; ଆମ୍ଭେ
ତାହାକୁ ରକ୍ଷା କରିବା ଓ ତାହାକୁ ସମ୍ଭ୍ରମ କରିବା । ୧୬ଆମ୍ଭେ ଦୀର୍ଘାୟୁ ଦେଇ ତାହାକୁ ତୃପ୍ତ କରିବା ଓ
ଆମ୍ଭର ପରିତ୍ରାଣ ତାହାକୁ ଦେଖାଇବା ।

ଈଶ୍ୱରଙ୍କ ଇଚ୍ଛାର କେନ୍ଦ୍ରରେ ରହିବା ହିଁ ସୁରକ୍ଷିତ ସ୍ଥାନ । ଆପଣ ଯାହା କରିବା ଈଶ୍ୱର ଚାହାନ୍ତି ଓ ଯେଉଁ ସ୍ଥାନରେ ତାହା ଆପଣ କରନ୍ତୁ ଏବଂ ଯେଉଁ ସମୟରେ ତାହା ଆପଣ କରନ୍ତୁ ବୋଲି ସେ ଚାହାନ୍ତି ତାହା ଆପଣ କରିବାକୁ ହେବ ।

## ୪. ପଦୋନ୍ନତି ନିମନ୍ତେ ଆସୀନ

*୨ ଶାମୁଏଲ ୨:୧-୪*

୧ଏଥି ଉତ୍ତାରେ ଦାଉଦ ସଦାପ୍ରଭୁଙ୍କ ନିକଟରେ ପଚାରି କହିଲେ, ମୁଁ କ'ଣ ଯିହୁଦାର କୌଣସି ଏକ
ନଗରକୁ ଯିବି ? ସଦାପ୍ରଭୁ ତାଙ୍କୁ କହିଲେ, ଯାଅ । ପୁଣି ଦାଉଦ କହିଲେ, ମୁଁ କେଉଁଠାକୁ ଯିବି ?
ସେ କହିଲେ ହିବ୍ରୋଣକୁ । ୨ଏଣୁ ଦାଉଦ ଓ ତାଙ୍କର ଯିଷ୍ରିୟେଲୀୟା ଅହୀନୋୟମ୍ ଓ କର୍ମିଲୀୟ
ନାବଲର ଭାର୍ଯ୍ୟା ଅବୀଗଲ ନାମ୍ନୀ ଏହି ଦୁଇ ଭାର୍ଯ୍ୟା ସେସ୍ଥାନକୁ ଗଲେ । ୩ଆଉ ଦାଉଦ ଆପଣା
ସଙ୍ଗୀମାନଙ୍କୁ ସେମାନଙ୍କ ପରିବାର ସମେତ ଆଣିଲେ; ତହିଁରେ ସେମାନେ ହିବ୍ରୋଣର ନଗରମାନରେ
ବାସ କଲେ । ୪ତହୁଁ ଯିହୁଦାର ଲୋକମାନେ ଆସି ସେହି ସ୍ଥାନରେ ଦାଉଦଙ୍କୁ ଯିହୁଦା ବଂଶ ଉପରେ
ରାଜାଭିଷିକ୍ତ କଲେ । ଏ ଉତ୍ତାରେ ଯାବେଶ୍-ଗିଲିୟଦୀୟମାନେ ଶାଉଲଙ୍କୁ କବର ଦେଲେ ବୋଲି
ଲୋକମାନେ ଦାଉଦଙ୍କୁ ଜଣାଇଲେ ।

ଈଶ୍ୱର ଆମ ନିମନ୍ତେ ଯେଉଁ ପଦୋନ୍ନତି, ଅଭିବୃଦ୍ଧି ଓ ଉତ୍କର୍ଷଲାଭ ରଖିଛନ୍ତି ତାହା ଗ୍ରହଣ କରିବା ପାଇଁ ଆମେ ନିଜକୁ ଆସୀନ କରିବା ଆବଶ୍ୟକ ।

## ୫. ଈଶ୍ୱରଙ୍କ ଚଳିତ ପଦକ୍ଷେପ ନିମନ୍ତେ ଆସୀନ

### ଉଦାହରଣ: ପିତଳ ସର୍ପ

*ଗଣନା ୨୧:୫-୯*

[୫]ତହିଁରେ ଲୋକମାନେ ପରମେଶ୍ୱରଙ୍କ ବିରୁଦ୍ଧରେ ଓ ମୋଶାଙ୍କ ବିରୁଦ୍ଧରେ କହିଲେ, କିହେତୁ
ତୁମ୍ଭେମାନେ ଆମ୍ଭମାନଙ୍କୁ ପ୍ରାନ୍ତରରେ ମାରିବାକୁ ମିସର ଦେଶରୁ ବାହାର କରି ଆଣିଲ ? ଦେଖ,
ଏଠାରେ ରୋଟୀ ନାହିଁ ଓ ଜଳ ନାହିଁ; ପୁଣି ଆମ୍ଭମାନଙ୍କ ପ୍ରାଣ ଏହି ଲଘୁ ଅନ୍ନକୁ ଘୃଣା କରେ ।
[୬]ସେତେବେଳେ ସଦାପ୍ରଭୁ ଲୋକମାନଙ୍କ ମଧ୍ୟକୁ ଦାହକ-ସର୍ପ ପ୍ରେରଣ କରନ୍ତେ, ସେମାନେ
ଲୋକମାନଙ୍କୁ ଦଂଶନ କଲେ; ତହିଁରେ ଇସ୍ରାଏଲର ଅନେକ ଲୋକ ମଲେ । [୭]ଏନିମନ୍ତେ
ଲୋକମାନେ ମୋଶାଙ୍କ ନିକଟକୁ ଆସି କହିଲେ, ଆମ୍ଭେମାନେ ପାପ କଲୁ, କାରଣ ଆମ୍ଭେମାନେ
ସଦାପ୍ରଭୁଙ୍କ ବିରୁଦ୍ଧରେ ଓ ତୁମ୍ଭ ବିରୁଦ୍ଧରେ କଥା କହିଅଛୁ; ସଦାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କର
ଯେପରି ସେ ଆମ୍ଭମାନଙ୍କ ନିକଟରୁ ଏହି ସର୍ପମାନଙ୍କୁ ଦୂର କରିବେ । ତେଣୁ ମୋଶା ଲୋକମାନଙ୍କ
ନିମନ୍ତେ ପ୍ରାର୍ଥନା କଲେ । [୮]ତେବେ ସଦାପ୍ରଭୁ ମୋଶାଙ୍କୁ କହିଲେ, ତୁମ୍ଭେ ଗୋଟିଏ ଦାହକ-ସର୍ପ
ନିର୍ମାଣ କରି ପତାକା-ଦଣ୍ଡ ଉପରେ ରଖ; ତହିଁରେ ସର୍ପଦଂଷ୍ଟ ପ୍ରତ୍ୟେକ ଲୋକ ତାହା ପ୍ରତି ଅନାଇଲେ
ବଞ୍ଚିବ । [୯]ତହୁଁ ମୋଶା ପିତ୍ତଳର ଏକ ସର୍ପ ନିର୍ମାଣ କରି ପତାକା-ଦଣ୍ଡ ଉପରେ ରଖିଲେ; ତହିଁରେ
ସର୍ପ କୌଣସି ମନୁଷ୍ୟକୁ ଦଂଶନ କଲେ, ସେ ସେହି ପିତ୍ତଳ ସର୍ପ ପ୍ରତି ଦୃଷ୍ଟି କରନ୍ତେ, ବଞ୍ଚିଲା ।

*୨ ରାଜାବଳୀ ୧୮:୪*

ସେ ଉଚ୍ଚସ୍ଥଳୀସବୁ ଦୂର କରିଦେଲେ ଓ ସ୍ତମ୍ଭସବୁ ଭାଙ୍ଗି ପକାଇଲେ ଓ ଆଶେରାମୂର୍ତ୍ତି କାଟି ପକାଇଲେ; ପୁଣି ମୋଶାନିର୍ମିତ ପିତ୍ତଳ-ସର୍ପ ଖଣ୍ଡ ଖଣ୍ଡ କରି ଭାଙ୍ଗିଦେଲେ; କାରଣ ତହିଁ ଉଦ୍ଦେଶରେ ଇସ୍ରାଏଲ ସନ୍ତାନଗଣ ସେସମୟ ପର୍ଯ୍ୟନ୍ତ ଧୂପ ଜ୍ୱଳାଉଥିଲେ; ଆଉ ସେ ତାହାର ନାମ ନହୁଷ୍ଟନ୍ (ପିତ୍ତଳ-ଖଣ୍ଡ) ରଖିଲେ ।

### ମୋଶା

*ଯାତ୍ରା ୧୭:୧-୬*

[୧]ଅନନ୍ତର ଇସ୍ରାଏଲ-ସନ୍ତାନଗଣର ସମସ୍ତ ମଣ୍ଡଳୀ ସୀନ ପ୍ରାନ୍ତରରୁ ଯାତ୍ରା କରି ସଦାପ୍ରଭୁଙ୍କ ଆଜ୍ଞାନୁସାରେ
ନିରୂପିତ ସକଳ ଉତ୍ତରଣ ସ୍ଥାନ ଦେଇ ରଫୀଦୀମରେ ଛାଉଣି ସ୍ଥାପନ କଲେ; ମାତ୍ର ସେ ସ୍ଥାନରେ
ଲୋକମାନଙ୍କର ପାନ କରିବାକୁ ଜଳ ନଥିଲା । [୨]ଏଣୁକରି ଲୋକମାନେ ମୋଶାଙ୍କ ସଙ୍ଗରେ
ବିବାଦ କରି କହିଲେ, ଆମ୍ଭମାନଙ୍କୁ ଜଳ ଦିଅ, ଆମ୍ଭେମାନେ ପାନ କରିବୁ । ତହିଁରେ ମୋଶା
କହିଲେ, ତୁମ୍ଭେମାନେ ମୋ'ସଙ୍ଗରେ କାହିଁକି ବିବାଦ କର ? କିହେତୁ ସଦାପ୍ରଭୁଙ୍କୁ ପରୀକ୍ଷା
କର ? [୩] ସେତେବେଳେ ଲୋକମାନେ ସେହି ସ୍ଥାନରେ ଜଳାଭାବ ହେତୁ ତୃଷାକୁଳ ହୋଇ

ମୋଶାଙ୍କ ବିରୁଦ୍ଧରେ ବଚସା କରି କହିଲେ, ତୁମ୍ଭେ ଆମ୍ଭମାନଙ୍କୁ ଓ ଆମ୍ଭମାନଙ୍କ ସନ୍ତାନମାନଙ୍କୁ ଓ
ପଶୁଗଣକୁ ପିପାସାରେ ମାରିବା ନିମନ୍ତେ ମିସରଠାରୁ କିହେତୁ ଆଣିଲ ? ୪ତହିଁରେ ମୋଶା ସଦାପ୍ରଭୁଙ୍କ
ନିକଟରେ ପ୍ରାର୍ଥନା କରି କହିଲେ, ମୁଁ ଏହି ଲୋକମାନଙ୍କ ନିମନ୍ତେ କଅଣ କରିବି ? ସେମାନେ
ମୋତେ ପଥର ପକାଇ ମାରିବାକୁ ପ୍ରାୟ ଉଦ୍ୟତ । ୫ତହୁଁ ସଦାପ୍ରଭୁ ମୋଶାଙ୍କୁ କହିଲେ, ତୁମ୍ଭେ
ଯଦ୍ଦ୍ୱାରା ନଦୀକି ଆଘାତ କରିଥିଲ, ସେହି ଯଷ୍ଟି ହସ୍ତରେ ଘେନି କେତେକ ପ୍ରାଚୀନଙ୍କୁ ସଙ୍ଗ କରି
ଇସ୍ରାଏଲ-ଲୋକମାନଙ୍କ ଆଗେ ଆଗେ ଯାଅ । ୬ଦେଖ, ଆମ୍ଭେ ହୋରେବ୍‌ରେ ସେହି ଶୈଳ
ଉପରେ ତୁମ୍ଭ ସମ୍ମୁଖରେ ଠିଆ ହେବା; ତୁମ୍ଭେ ସେହି ଶୈଳକୁ ଆଘାତ କଲେ, ତହିଁରୁ ଜଳ ନିର୍ଗତ
ହେବ, ଆଉ ଲୋକମାନେ ତାହା ପାନ କରିବେ; ତେବେ ମୋଶା ଇସ୍ରାଏଲର ପ୍ରାଚୀନବର୍ଗଙ୍କ
ଦୃଷ୍ଟିରେ ସେହିରୂପ କଲେ ।

*ଗଣନା ୨୦:୬-୧୨*

୬ଏଥିରେ ମୋଶା ଓ ହାରୋଣ ସମାଜ ସାକ୍ଷାତରୁ ସମାଗମ-ତମ୍ବୁର ଦ୍ୱାରକୁ ଯାଇ ମୁହଁ ମାଡ଼ି ପଡ଼ିଲେ;
ତହୁଁ ସଦାପ୍ରଭୁଙ୍କ ପ୍ରତାପ ସେମାନଙ୍କ ପ୍ରତି ପ୍ରକାଶ ପାଇଲା । ୭ଅନନ୍ତର ସଦାପ୍ରଭୁ ମୋଶାଙ୍କୁ
କହିଲେ, ୮ତୁମେ ଯଷ୍ଟି ନିଅ, ପୁଣି ତୁମ୍ଭେ ଓ ତୁମ୍ଭ ଭାଇ ହାରୋଣ ମଣ୍ଡଳୀକି ଏକତ୍ର କର, ଆଉ
ତୁମ୍ଭେମାନେ ସେମାନଙ୍କ ଦୃଷ୍ଟିଗୋଚରରେ ସେହି ଶୈଳକୁ ଆପଣା ଜଳ ଦେବା ପାଇଁ ଆଜ୍ଞା ଦିଅ;
ତହିଁରେ ତୁମ୍ଭେ ସେମାନଙ୍କ ନିମନ୍ତେ ଶୈଳରୁ ଜଳ ବାହାର କରି ମଣ୍ଡଳୀକି ଓ ସେମାନଙ୍କ ପଶୁଗଣକୁ
ପାନ କରାଇବ । ୯ତହୁଁ ମୋଶା ସଦାପ୍ରଭୁଙ୍କ ସମ୍ମୁଖରୁ ତାହାଙ୍କ ଆଜ୍ଞା ପ୍ରମାଣେ ଯଷ୍ଟି ନେଲେ ।
୧୦ପୁଣି ମୋଶା ଓ ହାରୋଣ ସେହି ଶୈଳ ସମ୍ମୁଖରେ ସମାଜକୁ ଏକତ୍ର କଲେ, ଆଉ ସେ ସେମାନଙ୍କୁ
କହିଲେ, ହେ ବିଦ୍ରୋହୀଗଣ, ଶୁଣ; ଆମ୍ଭେମାନେ କି ତୁମ୍ଭମାନଙ୍କ ନିମନ୍ତେ ଏହି ଶୈଳରୁ ଜଳ
ବାହାର କରିବା ? ୧୧ ଏ ଉତ୍ତାରେ ମୋଶା ହସ୍ତ ଉଠାଇ ଆପଣା ଯଷ୍ଟିରେ ସେହି ଶୈଳକୁ ଦୁଇଥର
ଆଘାତ କଲେ; ତହିଁରେ ପ୍ରଚୁର ଜଳ ବାହାର ହେଲା, ପୁଣି ମଣ୍ଡଳୀ ଓ ସେମାନଙ୍କ ପଶୁଗଣ ପାନ
କଲେ । ୧୨ଏଥିରେ ସଦାପ୍ରଭୁ ମୋଶା ଓ ହାରୋଣଙ୍କୁ କହିଲେ, ତୁମ୍ଭେମାନେ ଇସ୍ରାଏଲ-ସନ୍ତାନମାନଙ୍କ
ସାକ୍ଷାତରେ ଆମ୍ଭକୁ ପବିତ୍ର ବୋଲି ମାନ୍ୟ କରିବାକୁ ଆମ୍ଭଠାରେ ବିଶ୍ୱାସ କଲ ନାହିଁ, ଏହେତୁ ଆମ୍ଭେ
ଏହି ମଣ୍ଡଳୀକି ଯେଉଁ ଦେଶ ଦେଇ ଅଛୁ, ସେହି ଦେଶରେ ତୁମ୍ଭେମାନେ ସେମାନଙ୍କୁ ପ୍ରବେଶ
କରାଇବ ନାହିଁ ।

## ଯୋହନଙ୍କ ଶିଷ୍ୟମାନେ

*ଯୋହନ ୧:୩୬,୩୭*

୩୬ଆଉ, ସେ ଯୀଶୁଙ୍କୁ ସେହି ବାଟ ଦେଇ ଯାଉଥିବା ଦେଖି ତାହାଙ୍କୁ ଏକଦୃଷ୍ଟିରେ ଚାହିଁ କହିଲେ,
ଏହି ଦେଖ, ଈଶ୍ୱରଙ୍କ ମେଷଶାବକ । ୩୭ସେହି ଦୁଇ ଜଣ ଶିଷ୍ୟ ତାହାଙ୍କ କଥା ଶୁଣି ଯୀଶୁଙ୍କ ପଛେ
ପଛେ ଗଲେ ।

- ଆସୀନ କରିବା ଭୌଗୋଳିକ, ସାମାଜିକ, ବୃତ୍ତିଗତ ବା ସମ୍ପର୍କଗତ ହୋଇପାରେ।
- ଆସୀନ କରିବା ଆମ ଜୀବନର ପ୍ରତ୍ୟେକ କ୍ଷେତ୍ର ନିମନ୍ତେ ପ୍ରଯୁଜ୍ୟ।

## ୬. ନିଜକୁ ଆସୀନ କରିବା ବେଳେ କେଉଁସବୁ ବିଷୟକୁ ମନରେ ରଖିବା ଉଚିତ

- ଯିବା ନିମନ୍ତେ ଇଚ୍ଛୁକ ରୁହନ୍ତୁ

  ଉଦାହରଣ: ଲୋଟଙ୍କ ସ୍ତ୍ରୀ

- ଅଜଣା ସ୍ଥାନକୁ ଯିବାକୁ ଇଚ୍ଛୁକ ରୁହନ୍ତୁ

*ଏବ୍ରୀ ୧୧:୮*

ବିଶ୍ୱାସ ଦ୍ୱାରା ଅବ୍ରହାମ ଆହ୍ୱାନ ପ୍ରାପ୍ତ ହୁଅନ୍ତେ, ଯେଉଁ ଦେଶ ସେ ଅଧିକାରସ୍ୱରୂପେ ପାଇବାକୁ ଯାଉଥିଲେ, ଆଜ୍ଞାବହ ହୋଇ ସେଠାକୁ ବାହାରିଗଲେ, ପୁଣି ସେ କେଉଁଠାକୁ ଯାଉଅଛନ୍ତି, ତାହା ନ ଜାଣି ସୁଦ୍ଧା ବାହାରିଗଲେ।

- ପ୍ରବେଶ କରିବା ଓ ପ୍ରସ୍ଥାନ କରିବା ବିଷୟରେ ସାବଧାନତା ଅବଲମ୍ବନ କରନ୍ତୁ।
- ପରିବର୍ତ୍ତନ ହେବା ପାଇଁ ଉନ୍ମୁକ୍ତ ରୁହନ୍ତୁ।
- ଯିବା ପୂର୍ବରୁ ସେଥିନିମନ୍ତେ ପ୍ରସ୍ତୁତ ହୁଅନ୍ତୁ।
- ଅନେକ ସମୟରେ ଆପଣଙ୍କୁ ଯଥା ସ୍ଥାନରେ ଆସୀନ କରିବା ପାଇଁ ଈଶ୍ୱର ଅନ୍ୟମାନଙ୍କ କାର୍ଯ୍ୟକୁ ବ୍ୟବହାର କରିବେ।

ଉଦାହରଣ: ଯୋଷେଫ

- କାର୍ଯ୍ୟପନ୍ଥା ପ୍ରସ୍ତୁତ କରନ୍ତୁ। ଏଣେତେଣେ ଲକ୍ଷ୍ୟହୀନ ଭାବରେ ଘୂରି ବୁଲନ୍ତୁ ନାହିଁ।
- ଈଶ୍ୱର ଆମର ଭୁଲଭ୍ରାନ୍ତି ଅପେକ୍ଷା ମହାନ ଅଟନ୍ତି। ସେ ଆପଣଙ୍କୁ ତାହାଙ୍କ ଇଚ୍ଛା ସାଧନ କରିବା ପାଇଁ ପୁନଃଆସୀନ କରିପାରନ୍ତି।

ଉଦାହରଣ: ମୋଶା ଓ ଯୂନସ

# ୫

# ଈଶ୍ୱରଙ୍କ ଉଚ୍ଚ ଆହ୍ୱାନର ମୂଲ୍ୟ

ଆପଣଙ୍କ  ଜୀବନ ନିମନ୍ତେ ରହିଥିବା ଈଶ୍ୱରଙ୍କ ଉଦ୍ଦେଶ୍ୟକୁ ପୂରଣ କରିବାକୁ ହେଲେ ଆପଣଙ୍କୁ କିଛି ମୂଲ୍ୟ ଦେବାକୁ ହେବ।

*ଲୂକ ୧୪:୨୭*

ଯେକେହି ଆପଣା କ୍ରୁଶ ବହନ କରି ମୋହର ଅନୁଗମନ ନ କରେ, ସେ ମୋହର ଶିଷ୍ୟ ହୋଇ ପାରେ ନାହିଁ।

*ଗାଲାତୀୟ ୬:୧୪*

କିନ୍ତୁ ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର କ୍ରୁଶ ବ୍ୟତୀତ ଆଉ କାହିଁରେ ଦର୍ପ କରିବା ମୋଠାରୁ ଦୂରେ ଥାଉ; ତାହାଙ୍କ ଦ୍ୱାରା ଜଗତ ମୋ' ପ୍ରତି ଓ ମୁଁ ଜଗତ ପ୍ରତି କ୍ରୁଶରେ ହତ ହୋଇଅଛି ।

କ୍ରୁଶ:

- ଏକ ଦୁଃଖଭୋଗର ସ୍ଥାନ
- ଏକ ପୃଥକୀକରଣର ସ୍ଥାନ
- ଏକ ତ୍ୟାଗର ସ୍ଥାନ

ତ୍ୟାଗର ଅର୍ଥ ଯେଉଁ ବିଷୟ ଉପରେ ଆପଣଙ୍କର ଅଧିକାର ଅଛି ତାକୁ ପରିତ୍ୟାଗ କରିବା।

*ଫିଲିପୀୟ ୩:୭*

କିନ୍ତୁ ଯାହାସବୁ ମୋ ପକ୍ଷରେ ଲାଭଜନକ ଥିଲା, ସେହିସବୁ ମୁଁ ଖ୍ରୀଷ୍ଟଙ୍କ ନିମନ୍ତେ କ୍ଷତିଜନକ ବୋଲି ଗଣ୍ୟ କରିଅଛି।

*ଯୋହନ ୧୨:୨୪-୨୬*

[୨୪]ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି, ଗହମବୀଜ ଯଦି ମୃତ୍ତିକାରେ ପଡ଼ି ନ ମରେ, ତାହାହେଲେ

ତାହା ଏକମାତ୍ର ଥାଏ, କିନ୍ତୁ ଯଦି ମରେ, ତାହାହେଲେ ବହୁତ ଫଳ ଫଳେ । [25]ଯେ ଆପଣା ପ୍ରାଣକୁ ପ୍ରିୟଜ୍ଞାନ କରେ, ସେ ତାହା ହରାଇବ, ଆଉ ଯେ ଆପଣା ପ୍ରାଣକୁ ଇହଜଗତରେ ଘୃଣା କରେ, ସେ ତାହା ଅନନ୍ତ ଜୀବନ ନିମନ୍ତେ ରକ୍ଷା କରିବ । [26]କେହି ଯେବେ ମୋହର ସେବକ, ତେବେ ସେ ମୋହର ଅନୁଗମନ କରୁ; ଆଉ, ମୁଁ ଯେଉଁଠାରେ ଥାଏ, ମୋହର ସେବକ ମଧ୍ୟ ସେହିଠାରେ ରହିବ; କେହି ଯେବେ ମୋହର ସେବା କରେ, ତେବେ ପିତା ତାହାକୁ ସମ୍ମାନ ଦେବେ।

ପ୍ରତ୍ୟେକ ତ୍ୟାଗସ୍ୱୀକାର ଆପଣଙ୍କୁ ଈଶ୍ୱରଙ୍କ ରାଜ୍ୟ ନିମନ୍ତେ ଅଧିକ ଫଳପ୍ରଦ ହେବା ଦିଗରେ କଢ଼ାଇ ନେବ।

## ୧. ଦୈନିକ ତ୍ୟାଗସମୂହ

*୧ କରିନ୍ଥୀୟ ୧୫:୩୦-୩୩*

[30]ଆମ୍ଭେମାନେ ମଧ୍ୟ କାହିଁକି ପ୍ରତ୍ୟେକ ଦଣ୍ଡରେ ବିପଦର ସମ୍ମୁଖୀନ ହେଉ ? [31]ହେ ଭାଇମାନେ, ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ଠାରେ ତୁମ୍ଭମାନଙ୍କ ବିଷୟରେ ମୁଁ ଯେଉଁ ଦର୍ପ କରିଥାଏ, ସେଥିର ଶପଥ କରି କହୁଅଛି, ମୁଁ ପ୍ରତିଦିନ ମୃତ୍ୟୁଭୋଗ କରୁଅଛି । [32]ଯଦି ଲୋକାଚାର ଅନୁସାରେ ମୁଁ ଏଫିସରେ ବନ୍ୟ ପଶୁମାନଙ୍କ ସହିତ ଯୁଦ୍ଧ କରିଅଛି, ତେବେ ସେଥିରେ ମୋହର ଲାଭ କଅଣ ? ଯଦି ମୃତମାନେ ଉତ୍ଥିତ ନ ହୁଅନ୍ତି, ତେବେ 'ଆସ, ଆମ୍ଭେମାନେ ଭୋଜନପାନ କରୁ, କାରଣ କାଲି ଆମ୍ଭେମାନେ ମରିବା' । [33]ଭ୍ରାନ୍ତ ନ ହୁଅ, କୁସଂସର୍ଗ ଶିଷ୍ଟାଚାର ନଷ୍ଟ କରେ।

ଦୈନିକ ତ୍ୟାଗସମୂହର ଅର୍ଥ ହୋଇପାରେ ଅନାବଶ୍ୟକ ବିଷୟସବୁରୁ ନିଜକୁ ଦୂରେଇ ରଖିବା, ଅନ୍ୟମାନେ (ଆପଣଙ୍କ ସମକକ୍ଷ ବ୍ୟକ୍ତି ବିଶେଷ) ଯାହା ସବୁ କରନ୍ତି ସେସବୁକୁ ପସନ୍ଦ ନ କରିବା ଓ ସେସବୁକୁ ନିଜେ ନ କରିବା, ଇତ୍ୟାଦି।

*୧ କରିନ୍ଥୀୟ ୯:୨୪-୨୭*

[24]ଯେଉଁମାନେ ରଙ୍ଗଭୂମିରେ ଦୌଡ଼ନ୍ତି, ସେମାନେ ସମସ୍ତେ ଦୌଡ଼ନ୍ତି ସତ, କିନ୍ତୁ କେବଳ ଜଣେ ଯେ ପଣ ପାଏ, ଏହା କି ତୁମ୍ଭେମାନେ ଜାଣ ନାହିଁ ? ତୁମ୍ଭେମାନେ ଯେପରି ପଣ ପାଇବ, ଏଥିପାଇଁ ସେହିପରି ଦୌଡ଼ । [25]ଯେକେହି କ୍ରୀଡ଼ାରେ ପ୍ରତିଦ୍ୱନ୍ଦ୍ୱିତା କରେ, ସେ ସମସ୍ତ ବିଷୟରେ ପରିମିତ ଭୋଗୀ ହୁଏ; ସେମାନେ କ୍ଷୟଣୀୟ ମୁକୁଟ ପାଇବା ନିମନ୍ତେ ତାହା କରନ୍ତି, ମାତ୍ର ଆମ୍ଭେମାନେ ଅକ୍ଷୟ ମୁକୁଟ ପାଇବା ନିମନ୍ତେ ତାହା କରୁ । [26]ଅତଏବ ମୁଁ ଦୌଡୁଅଛି, କିନ୍ତୁ ବିନା ଲକ୍ଷ୍ୟରେ ନୁହେଁ, ମୁଁ ମୁଷ୍ଟିଯୁଦ୍ଧ କରୁଅଛି, କିନ୍ତୁ ଶୂନ୍ୟକୁ ଆଘାତ କରିବା ଲୋକପରି ନୁହେଁ । [27]ଅନ୍ୟ ଲୋକମାନଙ୍କ ନିକଟରେ ପ୍ରଚାର କରି କାଳେ ମୁଁ ନିଜେ କୌଣସି ପ୍ରକାରେ ଅଗ୍ରାହ୍ୟ ହୁଏ, ଏଥିପାଇଁ ମୋହର ନିଜ ଶରୀରକୁ କଷ୍ଟ ଦେଇ ବଶରେ ଦାସ କରି ରଖୁଅଛି।

*ରୋମୀୟ ୧୨:୧,୨*

[1]ଅତଏବ, ହେ ଭାଇମାନେ ମୁଁ ତୁମ୍ଭମାନଙ୍କୁ ଈଶ୍ୱରଙ୍କ ଦୟା ହେତୁ ବିନତି କରୁଅଛି, ତୁମ୍ଭେମାନେ ଆପଣା ଆପଣା ଶରୀରକୁ ସଜୀବ, ପବିତ୍ର ଓ ଈଶ୍ୱରଙ୍କ ସୁଗ୍ରାହ୍ୟ ବଳିରୂପେ ଉତ୍ସର୍ଗ କର, ଏହା ତ ତୁମ୍ଭମାନଙ୍କର ଯୁକ୍ତିଯୁକ୍ତ ଉପାସନା । [2]ତୁମ୍ଭେମାନେ ଏହି ବର୍ତ୍ତମାନ ଯୁଗର ଅନୁରୂପୀ ହୁଅ ନାହିଁ, କିନ୍ତୁ ଯେପରି ତୁମ୍ଭେମାନେ ଈଶ୍ୱରଙ୍କ ଇଚ୍ଛା କଅଣ ଅର୍ଥାତ୍ ଉତ୍ତମ, ସୁଗ୍ରାହ୍ୟ ଓ ସିଦ୍ଧ ବିଷୟ କଅଣ, ଏହା ପରୀକ୍ଷା କରି ଜାଣି ପାର, ଏଥିନିମନ୍ତେ ଆପଣା ଆପଣା ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହୁଅ ।

## ୨. ଜୀବନର ତ୍ୟାଗସମୂହ

ଉଦାହରଣ: ଅବ୍ରହାମ (ଆଦି ୧୨:୧), ମୋଶା (ଏବ୍ରୀ ୧୧:୨୪-୨୬)

ଜୀବନର ତ୍ୟାଗସମୂହ ବୃହତ୍ତର ତ୍ୟାଗସମୂହ ଯାହା ଆମେ ଈଶ୍ୱରଙ୍କ ରାଜ୍ୟ ନିମନ୍ତେ କରିଥାଉ ।

ଉଦାହରଣ: ଭୌଗୋଳିକ ଦୃଷ୍ଟିରୁ ନୂଆ ଜାଗାକୁ ଚାଲିଯିବା, ଚାକିରୀରୁ ଇସ୍ତଫା ଦେବା, ଇତ୍ୟାଦି ।

## ୩. ଆତ୍ମାରେ ଚାଳିତ ତ୍ୟାଗସମୂହ ଓ ଶାରୀରିକ ତ୍ୟାଗସମୂହ

*ଯୋହନ ୩:୬*

ମାଂସରୁ ଯାହା ଜାତ, ତାହା ମାଂସ; ପୁଣି, ଆତ୍ମାରୁ ଯାହା ଜାତ, ତାହା ଆତ୍ମା ।

*୧ କରିନ୍ଥୀୟ ୩:୧୨-୧୫*

[12]କିନ୍ତୁ ଯଦି କେହି ସେହି ଭିତ୍ତିମୂଳ ଉପରେ ସୁନା, ରୂପା, ବହୁମୂଲ୍ୟ ପଥର, କାଠ, ଘାସ ବା ଛଣ ଦେଇ ନିର୍ମାଣ କରେ, [13]ତାହାହେଲେ ପ୍ରତ୍ୟେକ ଜଣର କର୍ମ କିପ୍ରକାର, ତାହା ପ୍ରକାଶ ପାଇବ, କାରଣ ସେହିଦିନ ତାହା ପ୍ରକାଶ କରିବ, ଯେଣୁ ସେହିଦିନ ଅଗ୍ନି ସହିତ ପ୍ରକାଶିତ ହେବ, ଆଉ ପ୍ରତ୍ୟେକ ଲୋକର କର୍ମ କିପ୍ରକାର, ସେହି ଅଗ୍ନି ପରୀକ୍ଷା କରିବ । [14]ଯେ ଯାହା ନିର୍ମାଣ କରିଅଛି, ତା'ର ସେହି କର୍ମ ଯଦି ରହିବ, ତେବେ ସେ ପୁରସ୍କାର ପାଇବ; [15]ଯଦି କାହାରି କର୍ମ ପୋଡ଼ିଯିବ, ତା'ର କ୍ଷତି ହେବ, ତଥାପି ସେ ନିଜେ ରକ୍ଷା ପାଇବ, କିନ୍ତୁ ତାହା ଅଗ୍ନି ମଧ୍ୟ ଦେଇ ଗମନ କଲା ପରି ହେବ ।

- ଆପଣ ଯେଉଁ ମୂଲ୍ୟ ଦେବା ପାଇଁ ଈଶ୍ୱର ଚାହାନ୍ତି, ତାହା, ଅନ୍ୟଜଣେ ଈଶ୍ୱରଙ୍କ ଆହ୍ୱାନ କ୍ରମେ ଦେବା ମୂଲ୍ୟଠାରୁ ଭିନ୍ନ ଅଟେ ।
- ଆନନ୍ଦରେ ଆପଣଙ୍କର ମୂଲ୍ୟ ଦିଅନ୍ତୁ ।

## ୬

# ନିରୂପିତ ପଥର ଶେଷ ପର୍ଯ୍ୟନ୍ତ ଦୌଡ଼ିବା

*ଲୂକ ୧୪:୨୭-୩୫*

[୨୭]ଯେକେହି ଆପଣା କ୍ରୁଶ ବହନ କରି ମୋହର ଅନୁଗମନ ନ କରେ, ସେ ମୋହର ଶିଷ୍ୟ
ହୋଇପାରେ ନାହିଁ । [୨୮]କାରଣ ତୁମ୍ଭମାନଙ୍କ ମଧ୍ୟରୁ କିଏ ପ୍ରହରୀଗୃହ ନିର୍ମାଣ କରିବାକୁ ଇଚ୍ଛା କରି
ତାହା ସମ୍ପୂର୍ଣ୍ଣ କରିବା ନିମନ୍ତେ ତାହାର ଅର୍ଥବଳ ଅଛି କି ନାହିଁ, ଏହା ପ୍ରଥମେ ବସି ବ୍ୟୟ ହିସାବ
ଦେଖିବ ନାହିଁ ? [୨୯]କାଳେ ସେ ମୂଳଦୁଆ ବସାଇ ଶେଷ କରି ନ ପାରିଲେ, ଯେତେ ଲୋକ ତାହା
ଦେଖିବେ, ସମସ୍ତେ ତାହାକୁ ପରିହାସ କରି କହିବାକୁ ଲାଗିବେ, [୩୦]ଏ ଲୋକଟା ତୋଳିବାକୁ
ଆରମ୍ଭ କରି ଶେଷ କରି ପାରିଲା ନାହିଁ । [୩୧]କିମ୍ବା କେଉଁ ରାଜା ଅନ୍ୟ ଜଣେ ରାଜାଙ୍କ ସହିତ ଯୁଦ୍ଧ
କରିବାକୁ ଯାଉଥିବା ସମୟରେ, କୋଡ଼ିଏ ହଜାର ସୈନ୍ୟ ଘେନି ତାଙ୍କ ବିରୁଦ୍ଧରେ ଆସୁଥିବା
ରାଜାଙ୍କ ସହିତ ଦଶ ହଜାର ସୈନ୍ୟ ନେଇ ଯୁଦ୍ଧ କରିବାକୁ ସକ୍ଷମ କି ନାହିଁ, ତାହା ପ୍ରଥମେ ବସି
ବିବେଚନା କରିବେ ନାହିଁ ? [୩୨]ଯଦି ପାରନ୍ତି ନାହିଁ, ତେବେ ଅନ୍ୟ ରାଜା ଦୂରରେ ଥାଉ ଥାଉ ସେ
ଦୂତ ପଠାଇ ସନ୍ଧି ପ୍ରାର୍ଥନା କରନ୍ତି । [୩୩]ସେହି ପ୍ରକାରେ ତୁମ୍ଭମାନଙ୍କ ମଧ୍ୟରୁ ଯେକେହି ଆପଣାର
ସର୍ବସ୍ୱ ତ୍ୟାଗ ନ କରେ, ସେ ମୋହର ଶିଷ୍ୟ ହୋଇପାରେ ନାହିଁ । [୩୪]ଲବଣ ତ ଉତ୍ତମ; କିନ୍ତୁ
ଲବଣ ମଧ୍ୟ ଯଦି ସ୍ୱାଦବିହୀନ ହୁଏ, ତେବେ ତାହା କାହିଁରେ ସ୍ୱାଦଯୁକ୍ତ କରାଯିବ ? [୩୫]ତାହା ଭୂମି
କିମ୍ବା ଖତଗଦା ନିମନ୍ତେ ଯୋଗ୍ୟ ନୁହେଁ; ଲୋକେ ତାହା ବାହାରେ ଫୋପାଡ଼ି ଦିଅନ୍ତି । ଯାହାର
ଶୁଣିବାକୁ କାନ ଅଛି, ସେ ଶୁଣୁ ।

ଉତ୍ତମ ଭାବେ ଦୌଡ଼ ଆରମ୍ଭ କରିବା ଯଥେଷ୍ଟ ନୁହେଁ– ଶେଷ ପର୍ଯ୍ୟନ୍ତ ଦୌଡ଼ିବା ପାଇଁ ଧୈର୍ଯ୍ୟ ରହିଥିବା ଆବଶ୍ୟକ ।

### ୧. ଯୋଜନା

କେତେ ମୂଲ୍ୟ ଦେବାକୁ ହେବ ତାହା ହିସାବ କରିବା ଆବଶ୍ୟକ । ଏହି ପ୍ରକ୍ରିୟାର ଏକ ଅଂଶ ହେଉଛି ଯୋଜନା ପ୍ରସ୍ତୁତ କରିବା । ଯୋଜନା ପ୍ରସ୍ତୁତି ନିମନ୍ତେ ଦୂରଦୃଷ୍ଟି ରହିଥିବା ଆବଶ୍ୟକ । ଭବିଷ୍ୟତରେ କ'ଣସବୁ ଘଟିବାର ସମ୍ଭାବନା ରହିଛି ତାହା ବିଚାରକୁ ନେଇ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାକୁ ହେବ ।

*ହିତୋପଦେଶ ୪:୨୬*

ତୁମ୍ଭେ ଆପଣା ପାଦ ସଳଖ କରି ପକାଅ ଓ ତୁମ୍ଭର ସବୁ ପଥ ସ୍ଥିରୀକୃତ ହେଉ।

*ହିତୋପଦେଶ ୬:୬-୮*

୬ହେ ଅଳସୁଆ, ତୁମ୍ଭେ ପିମ୍ପୁଡ଼ି ପାଖକୁ ଯାଅ, ତାହାର କ୍ରିୟା ବିବେଚନା କର ଓ ଜ୍ଞାନୀ ହୁଅ ।
୭ତାହାର ବିଚାରକର୍ତ୍ତା କି ଅଧ୍ୟକ୍ଷ କି ପ୍ରଭୁ କେହି ନ ଥିଲେ ହେଁ ସେ ଗ୍ରୀଷ୍ମକାଳରେ ଆପଣା ଖାଦ୍ୟ
ପ୍ରସ୍ତୁତ କରଇ, ୮ପୁଣି ଫସଲ ସମୟରେ ଆହାର ସଞ୍ଚୟ କରଇ ।

*ହିତୋପଦେଶ ୧୪:୮, ୧୫*

୮ଆପଣା ପଥ ବିବେଚନା କରିବା ଚତୁର ଲୋକର ଜ୍ଞାନ; ମାତ୍ର ପ୍ରବଞ୍ଚନା ମୂର୍ଖମାନଙ୍କର ଅଜ୍ଞାନତା
ମାତ୍ର । ୧୫ନିର୍ବୋଧ ଲୋକ ସବୁ କଥା ପ୍ରତ୍ୟୟ କରେ; ମାତ୍ର ଚତୁର ଲୋକ ଆପଣାର ସବୁ ଗତି
ଭଲ କରି ବୁଝେ ।

*ହିତୋପଦେଶ ୨୨:୩*

ଚତୁର ଲୋକ ବିପଦ ଦେଖି ଆପଣାକୁ ଲୁଚାଏ; ମାତ୍ର ଅବୋଧ ଲୋକମାନେ ଆଗ ବଢ଼ି ଶାସ୍ତି ପାଆନ୍ତି।

ଆମମାନଙ୍କ ଜୀବନ ନିମନ୍ତେ ଈଶ୍ୱରଙ୍କ ଇଚ୍ଛା ବିଷୟରେ ଆମେ ଯାହା ଜାଣୁ ତଦନୁସାରେ ଯୋଜନା ପ୍ରସ୍ତୁତ କରିଥାଉ। ଆମେମାନେ ନିଜନିଜକୁ ଓ ଆମର ଯୋଜନାସବୁକୁ ତାହାଙ୍କ ଇଚ୍ଛା ନିକଟରେ ସମର୍ପଣ କରିବାକୁ ହେବ।

*୨ କରିନ୍ଥୀୟ ୧:୧୫-୧୭*

୧୫ଆଉ, ତୁମ୍ଭେମାନେ ଯେପରି ଦ୍ୱିତୀୟ ଥର ଅନୁଗ୍ରହ ଲାଭ କରିପାର, ୧୬ପୁଣି, ତୁମ୍ଭମାନଙ୍କ
ନିକଟ ଦେଇ ମାକିଦନିଆକୁ ଯାଇ ଓ ପୁନର୍ବାର ମାକିଦନିଆରୁ ତୁମ୍ଭମାନଙ୍କ ନିକଟକୁ ଆସି ତୁମ୍ଭମାନଙ୍କ
ସାହାଯ୍ୟରେ ଯିହୂଦା ପ୍ରଦେଶକୁ ଯାତ୍ରା କରି ପାରେ, ଏଥିପାଇଁ ମୁଁ ସେହି ବିଶ୍ୱାସରେ ପ୍ରଥମରେ
ତୁମ୍ଭମାନଙ୍କ ନିକଟକୁ ଯିବା ପାଇଁ ଇଚ୍ଛା କରୁଥିଲି । ୧୭ତେବେ ଏହିପ୍ରକାର ଇଚ୍ଛା କରିବାରେ ମୁଁ
କଅଣ ଲଘୁଭାବରେ ଆଚରଣ କରିଥିଲି ? ଅବା, ମୁଁ ଯାହା ସଙ୍କଳ୍ପ କରିଥାଏ, ତାହା କଅଣ
ସାଂସାରିକ ଭାବରେ କରିଥାଏ ଯେ, ମୋହର କଥା ହଁ ଓ ନା ଉଭୟ ହୁଏ ?

ଆମେମାନେ ଶାରୀରିକ ଭାବରେ ନୁହେଁ, ମାତ୍ର ଆତ୍ମାଙ୍କ ଅନୁସାରେ ଯୋଜନା ପ୍ରସ୍ତୁତ କରିଥାଉ। ଆମେ ଆତ୍ମା-ଅନୁପ୍ରାଣିତ ଯୋଜନାସବୁକୁ ବିକଶିତ ଓ କାର୍ଯ୍ୟକାରୀ କରିବା ଆବଶ୍ୟକ। ଯଦ୍ଦ୍ୱାରା ଆମେ ଶେଷ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ଏହା ଆମକୁ ସାହାଯ୍ୟ କରିବ। ଈଶ୍ୱର ଆମର ମନ, ବିଚାର ଓ ଚିନ୍ତାଧାରାକୁ ଉପେକ୍ଷା କରି ସର୍ବଦା କାର୍ଯ୍ୟ କରି

ନଥାନ୍ତି (ଯଦିବା ବେଳେବେଳେ ସେ ତାହା କରନ୍ତି)। ଈଶ୍ୱର ହିଁ ଆମମାନଙ୍କୁ ମନ / ବିଚାରଶକ୍ତି / ଚିନ୍ତାଶକ୍ତି ଦେଇଛନ୍ତି ଏବଂ ଯେତେବେଳେ ଆମେ ଆମର ସହଜାତ ମାନସିକ ଶକ୍ତିଗୁଡ଼ିକୁ ତାହାଙ୍କ ନିକଟରେ ସମର୍ପଣ କରୁ ସେ ଆମ ମଧ୍ୟରେ ବିଭିନ୍ନ ଧାରଣା / ଯୋଜନା / ଚିନ୍ତା / ନୀତିକୁ ଅନୁପ୍ରାଣିତ କରନ୍ତି ଯାହା ତାହାଙ୍କ ଯୋଜନାକୁ ଆଗକୁ ନେଇଯିବା ନିମନ୍ତେ ଆମକୁ ସାହାଯ୍ୟ କରେ। ସମସ୍ୟା ଆସିଥାଏ ଯେତେବେଳେ ଆମେ ଆତ୍ମାଙ୍କ ଦ୍ୱାରା କାର୍ଯ୍ୟ କରୁ କରୁ ସେ ସୃଷ୍ଟି କରିଥିବା ମାଧ୍ୟମକୁ, ଯାହାକୁ ସେ ବ୍ୟବହାର କରିଥାନ୍ତି, ଅର୍ଥାତ୍ ଆମର ମନ / ମାନସିକ ଶକ୍ତିଗୁଡ଼ିକୁ ଆମେ ଦୂରେଇ ରଖିଥାଉ। କିଅବା ଅନ୍ୟ ପକ୍ଷରେ ଆମେ ଏତେଟା ଶାରୀରିକ ଭାବରେ କାର୍ଯ୍ୟ କରୁ ଯେ ଆମେ ସଦ୍ୟତମ ପ୍ରଣାଳୀ / ସାଧନ / କୌଶଳ ବ୍ୟବହାର କରୁ, କିନ୍ତୁ ଆତ୍ମା କ'ଣ କହୁଅଛନ୍ତି ତାହା ଶୁଣି ନଥାଉ।

**ଆତ୍ମା ଅନୁପ୍ରାଣିତ ଯୋଜନା ପ୍ରସ୍ତୁତ କରିବା ବିଷୟରେ ପାଳକ ଜ୍ୟାକ୍ ହେଫୋର୍ଡ଼ ଯାହା କହନ୍ତି:**

ଅଧିକ ଆୟ ଆଶା କରିବା ପାଇଁ ଯେତେବେଳେ ସେ ଆମକୁ ସୂଚାନ୍ତି, ଆମେ ସେଥି ନିମନ୍ତେ ପ୍ରାର୍ଥନା କରିଥାଉ। ଯେତେବେଳେ ଖର୍ଚ୍ଚକାଟ କରିବା ଆବଶ୍ୟକ ବୋଲି ମନେ କରିଥାଉ, ଆମେ ଦୋଷୀ ମନେ ନ କରି ତାହା କରିଥାଉ। ପ୍ରାୟତଃ ଆମେମାନେ କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ନଥାଉ, ତେଣୁ ସେଥିରେ ପହଞ୍ଚିବା ବିଷୟ ଉଠି ନଥାଏ। ତେବେ ସମୟ ଅନୁକ୍ରମେ ଜଣାଯାଏ ଏଥିରେ ଈଶ୍ୱରଙ୍କ ଉଦ୍ଦେଶ୍ୟ କ'ଣ ରହିଛି।

ଶାରୀରିକ ଉଦ୍‌ଯୋଗରେ ଆତ୍ମିକ ଲକ୍ଷ୍ୟ ହାସଲ କରିବାକୁ ଗଲେ ଲୋକମାନେ ଓ ଅନୁଷ୍ଠାନସବୁ କ୍ଷୟ ପାଆନ୍ତି।

ଈଶ୍ୱରଙ୍କ ବ୍ୟବସ୍ଥାରେ ଏପରି ଭୟଙ୍କର ପରିସ୍ଥିତି କେବେ ଆସେ ନାହିଁ ଯାହା ଲୋକମାନଙ୍କୁ ଚୂର୍ଣ୍ଣ କରିଦିଏ ବା ଯାହା ନିଜର ସଚ୍ଚୋଟତାକୁ ଜଳାଞ୍ଜଳି ଦେଇ, ଶୋଷଣକାରୀ ନୀତି ରଖି ବା ବିଶ୍ୱଶ୍ରେଣୀୟ ବିକ୍ରି କରିବାର କଳା ପ୍ରୟୋଗ କରି ଅର୍ଥ ସଂଗ୍ରହ କରିବାକୁ ବାଧ୍ୟ କରେ।

କିନ୍ତୁ ଆମର ଇଚ୍ଛା 'ଏକ ଯୋଜନାକୁ ଜନ୍ମଦେବା' 'ଜନ୍ମଦେବା ପାଇଁ ଯୋଜନା ପ୍ରସ୍ତୁତ କରିବା' ନୁହେଁ। ଦର୍ଶନକୁ ଧାରଣ କରିବା, ଯୋଜନାସବୁକୁ ଗର୍ଭଧାରଣ କରିବା ଏବଂ ଶେଷରେ ଜନ୍ମଦେବା ଏସବୁ ଅବିଚଳିତ ପ୍ରାର୍ଥନା ଏବଂ ପବିତ୍ର ଆତ୍ମାଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହେବାର ଫଳ, ଯେପରିକି ପବିତ୍ର ଆତ୍ମା ଚାଳନା ଦେବେ, ସଂଶୋଧନ

କରିବେ, ସମୟ ନିରୂପଣ କରିବେ, ବିଶ୍ୱାସ ଜନ୍ମାଇବେ, ସମ୍ବଳ ଯୋଗାଇବେ, ଉତ୍ତର ଦେବା ପାଇଁ ଚାଳିତ କରିବେ।

- ଯେପର୍ଯ୍ୟନ୍ତ ଆମେ ପବିତ୍ର ଆତ୍ମାଙ୍କ ସ୍ପଷ୍ଟ ନିର୍ଦ୍ଦେଶ ପ୍ରାଚୀନମାନଙ୍କ ଦ୍ୱାରା ନ ପାଇଛୁ ଆମେ କୌଣସି ବିଷୟରେ ଅଗ୍ରସର ହେବା ଅନୁଚିତ।
- ମନୁଷ୍ୟର ବିଶେଷ ବୁଦ୍ଧି ବା ଶୈଳୀରେ ନିର୍ଭର କରି ଫଳପ୍ରଦ ହେବା ବିଷୟକୁ କେବେ ବି ପ୍ରଶ୍ରୟ ଦେବା ଅନୁଚିତ। ତାକୁ ନେଇ କୌଣସି ଉନ୍ନତିମୂଳକ କାର୍ଯ୍ୟ ବା ପାଣ୍ଠି ସଂଗ୍ରହ କରିବା ଅନୁଚିତ।
- ଯେଉଁଥିରେ ଉପାସନା, ସମ୍ପର୍କ, ଶିଷ୍ୟତ୍ୱ ଓ ସେବାକାର୍ଯ୍ୟକୁ ଅଗ୍ରାଧିକାର ଦିଆଯାଏ ନାହିଁ ସେହି ବିଷୟକୁ ଆମେ ଆଗକୁ ବଢ଼ାଇବା ନାହିଁ।
- ଆମେ ଅଧିକ, ବାରମ୍ବାର ଏବଂ ସର୍ବଦା ପ୍ରାର୍ଥନା କରିଚାଲିବା।
- ଈଶ୍ୱରଙ୍କ ଆତ୍ମା ଯେପରି ଆମ ସମସ୍ତଙ୍କୁ ସ୍ପଷ୍ଟ ଚିତ୍ର ଦିଅନ୍ତି, ସଂଗତି ଦିଅନ୍ତି ଓ ହୃଦ୍‌ବୋଧ ଦିଅନ୍ତି ଏଥିପାଇଁ ତାହାଙ୍କ ଉପରେ ନିର୍ଭର କରି ଆମେ ଚିନ୍ତା କରିବା।
- ଆମେ ବିଶ୍ୱାସ କରିବା। ଆମେ ଜାଣିବା ଯେ ବିଶ୍ୱାସ ବିନା ଈଶ୍ୱରଙ୍କ ସନ୍ତୋଷପାତ୍ର ହେବା ଅସମ୍ଭବ। ଏହା କରିବା ଦ୍ୱାରା ସେ ତାହାଙ୍କ ଉଦ୍ଦେଶ୍ୟକୁ ଆମ ମଧ୍ୟରେ ବୃଦ୍ଧି ପାଇବାକୁ ଦିଅନ୍ତି।

## ୨. ଶେଷ ପର୍ଯ୍ୟନ୍ତ ଦୌଡ଼ିବା

*ଏବ୍ରୀ ୧୨:୧,୨*

୧ଅତଏବ, ଏଡ଼େ ବୃହତ୍ ମେଘ ତୁଲ୍ୟ ସାକ୍ଷୀମାନଙ୍କ ଦ୍ୱାରା ବେଷ୍ଟିତ ହେବାରୁ ଆସ, ଆମ୍ଭେମାନେ ପ୍ରତ୍ୟେକ ଭାର ଓ ସହଜରେ ବେଷ୍ଟନକାରୀ ପାପ ପରିତ୍ୟାଗ କରି ବିଶ୍ୱାସର ନେତା ଓ ସିଦ୍ଧିଦାତା ଯୀଶୁଙ୍କୁ ଲକ୍ଷ୍ୟ କରି ଧୈର୍ଯ୍ୟ ସହକାରେ ଆମ୍ଭମାନଙ୍କ ଗନ୍ତବ୍ୟ ପଥରେ ଧାବମାନ ହେଉ । ୨ସେ ଆପଣା ସମ୍ମୁଖସ୍ଥ ଆନନ୍ଦ ନିମନ୍ତେ ଅପମାନ ତୁଚ୍ଛ ଜ୍ଞାନ କରି ଧୈର୍ଯ୍ୟ ସହ କ୍ରୁଶୀୟ ମୃତ୍ୟୁ ଭୋଗ କଲେ ପୁଣି ଈଶ୍ୱରଙ୍କ ସିଂହାସନର ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ହୋଇଅଛନ୍ତି ।

ଆମର ନିରୂପିତ ପଥର ଶେଷ ପର୍ଯ୍ୟନ୍ତ ଦୌଡ଼ିବା ପାଇଁ କ'ଣ କରିବାକୁ ହେବ ?

ବର୍ତ୍ତମାନ ମୋତେ କ'ଣ କରିବାକୁ ହେବ ଯଦ୍ୱାରା ମୁଁ ଶେଷ ପର୍ଯ୍ୟନ୍ତ ଦୌଡ଼ି ପାରିବି ?

- ପ୍ରତ୍ୟେକ ଭାରକୁ ପରିତ୍ୟାଗ କରିବାକୁ ହେବ।
- ସହଜରେ ବେଷ୍ଟନକାରୀ ପାପକୁ ପରିତ୍ୟାଗ କରିବାକୁ ହେବ।
- ଧୈର୍ଯ୍ୟ ସହକାରେ ଦୌଡ଼ିବାକୁ ହେବ।
- ଯୀଶୁଙ୍କୁ ଲକ୍ଷ୍ୟ ରଖିବାକୁ ହେବ।

**ପ୍ରେରିତ ପାଉଲ**

*ପ୍ରେରିତ ୨୦:୨୨-୨୪*

[୨୨]ଏବେ ଦେଖ, ମୁଁ ଆତ୍ମାରେ ବାଧ୍ୟ ହୋଇ ଯିରୁଶାଲମକୁ ଯାଉଅଛି, ସେ ସ୍ଥାନରେ ମୋ ପ୍ରତି
କ'ଣ କ'ଣ ଘଟିବ, ତାହା ମୁଁ ଜାଣେ ନାହିଁ; କେବଳ ଏତିକି ଜାଣେ, [୨୩]ମୋ ପାଇଁ ଯେ ବନ୍ଧନ
ଓ କ୍ଲେଶ ରହିଅଛି, ଏହା ପବିତ୍ରଆତ୍ମା ନଗରେ ନଗରେ ମୋତେ ସାକ୍ଷ୍ୟ ଦେଉଅଛନ୍ତି । [୨୪]କିନ୍ତୁ ମୁଁ
ଯେପରି ମୋହର ନିରୂପିତ ପଥର ଶେଷ ପର୍ଯ୍ୟନ୍ତ ଦୌଡ଼ିପାରେ, ଆଉ ଈଶ୍ୱରଙ୍କ ଅନୁଗ୍ରହର ସୁସମାଚାର
ପକ୍ଷରେ ସାକ୍ଷ୍ୟ ଦେବା ନିମନ୍ତେ ଯେଉଁ ସେବାର କାର୍ଯ୍ୟ ପ୍ରଭୁ ଯୀଶୁଙ୍କଠାରୁ ପାଇଅଛି, ତାହା ସମ୍ପୂର୍ଣ୍ଣ
କରି ପାରେ, ଏଥିପାଇଁ ମୁଁ ଆପଣା ପ୍ରାଣକୁ ପ୍ରିୟ ଜ୍ଞାନ ନ କରି ତାହା ନଗଣ୍ୟ ମନେ କରୁଅଛି ।

*ପ୍ରେରିତ ୨୧:୧୩*

ସେଥିରେ ପାଉଲ ଉତ୍ତର ଦେଲେ, ତୁମ୍ଭେମାନେ କ୍ରନ୍ଦନ କରି ଓ ମୋହର ହୃଦୟକୁ ବିଦୀର୍ଣ୍ଣ କରି କ'ଣ କରୁଅଛ ? କାରଣ ମୁଁ ପ୍ରଭୁ ଯୀଶୁଙ୍କ ନାମ ନିମନ୍ତେ ଯିରୁଶାଲମରେ କେବଳ ବନ୍ଧା ହେବାକୁ ପ୍ରସ୍ତୁତ, ତାହା ନୁହେଁ, ମାତ୍ର ମରିବାକୁ ସୁଦ୍ଧା ପ୍ରସ୍ତୁତ ଅଛି ।

ପାଉଲ ନିଜ ଜୀବନକୁ ପ୍ରିୟଜ୍ଞାନ କରି ନଥିଲେ। କାରଣ ସେ ତାଙ୍କ ନିମନ୍ତେ ନିରୂପିତ ପଥର ଶେଷ ପର୍ଯ୍ୟନ୍ତ ଦୌଡ଼ିବାକୁ ଓ ତାଙ୍କୁ ପ୍ରଦତ୍ତ ସେବାକାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖିଥିଲେ।

*୨ ତୀମଥି ୪:୬-୮*

[୬]କାରଣ ଏବେହେଁ ମୋହର ପ୍ରାଣ ଆହୁତି ପରି ଢଳା ଯାଉଅଛି, ମୋହର ମହାପ୍ରୟାଣର ସମୟ
ଉପସ୍ଥିତ । [୭]ମୁଁ ଉତ୍ତମ ଯୁଦ୍ଧରେ ପ୍ରାଣପଣ କରିଅଛି, ନିରୂପିତ ପଥର ଶେଷ ପର୍ଯ୍ୟନ୍ତ ଦୌଡ଼ିଅଛି, ମୁଁ
ବିଶ୍ୱାସ ରକ୍ଷା କରିଅଛି । [୮]ଅଦ୍ୟାବଧି ମୋ ନିମନ୍ତେ ଧାର୍ମିକତାର ମୁକୁଟ ରଖା ଯାଇଅଛି, ତାହା ସେହି
ମହାଦିନରେ ନ୍ୟାୟବାନ୍ ବିଚାରକର୍ତ୍ତା ପ୍ରଭୁ ମୋତେ ଦେବେ, ପୁଣି କେବଳ ମୋତେ ନୁହେଁ, ମାତ୍ର
ଯେତେ ଲୋକ ତାହାଙ୍କ ଆଗମନକୁ ପ୍ରିୟଜ୍ଞାନ କରନ୍ତି, ସେସମସ୍ତଙ୍କୁ ଦେବେ ।

ଆପଣଙ୍କ ଜୀବନ ନିମନ୍ତେ ରହିଥିବା ଈଶ୍ୱରଙ୍କ ସ୍ୱପ୍ନକୁ ସାକାର କରିବାକୁ ଚେଷ୍ଟା କରୁ କରୁ ଆପଣଙ୍କ ଯାତ୍ରାକୁ ଉପଭୋଗ କରନ୍ତୁ।

# ଅଲ୍ ପିପୁଲ୍ସ୍ ଚର୍ଚ୍ଚ୍‌କୁ ଜାଣନ୍ତୁ

ଏହି ମଣ୍ଡଳୀ ବାଙ୍ଗାଲୁରୁରେ ଅବସ୍ଥିତ। ଏହି ନଗରରେ ଲବଣ ଓ ଆଲୋକ ସ୍ୱରୂପ ହେବା ତଥା ଭାରତ ଓ ଅନ୍ୟାନ୍ୟ ରାଷ୍ଟ୍ର ନିକଟରେ ଏକ ସ୍ୱର ପରି କାର୍ଯ୍ୟ କରିବା ଆମର ଦର୍ଶନ ଅଟେ।

ଈଶ୍ୱରଙ୍କ ବାକ୍ୟକୁ ସମ୍ପୂର୍ଣ୍ଣରୂପେ, ସାଲିସ୍ ନକରି, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ପ୍ରଦର୍ଶନ ଦ୍ୱାରା ଉପସ୍ଥାପିତ କରିବା ପାଇଁ ଆମେ ବଚନବଦ୍ଧ। ଆମେ ବିଶ୍ୱାସ କରୁ ଯେ ଉତ୍ତମ ସଙ୍ଗୀତ, ସୃଜନଶୀଳ ଉପସ୍ଥାପନା, ଜ୍ଞାନଯୁକ୍ତ ତର୍କ, ସମସାମୟିକ ସେବାକାର୍ଯ୍ୟ କୌଶଳ, ସାମ୍ପ୍ରତିକ ବୈଷୟିକ କୌଶଳ ଇତ୍ୟାଦି ଦ୍ୱାରା ବାକ୍ୟ ପ୍ରଚାର କଲେ ମଧ୍ୟ ତାହା ଈଶ୍ୱରଙ୍କ ଅନୁମୋଦିତ ବାକ୍ୟ ପ୍ରଚାରର ସ୍ଥାନ ନେଇ ନପାରେ ଅର୍ଥାତ୍ ପବିତ୍ର ଆତ୍ମାଙ୍କ ଶକ୍ତିରେ ଅନୁବର୍ତ୍ତୀ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମ ଓ ଆତ୍ମାଙ୍କ ଦାନ ସହ ବାକ୍ୟ ପ୍ରଚାରିତ ହେବା ଉଚିତ (୧ କରିନ୍ଥୀ ୨:୪,୫; ଏବ୍ରୀ ୨: ୩, ୪)। ଆମମାନଙ୍କ ପ୍ରସଙ୍ଗ ଯୀଶୁ, ଆମମାନଙ୍କ ବିଷୟବସ୍ତୁର ଆଧାର ଈଶ୍ୱରଙ୍କ ବାକ୍ୟ, ଆମମାନଙ୍କ ପ୍ରଣାଳୀ ପବିତ୍ର ଆତ୍ମାଙ୍କ ଶକ୍ତି, ଆମମାନଙ୍କ ଅନୁରାଗ ଜନତା ଓ ଏବଂ ଆମମାନଙ୍କ ଲକ୍ଷ୍ୟ ଖ୍ରୀଷ୍ଟଙ୍କ ସଦୃଶ ସିଦ୍ଧିଲାଭ।

ବାଙ୍ଗାଲୁରୁରେ ଆମର ମୁଖ୍ୟ କେନ୍ଦ୍ର ଏବଂ ଭାରତର ବିଭିନ୍ନ ସ୍ଥାନରେ ଅଲ୍ ପିପୁଲ୍ସ ଚର୍ଚ୍ଚର ମଣ୍ଡଳୀଗୁଡ଼ିକ ରହିଛି। ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ବିଭିନ୍ନ ସ୍ଥାନର ଯୋଗାଯୋଗ ଠିକଣା ପାଇବା ପାଇଁ ଆମର ୱେବ୍‌ସାଇଟ୍ **www.apcwo.org/locations** କୁ ପରିଦର୍ଶନ କରନ୍ତୁ କିଅବା ଆମ ନିକଟକୁ contact@apcwo.org ଠିକଣାରେ ଇମେଲ୍ କରନ୍ତୁ।

# ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର୍ ଅଂଶୀଦାର୍ ହୁଅନ୍ତୁ

ଅଲ୍ ପିପୁଲ୍ସ ଚର୍ଚ୍ଚ ଏକ ସ୍ଥାନୀୟ ମଣ୍ଡଳୀ ହେଲେ ହେଁ ଏହାର ସେବାକାର୍ଯ୍ୟର ପରିସର ସାରା ଭାରତରେ, ବିଶେଷ କରି ଉତ୍ତର ଭାରତରେ ପରିବ୍ୟାପ୍ତ ଏବଂ ଏହା ବିଶେଷ ଧ୍ୟାନ ଦେଇଥାଏ (କ) ନେତୃବର୍ଗଙ୍କୁ ବଳିଷ୍ଠ କରିବା (ଖ) ସେବାକାର୍ଯ୍ୟ ନିମନ୍ତେ ଯୁବାମାନଙ୍କୁ ସୁସଜ୍ଜିତ କରିବା ଏବଂ (ଗ) ଖ୍ରୀଷ୍ଟଙ୍କ ଶରୀରକୁ ଗଢ଼ି ତୋଳିବା ପାଇଁ। ବର୍ଷସାରା ଯୁବାମାନଙ୍କ ପାଇଁ ଅନେକ ତାଲିମ୍ ସେମିନାର୍ ଓ ଖ୍ରୀଷ୍ଟୀୟ ନେତୃତ୍ୱ ସଭାମାନ ଅନୁଷ୍ଠିତ ହୋଇଥାଏ। ଏହା ବ୍ୟତୀତ ଇଂରାଜୀ ଓ ଅନ୍ୟାନ୍ୟ ଭାଷାରେ ଆମ ଦ୍ୱାରା ପ୍ରକାଶିତ ପୁସ୍ତକମାନ ହଜାର ହଜାର ସଂଖ୍ୟାରେ ମାଗଣାରେ ବଣ୍ଟନ କରାଯାଇଥାଏ। ବିଶ୍ୱାସୀମାନଙ୍କୁ ବାକ୍ୟ ଓ ଆତ୍ମାରେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଏହା କରାଯାଇଥାଏ।

ଆମମାନଙ୍କ ସଙ୍ଗେ ଆର୍ଥିକ କ୍ଷେତ୍ରରେ ଅଂଶୀଦାର ହେବା ପାଇଁ ଆପଣଙ୍କୁ ଆମେ ସାଦର ନିମନ୍ତ୍ରଣ ଜଣାଉ। ଏଥିନିମନ୍ତେ ଆପଣ ଆମ ନିକଟକୁ ଏକକାଳୀନ ବା ମାସିକ ଆର୍ଥିକ ଦାନ ପଠାଇ ପାରିବେ। ଆମ ଦେଶରେ ସେବାକାର୍ଯ୍ୟ କରିବାକୁ ଆପଣ ଯାହା କିଛି ଦାନ ପଠାଇବେ ତାକୁ ସାଦରେ ଗ୍ରହଣ କରାଯିବ।

ଆପଣଙ୍କ ଦାନ ଚେକ୍ ବା ଡ୍ରାଫ୍ଟ ଆକାରରେ "All Peoples Church, Bangalore" ନାମରେ ଅଫିସ୍ ଠିକଣାରେ ଆମ ନିକଟକୁ ପଠାଇ ପାରନ୍ତି। ବ୍ୟାଙ୍କ୍ ଟ୍ରାନ୍ସଫର୍ ଜରିଆରେ ମଧ୍ୟ ଆପଣଙ୍କ ଦାନ ପଠାଇ ପାରିବେ। ଆମ ଜମାଖାତାର ବିବରଣ ନିମ୍ନରେ ଦିଆଗଲା –

Account Name : All Peoples Church

Account Number : 0057213809

IFSC Code : CITI0000004

Bank : Citibank N.A., No.-5, M.G. Road, Bengaluru, Karnataka-560001

*ବି.ଦ୍ର. : ଅଲ୍ ପିପୁଲ୍ସ ଚର୍ଚ୍ଚ ଭାରତରେ ଥିବା ବ୍ୟାଙ୍କ୍ ଗୁଡ଼ିକ ମାଧ୍ୟମରେ ଦାନ ଗ୍ରହଣ କରିଥାଏ। ଦାନ ପଠାଇବା ବେଳେ ଏହାର ଉଦ୍ଦେଶ୍ୟକୁ ଅର୍ଥାତ୍ APC ର କେଉଁ ସେବାକାର୍ଯ୍ୟରେ ଏହା ବ୍ୟବହୃତ ହେବ ତାହା ଆପଣ ଲେଖି ପାରନ୍ତି। ଅଧିକ ଜାଣିବା ନିମନ୍ତେ apcwo.org/give ପରିଦର୍ଶନ କରନ୍ତୁ। ଆମମାନଙ୍କ ନିମନ୍ତେ ଓ ଆମ ସେବା କାର୍ଯ୍ୟ ନିମନ୍ତେ ଦୟାକରି ପ୍ରାର୍ଥନା କରନ୍ତୁ।*

ଧନ୍ୟବାଦ, ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ।

# ଯେଉଁ ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ତାହାଙ୍କୁ ଆପଣ ଜାଣନ୍ତି କି ?

୨୦୦୦ ବର୍ଷ ତଳେ ଈଶ୍ୱର ମନୁଷ୍ୟ ରୂପରେ ଜନ୍ମ ନେଇ ଜଗତକୁ ଆସିଥିଲେ। ସେ ଯୀଶୁ ନାମରେ ଖ୍ୟାତ ହୋଇଥିଲେ। ସେ ଏକ ସିଦ୍ଧ ପାପଶୂନ୍ୟ ଜୀବନ କାଟିଥିଲେ। ସେ ରକ୍ତମାଂସ ବିଶିଷ୍ଟ ଈଶ୍ୱର ହୋଇଥିବାରୁ ତାଙ୍କର ପ୍ରତ୍ୟେକ ବାକ୍ୟ ଓ କର୍ମ ଦ୍ୱାରା ସେ ଈଶ୍ୱରଙ୍କୁ ଆମ ନିକଟରେ ପ୍ରକାଶ କଲେ। ସେ ଯାହା କହିଲେ ତାହା ଈଶ୍ୱରଙ୍କ ବାକ୍ୟ ଥିଲା। ସେ ଯାହା କଲେ ତାହା ଈଶ୍ୱରଙ୍କ କାର୍ଯ୍ୟ ଥିଲା। ସେ ଜଗତରେ ଅନେକ ଆଶ୍ଚର୍ଯ୍ୟ କର୍ମ ସାଧନ କରିଥିଲେ। ସେ ରୋଗୀ ଓ ଦୁଃଖ ଭୋଗ କରୁଥିବା ଲୋକମାନଙ୍କୁ ସୁସ୍ଥ କଲେ। ସେ ଅନ୍ଧମାନଙ୍କୁ ସୁସ୍ଥ କଲେ, ବଧିରମାନଙ୍କର କର୍ଣ୍ଣ ଖୋଲିଲେ, ପଙ୍ଗୁମାନଙ୍କୁ ଚାଲିବାର ଶକ୍ତି ଦେଲେ ଓ ସବୁପ୍ରକାର ରୋଗକୁ ସୁସ୍ଥ କଲେ। ସେ ଅଳ୍ପ କେତୋଟି ରୋଟୀ ଓ ମାଛକୁ ବହୁଗୁଣିତ କରି ହଜାର ହଜାର ଲୋକମାନଙ୍କୁ ଆଶ୍ଚର୍ଯ୍ୟଭାବରେ ଖୁଆଇ ପରିତୃପ୍ତ କଲେ, ଝଡ଼ ବତାସକୁ ଆଜ୍ଞା ଦେଇ ସେ ଶାନ୍ତ କଲେ, ଏପରି ସେ ଅସଂଖ୍ୟ ଆଶ୍ଚର୍ଯ୍ୟକର୍ମ କଲେ।

**ଏହି ସମସ୍ତ ବିଷୟ ପ୍ରକାଶ କଲେ ଯେ ଈଶ୍ୱର ମଙ୍ଗଳମୟ ଓ ସେ ଚାହାନ୍ତି ଯେପରି ସମସ୍ତେ ସୁଖଶାନ୍ତି ଓ ଆନନ୍ଦରେ ରୁହନ୍ତୁ, ସବଳ ସୁସ୍ଥ ରୁହନ୍ତୁ। ସେ ଆମମାନଙ୍କର ସମସ୍ତ ଅଭାବ ଓ ଆବଶ୍ୟକତାକୁ ପୂରଣ କରନ୍ତି।**

ତେବେ ଈଶ୍ୱର କାହିଁକି ମାନବ ରୂପରେ ଜଗତକୁ ଆସିବାକୁ ଚାହିଁଲେ ? ଯୀଶୁ କାହିଁକି ଜଗତକୁ ଆସିଥିଲେ ?

ଆମେମାନେ ସମସ୍ତେ ପାପ କରିଛୁ ଓ ଆମର ସୃଷ୍ଟିକର୍ତ୍ତା ଈଶ୍ୱର ଆମଠାରୁ ଯାହା ଚାହାନ୍ତି ନାହିଁ ତାହା କରି ଚାଲିଛୁ। ପାପ ଈଶ୍ୱରଙ୍କଠାରୁ ଆମକୁ ବିଚ୍ଛିନ୍ନ କରି ରଖିଥିବା ଏକ ବିରାଟ ଅଭେଦ୍ୟ ପ୍ରାଚୀର ସଦୃଶ୍ୟ। ପାପ ଆମକୁ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ କରି ଦେଇଥାଏ। ଯିଏ ଆମକୁ ସୃଷ୍ଟି କରିଛନ୍ତି ତାହାଙ୍କୁ ଜାଣିବା ଓ ତାହାଙ୍କ ସଙ୍ଗେ ଯଥାର୍ଥ ଓ ଅର୍ଥପୂର୍ଣ୍ଣ ସମ୍ପର୍କ ରକ୍ଷା କରିବାରେ ଏହା ଅନ୍ତରାୟ ସୃଷ୍ଟି କରିଥାଏ। ଏଣୁ ଆମେ ଅନ୍ୟ କୌଣସି ବିଷୟ ଦ୍ୱାରା ଏହି ଶୂନ୍ୟସ୍ଥାନକୁ ପୂରଣ କରିବାକୁ ଚେଷ୍ଟା କରିଥାଉ।

ପାପ ଆମକୁ ଈଶ୍ୱରଙ୍କଠାରୁ ଅନନ୍ତକାଳ ପାଇଁ ବିଚ୍ଛିନ୍ନ କରିଦେଇଥାଏ। ଈଶ୍ୱରଙ୍କ ଦରବାରରେ ପାପର ଦଣ୍ଡ ମୃତ୍ୟୁ। ମୃତ୍ୟୁ କହିଲେ ଈଶ୍ୱରଙ୍କଠାରୁ ଅନନ୍ତକାଳ ନିମନ୍ତେ ବିଚ୍ଛିନ୍ନ ହୋଇ ନରକାଗ୍ନିରେ ଦଣ୍ଡ ଭୋଗିବା।

କିନ୍ତୁ ଆପଣଙ୍କ ନିମନ୍ତେ ଶୁଭ ଖବର ରହିଛି। ଆପଣ ପାପରୁ ମୁକ୍ତି ପାଇ ପାରିବେ ଓ ଈଶ୍ୱରଙ୍କ ସଙ୍ଗେ ମିଳିତ ହୋଇପାରିବେ। ବାଇବଲ କହେ, *"ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହଦାନ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ" (ରୋମୀ ୬:୨୩)।* ଯୀଶୁ କ୍ରୁଶରେ ମୃତ୍ୟୁବରଣ କରି ସମସ୍ତ ମାନବ ସମାଜର ପାପର ମୂଲ୍ୟକୁ ପରିଶୋଧ କରିଦେଇଛନ୍ତି। ସେ ତୃତୀୟ ଦିବସରେ ପୁନରୁତ୍ଥିତ ହେଲେ, ଅନେକଙ୍କ ନିକଟରେ ନିଜେ ଜୀବିତ ଥିବା ପ୍ରମାଣ ଦେଖାଇଲେ ଓ ସ୍ୱର୍ଗାରୋହଣ କଲେ।

ଈଶ୍ୱର ପ୍ରେମମୟ ଓ କରୁଣାମୟ। କେହି ଯେ ନରକଗାମୀ ହେଉ ଏହା ସେ କଦାପି ଚାହାନ୍ତି ନାହିଁ। ଏଣୁ ସେ ସମସ୍ତ ମାନବଜାତିକୁ ପାପରୁ ଓ ପାପର ଦଣ୍ଡରୁ ମୁକ୍ତ କରିବା ନିମନ୍ତେ ଏକ ପଥ ପ୍ରସ୍ତୁତ କରିବା ପାଇଁ ଏହି ଜଗତକୁ ଆସିଥିଲେ। ସେ ପାପୀମାନଙ୍କୁ ଉଦ୍ଧାର କରିବା ପାଇଁ ଆସିଥିଲେ, ଆପଣ ଓ ମୋ ଭଳି ଲୋକମାନଙ୍କୁ ପାପ ଓ ଅନନ୍ତ ମୃତ୍ୟୁରୁ ରକ୍ଷା କରିବା ପାଇଁ ସେ ଆସିଥିଲେ।

ବିନା ମୂଲ୍ୟରେ ପାପକ୍ଷମା ପାଇବାକୁ ହେଲେ ଆପଣଙ୍କୁ ଗୋଟିଏ ବିଷୟ କରିବାକୁ ହେବ - କ୍ରୁଶ ଉପରେ ପ୍ରଭୁ ଯୀଶୁ ଯାହା ସାଧନ କରିଅଛନ୍ତି ତାହା ଗ୍ରହଣ କରିବାକୁ ହେବ ଓ ସମସ୍ତ ହୃଦୟର ସହିତ ତାଙ୍କୁ ବିଶ୍ୱାସ କରିବାକୁ ହେବ।

*"ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ପାପକ୍ଷମା ପାଇବ" (ପ୍ରେରିତ ୧୦:୪୩)।*

*"ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇ ଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ" (ରୋମୀ ୧୦:୯)।*

ଯଦି ଆପଣ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବେ ଆପଣ ମଧ୍ୟ ପାପ କ୍ଷମା ପାଇପାରିବେ ଓ ଆପଣାର ସମସ୍ତ ପାପରୁ ପରିଷ୍କୃତ ହୋଇପାରିବେ।

ନିମ୍ନରେ ଏକ ସରଳ ପ୍ରାର୍ଥନା ଦିଆଯାଇଛି। ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କରିବାକୁ ଓ ସେ କ୍ରୁଶ ଉପରେ ଆପଣଙ୍କ ନିମନ୍ତେ କ'ଣ ସାଧନ କରିଛନ୍ତି ତାହା ବିଶ୍ୱାସ କରି ଜୀବନରେ ଏକ ନିଷ୍ପତ୍ତି ନେବା ପାଇଁ ଏବଂ ଆପଣଙ୍କ ପାପସବୁରୁ କ୍ଷମା ପାଇବା ପାଇଁ ଓ ସେଥିରୁ ପରିଷ୍କୃତ ହେବା ପାଇଁ ଏହି ପ୍ରାର୍ଥନା ଆପଣଙ୍କୁ ସାହାଯ୍ୟ କରିବ। ଏହି ପ୍ରାର୍ଥନା ଏକ ନମୁନା ମାତ୍ର। ଆପଣ ନିଜ ଭାଷାରେ ମଧ୍ୟ ପ୍ରାର୍ଥନା କରିପାରିବେ।

*ପ୍ରିୟ ପ୍ରଭୁ ଯୀଶୁ, ତୁମେ କ୍ରୁଶ ଉପରେ ମୋ ନିମନ୍ତେ ଯାହା ସାଧନ କରିଛ ଆଜି ମୁଁ ତାହା ବୁଝି ପାରିଛି । ମୁଁ ଯେପରି ପାପରୁ କ୍ଷମା ପାଇବି ଏଥିପାଇଁ ତୁମେ ମୋ ପାଇଁ କ୍ରୁଶରେ ପ୍ରାଣ ଦେଲ, ତୁମର ଅମୂଲ୍ୟ ରକ୍ତକୁ ବୁହାଇ ମୋର ପାପର ମୂଲ୍ୟକୁ ପରିଶୋଧ କଲ । ବାଇବଲ କହେ ଯେ କେହି ତୁମଠାରେ ବିଶ୍ୱାସ କରେ ସେ ତା'ର ପାପସବୁରୁ କ୍ଷମା ପାଇବ ।*

*ମୁଁ ତୁମଠାରେ ବିଶ୍ୱାସ କରିବାକୁ ଏବଂ ମୋ ନିମନ୍ତେ କ୍ରୁଶୀୟ ମୃତ୍ୟୁଭୋଗ କରି ଓ ପୁନରୁତ୍‌ଥିତ ହୋଇ ମୋ ନିମନ୍ତେ ତୁମେ ଯାହା ସାଧନ କରିଛ ତାହା ଗ୍ରହଣ କରିବାକୁ ଆଜି ମୁଁ ନିଷ୍ପତ୍ତି ନେଉଛି । ମୁଁ ଜାଣେ କୌଣସି ସତ୍କର୍ମ କରି ମୁଁ ନିଜକୁ ନିଜେ ଉଦ୍ଧାର କରିପାରିବି ନାହିଁ କି ଅନ୍ୟ କୌଣସି ବ୍ୟକ୍ତି ମଧ୍ୟ ମୋତେ ଉଦ୍ଧାର କରିପାରିବ ନାହିଁ । ମୁଁ କେବେ ମୋର ପାପସବୁରୁ କ୍ଷମା ପାଇପାରିବି ନାହିଁ ଓ ଏଥିନିମନ୍ତେ କିଛି କରିପାରିବି ନାହିଁ ।*

*ଆଜି ମୁଁ ମୋର ହୃଦୟରେ ବିଶ୍ୱାସ କରୁଛି ଓ ମୋ ମୁଖରେ ସ୍ୱୀକାର କରୁଛି ଯେ ତୁମେ ମୋ ନିମନ୍ତେ ମୃତ୍ୟୁଭୋଗ କରିଅଛ । ତୁମେ ମୋର ପାପର ଦଣ୍ଡକୁ ପରିଶୋଧ କରିଦେଇଛ । ତୁମେ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଛ ଓ ତୁମଠାରେ ବିଶ୍ୱାସ କରି ମୁଁ ପାପ କ୍ଷମା ପାଇଛି ଓ ମୋର ପାପସବୁରୁ ପରିଷ୍କୃତ ହୋଇଛି ।*

*ଧନ୍ୟବାଦ ଯୀଶୁ, ତୁମକୁ ପ୍ରେମ କରିବାକୁ ଓ ତୁମକୁ ଅଧିକରୁ ଅଧିକ ଜାଣିବାକୁ ଓ ତୁମଠାରେ ବିଶ୍ୱସ୍ତ ରହିବାକୁ ମୋତେ ସାହାଯ୍ୟ କର । ଆମେନ୍ ।*

## All Peoples Church
## Bible College & Ministry Training Center

ଅଲ୍ ପିପୁଲ୍ସ ଚର୍ଚ୍ଚ୍ ବାଇବଲ୍ କଲେଜ୍ ଏଣ୍ଡ୍ ମିନିଷ୍ଟ୍ରି ଟ୍ରେନିଙ୍ଗ୍ ସେଣ୍ଟର୍ (APC-BC) ବାଙ୍ଗାଲୁରୁ, ଆତ୍ମାରେ ପୂର୍ଣ୍ଣ ଓ ଅଭିଷିକ୍ତ ପ୍ରଭୁଙ୍କ ଦାସଦାସୀମାନଙ୍କୁ ବ୍ୟବହାର କରି ଅନ୍ୟମାନଙ୍କୁ ତାଲିମ୍ ଦେଇ ସୁସଜ୍ଜିତ କରେ ଯେପରି କି ସେମାନେ ପବିତ୍ର ଆତ୍ମାଙ୍କ ଅଲୌକିକ ଶକ୍ତିରେ କାର୍ଯ୍ୟ କରନ୍ତି ଏବଂ ଈଶ୍ୱରଙ୍କ ବାକ୍ୟକୁ ଅଭ୍ରାନ୍ତ ଓ ଜ୍ଞାନୋଦ୍ଦୀପକ ଭାବରେ ବ୍ୟାଖ୍ୟା କରିପାରନ୍ତି। ସେବାକାର୍ଯ୍ୟ ନିମନ୍ତେ ବ୍ୟକ୍ତିର ପୂର୍ଣ୍ଣ ବିକାଶରେ ଆମେ ବିଶ୍ୱାସ କରୁ। ସେମାନେ ଯେପରି ପ୍ରଭୁଙ୍କଠାରେ ସଂଲଗ୍ନ ଜୀବନ କାଟନ୍ତି ଏବଂ ତଦ୍ଦ୍ୱାରା ସେମାନଙ୍କଠାରେ ଐଶିକ ଚରିତ୍ର ବିକଶିତ ହୁଏ ଓ ଈଶ୍ୱରଙ୍କ ବାକ୍ୟରେ ସେମାନେ ବଦ୍ଧମୂଳ ହୁଅନ୍ତି ଏବଂ ସେମାନଙ୍କ ସେବା କାର୍ଯ୍ୟରେ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମର ଶକ୍ତିଯୁକ୍ତ ପ୍ରଦର୍ଶନ ଅନୁବର୍ତ୍ତୀ ହୁଏ ଏହା ଉପରେ ଗୁରୁତ୍ୱ ଦିଆଯାଏ। APC-BC ରେ ବଳିଷ୍ଠ ଶିକ୍ଷା ସାଙ୍ଗକୁ ଈଶ୍ୱରଙ୍କ ପ୍ରେମର ପ୍ରଦର୍ଶନ, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ଉପସ୍ଥିତି ଏବଂ ଈଶ୍ୱରଙ୍କର ଆଶ୍ଚର୍ଯ୍ୟ କାର୍ଯ୍ୟ ଉପରେ ଜୋର୍ ଦିଆଯାଏ। ଏଯାଏଁ ଅନେକ ତାଲିମ୍‌ପ୍ରାପ୍ତ ଯୁବକ ଯୁବତୀଙ୍କୁ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବା ନିମନ୍ତେ ପ୍ରେରଣ କରାଯାଇଛି।

ଏଠାରେ ତିନୋଟି ପାଠ୍ୟକ୍ରମ ପ୍ରଚଳିତ :
Certificate in Theology & Christian Ministry (C.Th.) –ଏକବର୍ଷ
Diploma in Theology & Christian Ministry (Dip.Th.)– ଦୁଇ ବର୍ଷ
Bachelor in Theology & Christian Ministry (B.Th.)– ତିନି ବର୍ଷ

**ସୋମବାରଠାରୁ ଶୁକ୍ରବାର ଯାଏଁ ପୂର୍ବାହ୍ନ ୯.୦୦ଘ. ରୁ ଅପରାହ୍ନ ୧.୦୦ ଘ.** ପର୍ଯ୍ୟନ୍ତ ଶ୍ରେଣୀରେ ଶିକ୍ଷାଦାନ କରାଯାଏ। ଦିବା ବିଦ୍ୟାର୍ଥୀ, ପେଶାଦାର ବ୍ୟକ୍ତି ଓ ବିବାହିତା ସ୍ତ୍ରୀମାନେ ମଧ୍ୟ ଏ ସମସ୍ତ ତାଲିମ୍‌ରେ ଯୋଗ ଦେଇପାରିବେ ଏବଂ ଅପରାହ୍ନ ୧.୦୦ ଘ. ପରେ ସେମାନଙ୍କ କାର୍ଯ୍ୟକୁ ଯାଇପାରିବେ। ଆବାସିକ ଛାତ୍ରଛାତ୍ରୀଙ୍କ ନିମନ୍ତେ ପୃଥକ୍ ହୋଷ୍ଟେଲ୍‌ମାନ ରହିଛି। ପଢ଼ା ଦିନମାନଙ୍କରେ ଆବାସିକ ଛାତ୍ରଛାତ୍ରୀମାନେ ଅପରାହ୍ନ ୨.୦୦ ଘ.ରୁ. ୫.୦୦ ଘ. ପର୍ଯ୍ୟନ୍ତ କ୍ଷେତ୍ର କାର୍ଯ୍ୟ, ସ୍ୱତନ୍ତ୍ର ସେମିନାର୍, ପ୍ରାର୍ଥନା ଓ ଉପାସନାରେ ଯୋଗ ଦେଇଥାନ୍ତି। ଅଣଆବାସିକ ଛାତ୍ରଛାତ୍ରୀମାନେ ଏଥିରେ ଯୋଗ ଦେବା ସେମାନଙ୍କ ଇଚ୍ଛାଧୀନ। ସପ୍ତାହର ଶେଷ ଦିନମାନଙ୍କରେ ବିଭିନ୍ନ ମାଣ୍ଡଳିକ ସେବାରେ ଯୋଗ ଦେଇ ସେଠାରେ ବିଭିନ୍ନ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯାଏ। ଅନ୍‌ଲାଇନ୍‌ରେ ଦରଖାସ୍ତ ପଠାଇବାକୁ ଓ ଏହି କଲେଜର କାର୍ଯ୍ୟକ୍ରମ, ଯୋଗ୍ୟତା, ଟ୍ୟୁସନ୍ ଖର୍ଚ୍ଚ ବିଷୟରେ ଜାଣିବା ଏବଂ ଦରଖାସ୍ତ ଫର୍ମକୁ ଡାଉନ୍‌ଲୋଡ୍ କରିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/biblecollegeକୁ ପରିଦର୍ଶନ କରନ୍ତୁ।

APC-BC is accredited by the
Nations Association for
Theological Accreditation (NATA)

ଆମ ପ୍ରତ୍ୟେକଙ୍କ ନିମନ୍ତେ ଈଶ୍ୱରଙ୍କର ଏକ ଯୋଜନା ଓ ଉଦ୍ଦେଶ୍ୟ ରହିଛି । ଆମମାନଙ୍କ ଜୀବନରେ ରହିଥିବା ଈଶ୍ୱରଙ୍କର ସେହି ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ଈଶ୍ୱରଙ୍କ ସଙ୍ଗେ ଆମେ ସହଯୋଗ କରିବାକୁ ହେବ । ଆପଣଙ୍କ ଜୀବନ ନିମନ୍ତେ ରହିଥିବା ଈଶ୍ୱରଙ୍କର ଉଦ୍ଦେଶ୍ୟକୁ କିପରି ଜାଣିପାରିବେ ଓ ସେ ଆପଣଙ୍କ ନିମନ୍ତେ ଯେଉଁସବୁ ଯୋଜନା ରଖିଛନ୍ତି ତାହା ସଫଳତାର ସହ ସମ୍ପୂର୍ଣ୍ଣ କରିବା ପାଇଁ କ'ଣ କରିବା ଆବଶ୍ୟକ, ଏହି ପୁସ୍ତକରେ ଏହା ଶିକ୍ଷା ଦିଆଯାଇଛି ।

ଆପଣଙ୍କ ଜୀବନ ନିମନ୍ତେ ରହିଥିବା ଈଶ୍ୱରଙ୍କର ସ୍ୱପ୍ନକୁ ଆପଣ ଜାଣନ୍ତୁ । ଆପଣଙ୍କ ଜୀବନ ନିମନ୍ତେ ରହିଥିବା ଈଶ୍ୱରଙ୍କ ଉଦ୍ଦେଶ୍ୟକୁ ନେଇ ବଞ୍ଚିବାର ପଟାନ୍ତର ନାହିଁ, କାରଣ ବଞ୍ଚିବା ପାଇଁ ଏହାଠାରୁ ବଳି ଉଚ୍ଚତର ଓ ମହତ୍ତର ଉଦ୍ଦେଶ୍ୟ ଓ ସୁଯୋଗ ଆଉ କିଛି ନାହିଁ । ସ୍ୱର୍ଗୀୟ ଆହ୍ୱାନକୁ ଅନୁସରଣ ଓ ପୂରଣ କରିବାରେ ଯେଉଁ ସନ୍ତୋଷ ମିଳେ ତାହା ଅନ୍ୟ କାହିଁରେ ମିଳେନାହିଁ । ଈଶ୍ୱରଙ୍କ ସଙ୍ଗେ ଗମନାଗମନ କରିବା ଓ ଆମ ନିମନ୍ତେ ସେ ପରିକଳ୍ପନା କରିଥିବା ବିଷୟସବୁକୁ ସଫଳ କରିବାଠାରୁ ବଳି ବଡ଼ ଦୁଃସାହସିକ କାର୍ଯ୍ୟ କିଛି ନାହିଁ ।

ଆପଣଙ୍କ ଜୀବନ ନିମନ୍ତେ ରହିଥିବା ଈଶ୍ୱରଙ୍କର ସ୍ୱପ୍ନକୁ ଅନୁସରଣ କରି ଏହି ଯାତ୍ରାକୁ ଉପଭୋଗ କରନ୍ତୁ !

***ଆଶିଷ୍ ରାଇଚୁର୍***